


ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି


The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର ୧୯ ଜୁନ୍ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 19 JUNE 2021
Vol.No. 32 ■ No. 153 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019

ଶୁଭେଚ୍ଛା ସହ
ସାଗରିକା
ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

## ଅନଲାଇନରେ ହେବ ୟୁଜି ଓ ପିଜି ଫାଇନାଲ ପରୀକ୍ଷା



ଭୁବନେଶ୍ୱର,୧୮/୦୬ (ନି.ପ୍ର): ରାଜ୍ୟରେ ବିଭିନ୍ନ ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ସ୍ନାତକ ଓ ସ୍ନାତକତୋର ( ୟୁଜି ଓ ପିଜି)ର ଫାଇନାଲ ସେମିଷ୍ଟର ପରୀକ୍ଷା ଅନଲାଇନରେ ଅନୁଷ୍ଠିତ ହେବ । ଉଚ୍ଚ ଶିକ୍ଷା ମନ୍ତ୍ରୀ ଅରୁଣ ସାହୁ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ଏହି ପରୀକ୍ଷା ଜୁଲାଇ- ଅଗଷ୍ଟ ମଧ୍ୟରେ ଅନୁଷ୍ଠିତ ହେବ । ସଂପୃକ୍ତ ବିଶ୍ୱବିଦ୍ୟାଳୟ ଓ ଅଟନମୋସ ମହାବିଦ୍ୟାଳୟ ଗୁଡିକୁ ପରୀକ୍ଷା ତାରିଖ ସ୍ଥିର କରିବାକୁ କୁହା ଯାଇଥିବା ସେ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ ଅନଲାଇନରେ ପରୀକ୍ଷା କରାଇବା ନିଷ୍ପତି ବିଭିନ୍ନ ବିଶ୍ୱବିଦ୍ୟାଳୟର କୁଳପତି ମାନଙ୍କର ବୈଠକରେ ମିଳିଥିବା ପରାମର୍ଶ ଆଧାରରେ ନିଆ ଯାଇଛି । ସେ କହିଛନ୍ତି ଯେ ଅନ୍ୟ ସେମିଷ୍ଟାର ପରୀକ୍ଷା ଆୟୋଜନ ସମ୍ପର୍କରେ ପରବର୍ତୀ ସମୟରେ ନିଆ ଯିବ । ଯଦି କୌଣସି ପରୀକ୍ଷାର୍ଥୀଙ୍କର ବ୍ୟାକ ପେପର ଥିବ ତେବେ ସେମାନଙ୍କର ପରୀକ୍ଷା ମଧ୍ୟ ଜୁଲାଇ - ଅଗଷ୍ଟ ସୁଦ୍ଧା ଶେଷ ହେବ । ଯେଉଁ ମାନଙ୍କ ପାଖରେ ଇଂଟରନେଟ ସୁବିଧା ରହିଛି ସେମାନେ ଘରେ ପରୀକ୍ଷା ଦେଇ ପାରିବେ ତଥା ଯେଉଁ ମାନଙ୍କ ପାଖରେ ଏହି ସୁବିଧା ନାହିଁ ସେମାନେ ନିକଟବର୍ତୀ ଡିଗ୍ରୀ କଲେଜରେ ପରୀକ୍ଷା ଦେଇ ପାରିବେ । ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟର ଅଧିକାରୀ ମାନେ କିପରି ଭାବେ ଅନଲାଇନ ପରୀକ୍ଷା ହେବ ସେ ନେଇ ନିଷ୍ପତି ଗ୍ରହଣ କରିବେ।

## ଅଗଷ୍ଟ ଦ୍ୱିତୀୟ ସପ୍ତାହରେ ଯୁକ୍ତ ୨ ରେଜଲ୍ଟ

ଭୁବନେଶ୍ୱର,୧୮/୦୬ (ନି.ପ୍ର): ଅଗଷ୍ଟ ଦ୍ୱିତୀୟ ସପ୍ତାହରେ ବାହାରିବ ଯୁକ୍ତ ଦୁଇ ପରୀକ୍ଷା ଫଳ। ଦଶମ ପରୀକ୍ଷା ମାର୍କ ଭିତିରେ ମୂଲ୍ୟାୟନ କରାଯିବ। ରେଗୁଲାର ପିଲାଙ୍କ ମାର୍କିଂ ମ୍ୟାଟ୍ରିକ୍ ଭିତିରେ ଏବଂ ଏକ୍ସରେଗୁଲାର ପିଲାଙ୍କ ମାର୍କିଂ ପୂର୍ବଥର +୨ ପରୀକ୍ଷା ଭିତିରେ ହେବ। ପୂର୍ବଥର +୨ ପରୀକ୍ଷା ଦେଇଥିଲେ ପାସ୍ କରିଥିବା ବିଷୟ ଭିତିରେ ମାର୍କିଂ ବୋଲି ସିଏଚଏସଇ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଯେଉଁମାନେ ମାର୍କରେ ସନ୍ତୁଷ୍ଟ ନହେବେ, ପରେ ପରିସ୍ଥିତି ସ୍ୱାଭାବିକ ହେଲା ପରେ ଅଫ୍ ଲାଇନ୍‌ରେ ପରୀକ୍ଷା ଦେଇପାରିବେ ବୋଲି ସ୍ପଷ୍ଟ କରାଯାଇଛି। ସିଏଚଏସଇ ପକ୍ଷରୁ ଜାରୀ ବିଜ୍ଞପ୍ତି ଅନୁସାରେ ମାଟ୍ରିକ୍ ପରୀକ୍ଷାରେ ପ୍ରଦର୍ଶନ ଅନୁଯାୟୀ ଯୁକ୍ତ ୨ ଥିଓରୀ ମାର୍କିଂ କରାଯିବ। ଏକ୍ସରେଗୁଲାର ପିଲାଙ୍କର ପୂର୍ବ ସିଏଚଏସଇ ପରୀକ୍ଷାରେ ପାସ୍ କରିଥିବା ବିଷୟ ଆଧାରରେ ଥିଓରୀ ମାର୍କିଂ ହେବ। ଉଭୟ ରେଗୁଲାର ଓ ଏକ୍ସ ରେଗୁଲାର ପିଲାଙ୍କର ପ୍ରାକ୍ଟିକାଲ ମାର୍କିଂ ହାୟର ସେକେଣ୍ଡାରୀ ସ୍କୁଲ ସ୍ତରରେ ହୋଇଥିବା ପରୀକ୍ଷା ଆଧାରରେ ହେବ। ଯେଉଁମାନେ ମାର୍କିଂ ସନ୍ତୁଷ୍ଟ ନହେବେ ପରିସ୍ଥିତି ସୁଧୁରିବା ପରେ ସେମାନେ ଅଫଲାଇନ୍ ରେ ପରୀକ୍ଷା ଦେଇପାରିବେ। ପରୀକ୍ଷା ମାର୍କିଂ ସମ୍ପର୍କରେ ସମସ୍ତ ତଥ୍ୟ ସିଏଚଏସଇ ୱେବସାଇଟ୍ ରେ ଉପଲବ୍ଧ କରାଯାଇଛି।

## କରୋନାର ତୃତୀୟ ଲହର ବିରୋଧରେ ଲଢିବାକୁ ପ୍ରସ୍ତୁତ ହେଉଛନ୍ତି ୧ ଲକ୍ଷ କରୋନା ଯୋଦ୍ଧା



ଭୁବନେଶ୍ୱର,୧୮/୦୬(ନି.ପ୍ର): ଦେଶରେ କରୋନାର ଦ୍ୱିତୀୟ ଲହର ପରେ ତୃତୀୟ ଲହର ଆସୁଥିବା ନେଇ ସଂକେତ ମିଳିବା ପରେ ଏବେ ସରକାର ଏହାର ମୁକାବିଲା କରିବାକୁ ପ୍ରସ୍ତୁତି ଆରମ୍ଭ କରିଛନ୍ତି । ଏହି କ୍ରମରେ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶର ୨୬ ଟି ରାଜ୍ୟରେ ୧୧୧ ଟି ଟ୍ରେନିଂ ସେଣ୍ଟରର ଶୁଭାରମ୍ଭ କରିଛନ୍ତି । ଏହି ଟ୍ରେନିଂ ସେଣ୍ଟର ମାନଙ୍କରେ ସ୍ୱାସ୍ଥ୍ୟ ବିଭାଗର ଆଗ ଧାଡିର କରୋନା ଯୋଦ୍ଧାମାନେ ଟ୍ରେନିଂ ନେବେ । ଏହି ଅବସରରେ ପ୍ରଧାନମନ୍ତ୍ରୀ କହିଛନ୍ତି କି ସାବଧାନତା ସହିତ ଆଗକୁ ଆସୁଥିବା ଚ୍ୟାଲେଞ୍ଜକୁ ସାମ୍ନା କରିବା ପାଇଁ ପ୍ରସ୍ତୁତିକୁ ଆଗକୁ ବଢାଇବାକୁ ପଡିବ । ପ୍ରଧାନମନ୍ତ୍ରୀ ଆହୁରି କହିଛନ୍ତି କି ଦେଶରେ ଏବେ ୧ ଲକ୍ଷରୁ ଅଧିକ ଆଗ ଧାଡିର କରୋନା ଯୋଦ୍ଧାଙ୍କୁ ପ୍ରସ୍ତୁତ କରିବାକୁ ମହା ଅଭିଯାନ ଆରମ୍ଭ କରାଯାଇଛି । ଏହାସହ କରୋନା ଭୂତାଣୁ ବାରମ୍ବାର ତାର ସ୍ୱରୂପ ବଦଳାଉଥିବା ନେଇ ପ୍ରଧାନମନ୍ତ୍ରୀ ଚିନ୍ତା ପ୍ରକଟ କରିଛନ୍ତି । ଅନ୍ୟପଟେ ମହାଭିଯାନରେ ସାମିଲ ହୋଇ ଟ୍ରେନିଂ ନେବାକୁ ଆରମ୍ଭ କରିଥିବା କରୋନା ଯୋଦ୍ଧାମାନେ ୩ ମାସ ମଧ୍ୟରେ କ୍ଷେତ୍ରରେ କାମ କରିବେ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଏହି ଅଭିଯାନ ଫଳରେ କରୋନା ମହାମାରୀ ବେଳେ ଲଢୁଥିବା ଆଗ ଧାଡିର ସ୍ୱାସ୍ଥ୍ୟକର୍ମୀଙ୍କୁ ୧ ଲକ୍ଷ ଯୁବକ ଯୁବତୀ ସହଯୋଗ କରିବା ସହ ସେମାନଙ୍କୁ ରୋଜଗାର ମିଳିବ ବୋଲି ସେ କହିଛନ୍ତି ।

## ୟୁନିଟ୍-୪ ଆମିଷ ମାର୍କେଟ, ବାପୁଜୀ ନଗର ମାର୍କେଟ ସିଲ୍

ଭୁବନେଶ୍ୱର,୧୮/୦୬ (ନି.ପ୍ର): କରୋନା କଟକଣା ଉଲ୍ଲଂଘନ ଅଭିଯୋଗରେ ୟୁନିଟ୍-୪ ଆମିଷ ମାର୍କେଟ ଏବଂ ବାପୁଜୀ ନଗର ମାର୍କେଟ ସିଲ୍ ହୋଇଛି। ଜୁନ୍ ୨୫ ତାରିଖ ଯାଏଁ ଦୁଇଟି ମାର୍କେଟକୁ ସିଲ୍ କରିଛି ବିଏମସି । ଉଲ୍ଲେଖ୍ୟଯୋଗ୍ୟ ୟୁନିଟ୍ ୪ ଆମିଷ ମାର୍କେଟ୍ ଓ ବାପୁଜୀନଗର ମାର୍କେଟ୍ ରେ ପ୍ରବଳ ଗହଳି ପରିଲକ୍ଷିତ ହେଉଛି।

## ୧୦ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ

ଭୁବନେଶ୍ୱର,୧୮/୦୬ (ନି.ପ୍ର): ଆସନ୍ତା ୨୪ଘଂଟା ମଧ୍ୟରେ ରାଜ୍ୟର ୧୦ ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା ରହିଥିବା ଭୁବନେଶ୍ୱର ଆଂଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ଦେବଗଡ଼, ଅନୁଗୁଳ, କେନ୍ଦୁଝର, ମୟୁରଭଞ୍ଜ, ଢ଼େଙ୍କାନାଳ, ବରଗଡ଼ ଓ ବାଲେଶ୍ୱର ଆଦି ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା ଥିବାରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଆସନ୍ତାକାଲି ବର୍ଷାର ପରିମାଣ କମିବାକୁ ଥିବା ବେଳେ ୨୧ ତାରିଖରୁ ପୁଣି ବର୍ଷା ବଢିବ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି।

## ଘୋଡ଼ା ଓ ଯୋଦ୍ଧା ମୂର୍ତିକୁ ସ୍ଥାନାନ୍ତରଣ ନକରି ମାଷ୍ଟରକ୍ୟାଂଟିନର ସୌନ୍ଦର୍ଯ୍ୟକରଣ ପାଇଁ ବିଚାର କରନ୍ତୁ ସରକାର : ଧର୍ମେନ୍ଦ୍ର ପ୍ରଧାନ



ଭୁବନେଶ୍ୱର,୧୮/୦୬ (ନି.ପ୍ର): ଘୋଡ଼ା ଓ ଯୋଦ୍ଧା ମୂର୍ତିକୁ ସ୍ଥାନାନ୍ତରଣ ନକରି ମାଷ୍ଟରକ୍ୟାଂଟିନର ସୌନ୍ଦର୍ଯ୍ୟକରଣ ପାଇଁ ବିଚାର କରିବାକୁ ରାଜ୍ୟ ସରକାରଙ୍କୁ ଅପିଲ କରିଛନ୍ତି କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ ଟ୍ୱିଟ କରି ଏହି ଅପିଲ କରିଛନ୍ତି । ଶ୍ରୀ ପ୍ରଧାନ ଟ୍ୱିଟ କରି କହିଛନ୍ତି ଯେ - ଓଡ଼ିଶାର ସମୃଦ୍ଧ ଐତିହ୍ୟ ଓ କୀର୍ତିରାଜିର ପ୍ରତୀକ ଭୁବନେଶ୍ୱରର ମାଷ୍ଟରକ୍ୟାଂଟିନ ଛକରେ ଥିବା ଘୋଡ଼ା ଓ ଯୋଦ୍ଧା ମୂର୍ତିକୁ ସ୍ଥାନାନ୍ତର କରିବା ନିଷ୍ପତିକୁ ସବୁ ମହଲରୁ ନାପସନ୍ଦ କରାଯାଉଛି । ୧୯୬୪ ମସିହାରେ କୋଣାର୍କ ଘୋଡା ଓ ଯୋଦ୍ଧାକୁ ଓଡ଼ିଶା ଶାସନର ପ୍ରତୀକ ରୂପେ ଗ୍ରହଣ କରାଯାଇଥିଲା । ସେ କହିଛନ୍ତି ଯେ - ପରବର୍ତ୍ତୀ ପର୍ଯ୍ୟାୟରେ ୧୯୮୮ ମସିହାରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଦ୍ୱାରା ଓଡ଼ିଶାର ପ୍ରଖ୍ୟାତ ସ୍ଥପତି ପଦ୍ମବିଭୂଷଣ ସ୍ୱର୍ଗତ ରଘୁନାଥ ମହାପାତ୍ରଙ୍କ ଅନନ୍ୟ ସୃଷ୍ଟି ଘୋଡ଼ା ଓ ଯୋଦ୍ଧା ମୂର୍ତିକୁ ମାଷ୍ଟରକ୍ୟାଂଟିନ ଛକରେ ସ୍ଥାପିତ କରାଯାଇଥିଲା । ରାଜ୍ୟର ବିଶିଷ୍ଟ ବ୍ୟକ୍ତି ବିଶେଷ ମାନଙ୍କୁ ଏହି କୀର୍ତିରାଜିର ସ୍ଥାନାନ୍ତରଣ ବ୍ୟଥିତ କରିଛି । ଏହି କୀର୍ତିରାଜି ଆମ ଐତିହ୍ୟର ପରିଚୟ । ସମସ୍ତ ଓଡ଼ିଶାବାସୀଙ୍କ ଭାବାବେଗକୁ ସମ୍ମାନ ଦେଇ ରାଜ୍ୟ ସରକାର ଏହାକୁ ସୁରକ୍ଷିତ ରଖିବା ସହ ସ୍ଥାନାନ୍ତରଣ ନକରି ମାଷ୍ଟରକ୍ୟାଂଟିନର ସୌନ୍ଦର୍ଯ୍ୟକରଣ ପାଇଁ ବିଚାର କରନ୍ତୁ ବୋଲି ସେ କହିଛନ୍ତି ।

## ହାଇକୋର୍ଟରେ ପହଞ୍ଚିଲା ରାଜ୍ୟର କରୋନା ମୃତ୍ୟୁ ମାମଲା
### ସ୍ୱତନ୍ତ୍ର ଅଡିଟ୍ ପାଇଁ ଦାୟର ହେଲା ଜନସ୍ୱାର୍ଥ ମାମଲା



ଭୁବନେଶ୍ୱର,୧୮/୦୬(ନି.ପ୍ର): ହାଇକୋର୍ଟରେ ପହଞ୍ଚିଛି ରାଜ୍ୟର କରୋନା ମୃତ୍ୟୁ ମାମଲା । ରାଜ୍ୟରେ କରୋନାରେ କେତେ ଜଣଙ୍କର ମୃତ୍ୟୁ ହୋଇଛି, ଏହାର ସ୍ୱତନ୍ତ୍ର ଅଡିଟ୍ କରିବା ପାଇଁ ଜନସ୍ୱାର୍ଥ ମାମଲା ଦାୟର କରିଛନ୍ତି ଆଇନଜୀବୀ ନିଶିକାନ୍ତ ମିଶ୍ର । ବିଭିନ୍ନ ହସ୍ପିଟାଲ ଓ ଘରେ ଚିକିତ୍ସିତ ହେଉଥିବା ବେଳେ କେତେ ଲୋକ ଏହି ମହାମାରୀରେ ଆଖି ବୁଜିଛନ୍ତି ତାହାର ଅଡିଟ୍ କରାଯାଉ । ଏଭଳି କିଛି ଆବେଦନ କରି ପିଟିସନରେ ମୁଖ୍ୟ ଶାସନ ସଚିବଙ୍କ ସହ ୭ ଜଣଙ୍କୁ ପକ୍ଷଭୁକ୍ତ କରିଛନ୍ତି ଆଇନଜୀବୀ ନିଶିକାନ୍ତ ମିଶ୍ର । ଏହାସହ ରାଜ୍ୟରେ ଟିକାକରଣ ଓ ଟେଷ୍ଟିଂକୁ ତ୍ୱରାନ୍ୱିତ କରିବା ପାଇଁ ସେ ଆବେଦନରେ ଦର୍ଶାଇଛନ୍ତି ।

## ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ୮ଟି ଜିଲ୍ଲାରେ ବିଭିନ୍ନ ସ୍ୱାସ୍ଥ୍ୟ ଭିତ୍ତିଭୂମି ଓ ଅକ୍ସିଜେନ ପ୍ଲାଣ୍ଟର ଉଦଘାଟନ



ଭୁବନେଶ୍ୱର,୧୮/୦୬(ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ଭିଡିଓ କନଫରେନସିଂ ଜରିଆରେ ରାଜ୍ୟର ୮ଟି ଜିଲ୍ଲାରେ ବିଭିନ୍ନ ସ୍ୱାସ୍ଥ୍ୟ ଭିତ୍ତିଭୂମି, ତରଳ ଅକ୍ସିଜେନ ପ୍ଲାଣ୍ଟ ଓ ଚାପ ଅବଶୋଷଣ ପ୍ରଣାଳୀରେ ଅକ୍ସିଜେନ ଉତ୍ପାଦନ ବ୍ୟବସ୍ଥାର ଭିତ୍ତିପ୍ରସ୍ତର ରଖିବା ସହିତ ଅନ୍ୟାନ୍ୟ ଭିତ୍ତିଭୂମିର ଉଦଘାଟନ କରିଛନ୍ତି। ଏହି ୮ଟି ଜିଲ୍ଲା ହେଉଛି ଝାରସୁଗୁଡା, ଭଦ୍ରକ, ଜଗତସିଂହପୁର, ପୁରୀ, ସୋନପୁର, ନୟାଗଡ, ସୁନ୍ଦରଗଡ ଏବଂ ମୟୁରଭଂଜ । ସୂଚନାଯୋଗ୍ୟ ଯେ ରାଜ୍ୟରେ ୨୦ଟି ଚାପ ଅବଶୋଷଣ ପ୍ରଣାଳୀରେ ଅକ୍ସିଜେନ ଉତ୍ପାଦନ ବ୍ୟବସ୍ଥା କରିବା ପାଇଁ ଲକ୍ଷ୍ୟ ରଖାଯାଇଥିବା ବେଳେ ଜୁନ୍ ୯ ତାରିଖରେ ୭ଟି ଓ ଆଜି ୮ଟି ପିଏସଏ ପ୍ଲାଣ୍ଟର ଭିତ୍ତିପ୍ରସ୍ତର ରଖାଯାଇଛି । ଏହି ୨୦ଟି ପ୍ଲାଣ୍ଟ ଦ୍ୱାରା ମିନିଟ୍ ପ୍ରତି ୨୪ ହଜାର ଲିଟର ମେଡିକାଲ ଅକ୍ସିଜେନ ଉତ୍ପାଦିତ ହୋଇପାରିବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବର୍ତ୍ତମାନ ରାଜ୍ୟରେ କୋଭିଡ ପରିସ୍ଥିତିରେ ଯଥେଷ୍ଟ ଉନ୍ନତି ଆସିଛି । ତଥାପି ଆମକୁ ଆହୁରି ସାବଧାନ ହେବାକୁ ପଡିବ । ତୃତୀୟ ଲହର ପାଇଁ କେତେକ ରାଜ୍ୟରେ ବିଶେଷଜ୍ଞମାନେ ସତର୍କ ସୂଚନା ଦେଇଛନ୍ତି ବୋଲି ପ୍ରକାଶ କରି ଆମ ରାଜ୍ୟରେ ଏଥିପାଇଁ ସଂପୂର୍ଣ୍ଣ ଭାବରେ ପ୍ରସ୍ତୁତ ରହିବାକୁ ସେ ପରାମର୍ଶ ଦେଇଛନ୍ତି । ▶▶ପୃଷ୍ଠା ୭

## ୬ ମାସ ପରେ ଜେଲରୁ ମୁକୁଳିଲେ ଅଭୟ ପାଠକ



ଭୁବନେଶ୍ୱର,୧୮/୦୬(ନି.ପ୍ର): ଜେଲରୁ ମୁକୁଳିଲେ ବିବାଦୀୟ ପୂର୍ବତନ ଆଇଏଫଏସ୍ ଅଧିକାରୀ ଅଭୟକାନ୍ତ ପାଠକ । ପ୍ରାୟ ୬ ମାସ କାଳ ଜେଲରେ ରହିବା ପରେ ସେ ଆଜି ମୁକୁଳିଛନ୍ତି । ତେବେ ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ମାମଲାରେ ତାଙ୍କୁ ଗିରଫ କରାଯାଇଥିଲା । ଏହାର ଦୀର୍ଘ ଦିନ ପରେ ସେ ଆଜି ଜେଲରୁ ବାହାରକୁ ଆସିଛନ୍ତି । ଗତବର୍ଷ ନଭେମ୍ବର ୨୭ ତାରିଖରେ ଆଇଏଫଏସ୍ ଅଭୟକାନ୍ତ ପାଠକକୁ ଭିଜିଲାନ୍ସର ସ୍ୱତନ୍ତ୍ର ଟିମ୍ ଗିରଫ କରିଥିଲା । ତାଙ୍କ ବିରୋଧରେ ସମ୍ପତ୍ତି ଠୁଳ ▶▶ପୃଷ୍ଠା ୭

## ୪୦ ବିଶେଷଜ୍ଞ ଡାକ୍ତରଙ୍କୁ ନେଇ ରୟଟର ସର୍ଭେ
### ଅକ୍ଟୋବରରେ ଆସିପାରେ କରୋନାର ତୃତୀୟ ଲହର



ନୂଆଦିଲ୍ଲୀ,୧୮/୦୬: ଭାରତରେ କୋଭିଡର ତୃତୀୟ ଲହରକୁ ନେଇ ଚର୍ଚ୍ଚା ଭିତରେ ଅନ୍ତର୍ଜାତୀୟ ଖବର ସରବରାହ ସଂସ୍ଥା ରୟଟର, ବିଶ୍ୱର ୪୦ ଜଣ ବିଶେଷଜ୍ଞଙ୍କୁ ନେଇ ଏକ ସର୍ଭେ କରିଛି । ଏହି ସର୍ଭେରୁ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସାମନାକୁ ଆସିଛି । ମହାରାଷ୍ଟ୍ରର ରାଜ୍ୟ କୋଭିଡ୍ ଟାସ୍କଫୋର୍ସ ପୂର୍ବାନୁମାନ କରିଥିଲା, ଯେ ଦୁଇରୁ ଚାରି ସପ୍ତାହ ମଧ୍ୟରେ ସେଠାରେ ତୃତୀୟ ଲହର ଆସିପାରେ । କିନ୍ତୁ ବିଶ୍ୱର ୪୦ ଜଣ ବିଶେଷଜ୍ଞ ଯେଉଁ ମତ ଦେଇଛନ୍ତି ,ସେଥିରୁ ଭିନ୍ନ ତଥ୍ୟ ସାମନାକୁ ଆସିଛି । ଜୁନ୍ ୩ ତାରିଖରୁ ୧୭ ତାରିଖ ମଧ୍ୟରେ ବିଶ୍ୱର ୪୦ଜଣ ବିଶିଷ୍ଟ ହେଲଥ କେୟାର ସ୍ପେଶାଲିଷ୍ଟ, ଡାକ୍ତର, ବୈଜ୍ଞାନିକ,ଭୂତାଣୁ ବିଶେଷଜ୍ଞ , ମହାମାରୀ ବିଶେଷଜ୍ଞଙ୍କୁ ନେଇ ଏହି ସର୍ଭେ କରିଛି । ଭାରତର ବରିଷ୍ଠ ଚିକିତ୍ସକ ଡାକ୍ତର ଦେବୀ ସେଟ୍ଟୀ ଓ ଏମ୍ସର ନିର୍ଦ୍ଦେଶକ ଡାକ୍ତର ରଣଦୀପ ଗୁଲେରିଆ ମଧ୍ୟ ଏଥିରେ ସାମିଲ ଥିଲେ । ତେବେ ନଜର ପକାନ୍ତୁ, ସର୍ଭେର ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଉପରେ.. ୮୫ ପ୍ରତିଶତ ବିଶେଷଜ୍ଞ କହିଥିଲେ ଅକ୍ଟୋବରରେ ଭାରତରେ ତୃତୀୟ ଲହର ଆସିବାର ▶▶ପୃଷ୍ଠା ୭

## ପ୍ରାୟ ୨ ବର୍ଷ ହେଲାଣି ବସ୍ତାନୀ ଖୋଲି ନାହାନ୍ତି ଓଡିଆ ସ୍କୁଲ ପିଲା
### ମୋବାଇଲ ନଥିବାରୁ ହୋଇପାରୁନି ଅନଲାଇନ୍ ପାଠପଢା



ଭୁବନେଶ୍ୱର,୧୮/୦୬(ନି.ପ୍ର): କରୋନା ଯୋଗୁଁ ବସ୍ତାନୀ ଖୋଲି ନାହାଁନ୍ତି ଓଡିଆ ସ୍କୁଲ ପିଲା । ପ୍ରାୟ ଦୁଇବର୍ଷ ହେଲାଣି ସ୍କୁଲ ବନ୍ଦ ରହିଥିବାବେଳେ ଘରେ ମୋବାଇଲ ନଥିବା କାରଣରୁ ଅନଲାଇନରେ ପିଲା ପାଠ ପଢ଼ି ପାରୁନାହାଁନ୍ତି । ବିଶେଷ କରି ଓଡିଶାର ଉପାନ୍ତ ଅଞ୍ଚଳର ପିଲାମାନେ ପାଠପଢ଼ାରୁ ବଞ୍ଚିତ ହେଉଛନ୍ତି । ପଢ଼ିବାକୁ ଇଚ୍ଛା ଅଛି, ହେଲେ ସାଧନ ନାହିଁ । କରୋନା ଯୋଗୁଁ ସ୍କୁଲ ବନ୍ଦ, ମୋବାଇଲ ନଥିବାରୁ ଅନ୍ଲାଇନ୍ କ୍ଲାସ ମଧ ବନ୍ଦ । ଆଉ ଏହାରି ଭିତରେ ଅସୁବିଧା ଭୋଗୁଛନ୍ତି ଅନେକ ଛାତ୍ରଛାତ୍ରୀ । ନବମ ଶ୍ରେଣୀରେ ବଢୁଥିବା ବାସନ୍ତି ଏବଂ ପ୍ରିୟଙ୍କା ▶▶ପୃଷ୍ଠା ୭

## ବେଆଇନ ତେଲ ଡ଼ିପୋ ଉପରେ ଚଢ଼ଉ

### ଶହେରୁ ଉର୍ଦ୍ଧ୍ୱ ଲିଟର ଡ଼ିଜେଲ, ୨ ଟ୍ୟାଙ୍କର ଜବତ : ଦୁଇ ଅଟକ

ଧର୍ମଶାଳା,୧୮/୬ (ନି.ପ୍ର): ଆକ୍ସନ ମୁଡରେ ଧର୍ମଶାଳା ପୁଲିସ । ଦୀର୍ଘ ଦିନ ଧରି ଧର୍ମଶାଳା ଥାନା ଶ୍ରୀରାମପୁର ଟୋଲ ପ୍ଲାଜା ନିକଟରେ ଚଣ୍ଡିଖୋଲ-ପାରାଦ୍ୱୀପ ଜାତୀୟ ରାଜପଥ କଡରେ ଚାଲିଥିବା ବେଆଇନ ତେଲ ଡିପୋ ଉପରେ ଆଜି ଅତର୍କିତ ଚଢ଼ଉ କରିଛି ପୁଲିସ । ଏହି ଜାତୀୟ ରାଜପଥ କଡରେ ଦୈନଦିନ ୨୦ରୁ ଉର୍ଦ୍ଧ୍ୱ ବିଭିନ୍ନ ତୈଳ କମ୍ପାନୀର ଟ୍ୟାଙ୍କରରୁ ସ୍ଥାନୀୟ ଅଂଚଳର କିଛି ମାଫିଆ ଟ୍ୟାଙ୍କର ଚାଳକଙ୍କ ସହାୟତାରେ କମ୍ ଦରରେ ତେଲ କିଣି ବିଭିନ୍ନ ଅଂଚଳକୁ ଅଧିକ ମୂଲ୍ୟରେ ଚାଲାଣ କରିଥାନ୍ତି । ଖବର ପାଇ ଧର୍ମଶାଳା ଥାନା ଅଧିକାରୀ ସରୋଜ ସାହୁ ସଦଳବଳେ ଏହି ଅଂଚଳରେ ଚଢ଼ଉ କରିଥିଲେ । ଫଳରେ ତୈଳ ଡିପୋରେ ଗଚ୍ଛିତ ଥିବା ଶହେରୁ ଉର୍ଦ୍ଧ୍ୱ ଲିଟର ଡିଜେଲ, ରାସ୍ତା ଉପରୁ ୨ଟି ଟ୍ୟାଙ୍କର, ବ୍ୟବହୃତ କିଛି ଅତ୍ୟାଶ୍ୟକୀୟ ସରଞ୍ଜାମ ଜବତ କରାଯିବା ସହ ୨ ଜଣ ଚାଳକକୁ ଥାନାରେ ଅଟକ ରଖି ପଚରାଉଚୁରା ଜାରି ରଖିଛି ପୋଲିସ । ଅନ୍ୟପକ୍ଷରେ ଘଟଣା ପରେ ଏଥିରେ ସମ୍ପୃକ୍ତ ଥିବା ସ୍ଥାନୀୟ ଅଂଚଳର କିଛି ମୁଷ୍ଟିମେୟ ବ୍ୟକ୍ତି ଫେରାର୍ ହୋଇଯାଇଥିବା ଜଣାପଡିଛି ।

# ବିଭିନ୍ନ ଦାବିରେ ଓଡିଶା ଫାର୍ମାସିଷ୍ଟ ଆସୋସିଏସନ କନ୍ଧମାଳ ଶାଖା ପକ୍ଷରୁ ପ୍ରତୀକାତ୍ମକ ଆନ୍ଦୋଳନ

କନ୍ଧମାଳ,୧୮/୬ (ନି.ପ୍ର): ଓଡିଶା ଫାର୍ମାସିଷ୍ଟ ଆସୋସିଏସନ କନ୍ଧମାଳ ଶାଖାର ପ୍ରତୀକାତ୍ମକ ଆନ୍ଦୋଳନ ଗତ ୧୦ ତାରିଖଠାରୁ ଆରମ୍ଭ ହୋଇଛି । ଜିଲ୍ଲାରେ ଥିବା ସମସ୍ତ ସ୍ୱାସ୍ଥ୍ୟ ସେବା ଅନୁଷ୍ଠାନ ମାନଙ୍କ ସମେତ ସମସ୍ତ ଏମ.ଏଚ.ୟୁ,ଆର.ବି.ଏସ୍.କେ ଏବଂ ଏମ.ଏଚ୍.ଟି ଗୁଡିକରେ କାର୍ଯ୍ୟରତ ଥିବା ଅବସ୍ଥାରେ ସମସ୍ତ ଫାର୍ମାସିଷ୍ଟ ମାନେ ସେମାନଙ୍କର ବିଭିନ୍ନ ଦାବୀରେ ପ୍ରତୀକାତ୍ମକ ଭାବରେ ଗତ ୧୦ ତାରିଖରୁ କଳା ବ୍ୟାଚ୍ ପିନ୍ଧି ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ଆନ୍ଦୋଳନ କରିବା ସହିତ ସେମାନେ ନିୟୋଜିତ ଥିବା କାର୍ଯ୍ୟ କ୍ଷେତ୍ରରେ କାର୍ଯ୍ୟରତ ରହିବେ ବୋଲି ଜଣାଇଛନ୍ତି । ଆସୋସିଏସନର ସାଧାରଣ ସମ୍ପାଦକ ସୂର୍ଯ୍ୟନାରାୟଣ ମିଶ୍ର କହିଛନ୍ତି । କୋଭିଡ ସଂକ୍ରମଣକୁ ଦୃଷ୍ଟିରେ ରଖି ସରକାରଙ୍କ କୋଭିଡ ନିୟମ ଅନୁସାରେ ଲୋକଙ୍କୁ ସେବା ଯୋଗାଇ ଦେବାକୁ ଆସୋସିଏସନ ଏହି ପଦକ୍ଷେପ ନେଇଥିବା କହିଛନ୍ତି ଜିଲ୍ଲା ଉପସଭାପତି ଦୁର୍ଗା ପ୍ରସାଦ ବେହେରା । ତେବେ ସରକାର ଫାର୍ମାସିଷ୍ଟ ମାନଙ୍କର ଦାବୀ ପୁରଣ ଦିଗରେ କୌଣସି ପଦକ୍ଷପେ ନ ନେଲେ ସଂଗଠନ ରାଜରାସ୍ତାକୁ ଓହ୍ଲାଇବ ବୋଲି କହିଛନ୍ତି । ସେମାନଙ୍କର ଦାବୀ ଗୁଡିକ ମଧ୍ୟରୁ ୨୦୧୦ ମସିହା ଜୁଲାଇ ୩ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱରା ଫାର୍ମାସିଷ୍ଟ ମାନଙ୍କ ପଦୋନ୍ନତି ପାଇଁ ନିଆଯାଇ ଥିବା ନିଷ୍ପତି ଅନୁସାରେ କ୍ୟାଡରର ପୁନର୍ଗଠନ କରିବା,ବିଭାଗ ଦ୍ୱାରା ତ୍ରୁଟିପୁର୍ଣ୍ଣ କ୍ୟାଡର ବିନ୍ୟାସକୁ ସୁଧାରି ସେମାନଙ୍କ ମଧ୍ୟରୁ ଯୋଗ୍ୟ କର୍ମଚାରୀ ମାନଙ୍କର ପଦୋନ୍ନତି କରାଯିବା,ମାନ୍ୟବର ନ୍ୟାୟାଳୟଙ୍କ ଆଦେଶ ପ୍ରକାରେ କିଛି ଅବସରପ୍ରାପ୍ତ କର୍ମଚାରୀ ମାନଙ୍କୁ ସେମାନଙ୍କର ଆରଏସିପି ପ୍ରାପ୍ୟ ପ୍ରଦାନ କରିବା,ଜାତୀୟ ସ୍ୱାସ୍ଥ୍ୟ ମିଶନ ଦ୍ୱାରା ନିଯୁକ୍ତ ଫାର୍ମାସିଷ୍ଟ ମାନଙ୍କୁ ସେମାନଙ୍କର ଯୋଗ୍ୟତା ଏବଂ ବରିଷ୍ଠତା ଆଧାରରେ ଖାଲି ପଡିଥିବା ସରକାରୀ ପଦବୀରେ ନିୟମିତ କର୍ମଚାରୀ ଭାବରେ ନିଯୁକ୍ତି ପ୍ରଦାନ କରିବା,ରାଜ୍ୟରେ ନିରାମୟ ଯୋଜନା କାର୍ଯ୍ୟକାରୀ ହେବାପରେ ଫାର୍ମାସିଷ୍ଟ ମାନଙ୍କୁ ଏହି କାର୍ଯ୍ୟରେ ନିୟୋଜିତ କରିବା ସହିତ ଏଥିରେ ଆବଶ୍ୟକୀୟ କମ୍ପ୍ୟୁଟର ସମ୍ବନ୍ଧୀୟ କାର୍ଯ୍ୟକୁ ମଧ୍ୟ ସେମାନଙ୍କ ଦ୍ୱାରା କରାଯିବା ଯୋଗୁଁ ଫାର୍ମାସିଷ୍ଟ ମାନଙ୍କର କାର୍ଯ୍ୟଚାପ ବୃଦ୍ଧି ପାଉଥିବାରୁ କମ୍ପ୍ୟୁଟର କାମପାଇଁ ଡିଇଓ ନିଯୁକ୍ତ କରାଯିବା,ଜିଲ୍ଲାର ବିଭିନ୍ନ ସ୍ୱସ୍ଥ୍ୟ କେନ୍ଦ୍ରରେ ଡାକ୍ତର ନଥିବା ସ୍ଥଳେ ଫାର୍ମାସିଷ୍ଟ ମାନଙ୍କୁ ଡାକ୍ତର ମାନଙ୍କ ବଦଳରେ କାର୍ଯ୍ୟ ତୁଲାଇବା ସହିତ ସେମାନେ ଦେଉଥିବା ଔଷଧର ତାଲିକାକୁ ସଂଶୋଧନ ନକରି ଅଣଦେଖା ନ କରିବା,କୋଭିଡ ସଂକ୍ରମଣ କାଳରେ ଫାର୍ମାସିଷ୍ଟ ମାନେ ନିରବଚ୍ଛିନ୍ନ ଭାବରେ ସେମାନଙ୍କ ଦାୟୀତ୍ୱ ତୁଲାଇବା ବେଳେ କୋଭିଡରେ ସଂକ୍ରମିତ ହୋଇ ମୃତ୍ୟୁ ବରଣ କରିଥିବା ପାର୍ମାସିଷ୍ଟ ମାନଙ୍କୁ କୋଭିଡରେ କାମ କରିନଥିବା ଦର୍ଶାଇ କୋଭିଡ ଯୋଦ୍ଧା ଘୋଷଣା କରିବା ପରିବର୍ତ୍ତେ ସେମାନେ କୋଭିଡରେ କାର୍ଯ୍ୟ କରିନଥିବା ଦର୍ଶାଇ ସେମାନଙ୍କୁ କୋଭିଡ ଯୋଦ୍ଧା ଭାବରେ ଘୋଷଣା ନ କରି ସେମାନଙ୍କୁ ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା କୋଭିଡ ଯୋଦ୍ଧାର ସହାୟତା ନ ଦେବା ଯୋଗୁଁ ସେମାନଙ୍କ ପରିବାର ଦୁର୍ଦ୍ଦିନରେ ଦିନ କାଟୁଥିବାରୁ ସେମାନଙ୍କୁ ତୁରନ୍ତ ସହାୟତା ଯୋଗାଇବା, ଫାର୍ମାସିଷ୍ଟ ମାନଙ୍କର ଶିକ୍ଷାଗତ ଯୋଗ୍ୟତାକୁ ବୃଦ୍ଧି କରିବାକୁ ବି.ଫାର୍ମା କରିବାକୁ ବହୁତ ଦିନରୁ ଦାବୀ ହେଉଥିବାବେଳେ ତାହ ତୁରନ୍ତ ସରକାର କାର୍ଯ୍ୟକାରୀ କରିବା ଭଳି ବିଭିନ୍ନ ଦାବୀ ପୁରଣ କରାଯିବା ପାଇଁ ଆସୋସିଏସନ ପକ୍ଷରୁ ଏହି ପ୍ରତିକାତ୍ମକ ଆନ୍ଦୋଳନ ଜାରି ରହିଛଛି । ୨୦ ତାରଖ ସୁଦ୍ଧା ସରକାର ଏହି ଦାବୀ ସବୁକୁ ନ ମାନିଲେ ପାର୍ମାସିଷ୍ଟ ମାନେ ୨୦ ତାରିଖ ପରଠାରୁ ସେମାନଙ୍କର ନିଜ କାମ ବ୍ୟତୀତ ବିଭାଗ ଦ୍ୱାରା ପ୍ରଦାନ କରାଯିବା ଅନ୍ୟ କାମ ସବୁକୁ କରିବେନାହିଁ ବୋଲି ଆସୋସିଏସନ ପକ୍ଷରୁ ଜଣାପଡିଛି ।

## ଗଞ୍ଜାମ ଜିଲ୍ଲାରେ ସେରୋ ସର୍ଭେ ଆରମ୍ଭ

ଗଞ୍ଜାମ,୧୮/୬ (ନି.ପ୍ର): ଗଞ୍ଜାମ ଜିଲ୍ଲାରେ ଆଜି ଠାରୁ ଆରମ୍ଭ ହୋଇଛି ସେରୋ ସର୍ଭେ । କରୋନାର ଦ୍ୱିତୀୟ ଲହର ପ୍ରାୟ ଶେଷ ପର୍ଯ୍ୟୟରେ ରହିଥିବା ବେଳେ ତୃତୀୟ ଲହରକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ ଆଗୁଆ ପଦକ୍ଷେପ ଗ୍ରହଣ କରାଯାଇଛି । ଜିଲ୍ଲାର ୮ଟି ବ୍ଲକ୍ ସମେତ ବ୍ରହ୍ମପୁର ସହରର ଦୁଇଟି ୱାର୍ଡ଼ରେ ସେରୋ ସର୍ଭେ କାର୍ଯ୍ୟକ୍ରମ ଚାଲୁ ରହିଛି । ଆଜି ଓ ଆସନ୍ତାକାଲି ଦୁଇ ଦିନ ହେବାକୁ ଥିବା ସେରୋ ସର୍ଭେ କାର୍ଯ୍ୟକ୍ରମରେ ବ୍ରହ୍ମପୁର ସହରର ଦୁଇଟି ୱାର୍ଡ଼ ମଧ୍ୟରୁ ୧ନଂ ଓ ୩୮ ନଂ ୱାର୍ଡ଼ରେ ଯାଂଚ୍ କାର୍ଯ୍ୟକ୍ରମ କରାଯାଉଛି । ଦୁଇଟି କେନ୍ଦ୍ରରେ ହେବାକୁ ଥିବା ଏହି ସେରୋ ସର୍ଭେରେ ସର୍ବମୋଟ୍ ୪୦ ଜଣଙ୍କ ନମୂନା ସଂଗ୍ରହ କରାଯିବ।

## କୋରାପୁଟ ଜିଲାରେ ସେରୋ ସର୍ଭେ ଆରମ୍ଭ

ଜୟପୁର,୧୮/୬ (ନି.ପ୍ର): କୋରାପୁଟ ଜିଲାରେ ସେରୋ ସର୍ଭେ ଆରମ୍ଭ ହୋଇଛି । ଏଥିପାଇଁ ଆରଏମଆରସିର ୧୦ ଜଣିଆ ଟିମ୍ କୋରାପୁଟ ଜିଲାର ବିଭିନ୍ନ ସ୍ଥାନରେ ପହଂଚି ସର୍ଭେ ଆରମ୍ଭ କରିଛି । ଦୁଇ ଦିନ ଧରି ଜିଲାର ୧୦ଟି ସ୍ଥାନରୁ ଟିମ୍ ଲୋକଙ୍କ ରକ୍ତ ନମୁନା ସଂଗ୍ରହ କରିବ । ଦୁଇ ଦିନ ମଧ୍ୟରେ ଏହି ଟିମ ୫୨୦ ଜଣ ଲୋକଙ୍କ ଠାରୁ ରକ୍ତ ନମୁନା ସଂଗ୍ରହ କରିବ । ସେରୋ ସର୍ଭେ ମାଧ୍ୟମରେ କେତେ ଗୋଷ୍ଠି ସଂକ୍ରମିଣ ହେଉଛି ତାହା ଜାଣିବା ପାଇଁ ଏହି ସର୍ଭେ କରାଯାଉଥିବା କହିଛନ୍ତି ବରିଷ୍ଠ ସ୍ୱାସ୍ଥ୍ୟ ପ୍ରଶାସକ ଡାକ୍ତର ଅରୁଣ ପାଢୀ । ପ୍ରଥମ ଦିନରେ ଏହି ଟିମ୍ ଜିଲା ମୁଖ୍ୟ ଚିକିତ୍ସାଳୟ, ସମେତ ବୋରିଗୁମ୍ମା ବ୍ଲକର ଶଶାହାଣ୍ଡି, ଜୟପୁର ବ୍ଲକର ହରଡାପୁଟ, କୋଟପାଡ ଏନଏଏସିର ୧ ନମ୍ବର ୱାର୍ଡ । ଲକ୍ଷ୍ମୀପୁର ବ୍ଲକର କାକିରୁକୁମ୍ମା ଓ ଉପରକୁଡିଙ୍ଗାରେ ରକ୍ତ ନମୁନା ସଂଗ୍ରହ ଆରମ୍ଭ ହୋଇଛି । ଏହି ଟିମ୍ ସେରୋ ସର୍ଭେ ଦ୍ୱାରା ମଣିଷର ଭୂତାଣୁ ଗୋଷ୍ଠିକୁ ସଂକ୍ରମଣ କରୁଛି କି ନାହିଁ ଏବଂ ରୋଗ ପ୍ରତିରୋଧକ ଶକ୍ତି ସମ୍ପର୍କରେ ଜଣାପଡିବ ବୋଲି ସୂଚନା ଦେଇଛି । ଭାରତର ୭୦ଟି ଜିଲାରେ ଏହି ସର୍ଭେ କରାଯାଉଥିବା ବେଳେ ରାଜ୍ୟର ୩ଟି ଜିଲାରେ କରାଯାଉଛି । ୩ଟି ଜିଲା ମଧ୍ୟରୁ କୋରାପୁଟ ଜିଲା ଗୋଟିଏ । ୧୦ଟି ସ୍ଥାନରେ ସର୍ଭେ କରାଯାଉଛି । ଜିଲା ଚିକିତ୍ସାଳୟର କର୍ମଚାରି ମାନଙ୍କର ମଧ୍ୟ ସାମ୍ପୁଲ ନିଆଯାଇଛି ।

## ଚାଷୀଙ୍କଠାରୁ ସମସ୍ତ ରବିଧାନ କିଣିବାକୁ କିଷାନ କ୍ଷେତମଜଦୂର କଂଗ୍ରେସ ପକ୍ଷରୁ ଦାବିପତ୍ର ପ୍ରଦାନ

ବୌଦ୍ଧ,୧୮/୬ (ନି.ପ୍ର): ବୌଦ୍ଧଜିଲାରେ ରବିଧାନ ଅମଳ ପୂର୍ବରୁ ମୌସୁମୀ ପହଂଚିବା ସହିତ କରୋନାରେ ତାଲାବନ୍ଦ ଯୋଗୁଁ ରବିଧାନ ବିକ୍ରୟ କରିବାରେ ଚାଷୀମାନେ ବିଫଳ ହୋଇଛନ୍ତି । ଫଳରେ ଅନେକ ଚାଷୀ ଏବେ ରବିଧାନ ବିକ୍ରୟ କରିପାରିନଥିବା ଅଭିଯୋଗ କରିଛନ୍ତି । ବିଶେଷ ଭାବରେ ସରକାରଙ୍କ ଧାନକିଣା ନିତି ଯୋଗୁଁ ଚାଷୀମାନେ ଧାନ ବିକ୍ରୟ କରିପାରିନଥିବା ଜଣାପଡିଛି । ତେଣୁ ଆସନ୍ତା ଜୁନ ୩୦ ତାରିଖ ପର୍ଯ୍ୟନ୍ତ ଧାନକ୍ରୟ କରାଯିବା ସହିତ ଜିଲାର ସମସ୍ତ ଚାଷୀଙ୍କ ଠାରୁ ରବିଧାନ କିଣାଯିବାକୁ କ୍ଷେତମଜୁଦୁର କଂଗ୍ରେସ ପକ୍ଷରୁ ଦାବି କରାଯାଇଛି । ଜିଲା କିଷାନ କଂଗ୍ରେସ କମିଟିର ସଭାପତି ରଘୁନାଥ ପଲିଆଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଜିଲାପାଳ ଲଲାଟେନ୍ଦୁ ମିଶ୍ରଙ୍କୁ ସାକ୍ଷାତ କରି ୯ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଥିବା ଜଣାଯାଇଛି । ଧାନ କିଣାରେ ଅବ୍ୟବସ୍ଥା ଯୋଗୁଁ ଚାଷୀ ପାଇଥିବା ଟୋକନ ସମୟ ଅତିକ୍ରମ କରିଯାଇଥିବାବେଳେ କୃଷି ଶ୍ରମିକ ଅଭାବ ଚାଷୀମାନଙ୍କୁ ଚିନ୍ତାରେ ପକାଇଦେଇଛି । ତେଣୁ ଟୋକନ ପ୍ରଦାନପରେ ଧାନ ବିକ୍ରି ସମୟ ୧୫ ଦିନ ମଦଳରେ ଏକମାସ ବୃଦ୍ଧି କରିବା,ରବିଧାନ ବିକ୍ରୟ ପାଇଁ ପଂଜିକୃତ କରିଥିବା ସମସ୍ତ ଚାଷୀଙ୍କ ସମସ୍ତ ଧାନ ଯୁଦ୍ଧକାଳୀନ ଭିତିରେ କ୍ରୟ କରାଯିବା,ଟୋକନ ପାଇବା ସତ୍ତ୍ୱେ ଧାନ ବିକ୍ରି କରିପାରିନଥିବା ଚାଷୀଙ୍କ ଠାରୁ ସମସ୍ତ ଧାନ କିଣାଯିବା,ଧାନକ୍ରୟକୁ ଭୁବନେଶ୍ୱରରୁ ନିୟନ୍ତ୍ରିତ କରାଯିବା ପରିବର୍ତ୍ତେ ଜିଲାସ୍ତରରେ କ୍ଷମତା ବିକେନ୍ଦ୍ରି କରଣ କରିବା,ନିର୍ଦ୍ଧାରିତ ସମୟ ମଧ୍ୟରେ ଆକଳନ ମୁତାବକ ଧାନ କ୍ରୟ ପାଇଁ ମଣ୍ଡିକୁ ଟାର୍ଗେଟ ପ୍ରଦାନ କରିବା,ଧାନ ସଂଗ୍ରହବେଳେ ଅଖା ଓ ପରିବହନ ଖର୍ଚ୍ଚ ସିଧାସଳଖ ଚାଷୀକୁ ପ୍ରଦାନ କରିବା,ଧାନ କିଣାରେ ମିଲରମାନଙ୍କ ମନମାନୀକୁ ବନ୍ଦ କରିବାସହ କଟନୀ ଛଟନୀ ବନ୍ଦ କରିବା,ରାଜ୍ୟ ସରକାର ଚାଷୀଙ୍କୁ ଧାନରେ କୁଇଂଟାଲ ପିଛା ଏମଏସପି ଉପରେ ୫୦୦ ଟଙ୍କା ବୋନସ ପ୍ରଦାନ କରିବା, ଓ କେନ୍ଦ୍ର ସରକାର ସ୍ୱାମୀନାଥନ କମିଟିର ସୁପାରିଶ ଆଧାରରେ ଧାନ କୁଇଂଟାଲ ପ୍ରତି ଦର ୨୯୩୦ ଟଙ୍କାକୁ ବୃଦ୍ଧି କରିବାକୁ ଦାବି କରାଯାଇଛି । ଏହି ଦାବିପତ୍ର ପ୍ରଦାନ ସମୟରେ ପ୍ରଦେଶ କଂଗ୍ରେସ କମିଟି ସଦସ୍ୟ ରାଏ ସଂଜିବ କୁମାର ଦେଓ,ଛାତ୍ରକଂଗ୍ରେସ ସଭାପତି ବିକ୍ରମ ପ୍ରଧାନ,ଯୁବ କଂଗ୍ରେସ ସଭାପତି ମହେଶ୍ୱର ପ୍ରଧାନ,ପ୍ରଦିପ ଦାସ,ଚିତ୍ତ ରଂଜନ ବେହେରା ଓ ମନୋରଂଜନ ଅମାତ ପ୍ରମୁଖ ଉପସ୍ଥିତ ଥିଲେ ।

## ଜିଲ୍ଲାପାଳଙ୍କ ପ୍ରେସ ବିବୃତି-କମୁଛି ସଂକ୍ରମଣ, ହେବନି ରଥଯାତ୍ରା, ଖୋଲିବ ମିଠା ଦୋକାନ

କେନ୍ଦ୍ରାପଡ଼ା,୧୮/୬ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲାରେ କରୋନା ସଂକ୍ରମଣ ହାର କମିବାରେ ଲାଗିଛି । ରାଜ୍ୟ ସରକାରଙ୍କ ଲକଡାଉନ ଓ ସଟଡାଉନ ନିୟମ କଡାକଡି ପାଳନ କରାଯାଇ ଥିବାରୁ ସଂକ୍ରମଣ ହାର ହ୍ରାସପାଇ ପ୍ରାୟ ୫ ପ୍ରତିଶତ ମଧ୍ୟରେ ରହିଛି ବୋଲି ଜିଲ୍ଲାପାଳ ଅମ୍ରିତ୍ ଋତୁରାଜ ଗୁରୁବାର ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସୂଚାନ ଦେଇଛନ୍ତି । ଆଗାମୀ ୧୫ଦିନ ମଧ୍ୟରେ ଏହା ଆହୁରି କମି ଶୂନ୍ୟରେ ରହିବ ବୋଲି ଜିଲ୍ଲାପାଳ ଅଶା ପ୍ରକାଶ କରିବା ସହ ପୂର୍ବ ଗାଇଡ ଲାଇନ ମୁତାବକ ଯେଉଁ ଗୁଡିକୁ ଅନୁମତି ଥିବା ତାହା ବଳବତର ରହିବ ବୋଲି ସୂଚନା ଦେଇଛନ୍ତି । ନୂତନ ଗାଇଡଲାନ ରେ ଜୁଲାଇ ୧ତାରିଖ ପର୍ଯ୍ୟନ୍ତ ସକାଳ ୭ରୁ ଦିନ ୧ଟା ପର୍ଯ୍ୟନ୍ତ ପୂର୍ବ ଅନୁମତି ପ୍ରାପ୍ତ ବ୍ୟବସାୟ ପ୍ରତିଷ୍ଠାନ ଗୁଡିକ ଖୋଲା ରହିବ । ଦୁଗ୍ଧଚାଷୀଙ୍କ ସ୍ୱାର୍ଥକୁ ଲକ୍ଷ୍ୟ ରଖି ମିଠା ଦୋକାନ ଗୁଡିକ ଖୋଲିବାକୁ ଅନୁମତି ପ୍ରଦାନ କରାଯାଇଛି । ଜିଲ୍ଲାରେ ସଂକ୍ରମିତଙ୍କ ସଂଖ୍ୟା ୧୧୦୦ ଥିବାବେଳେ କୋଭିଡ ହସପିଟାଲରେ ୧୦୦ରୁ କମ ସଂଖ୍ୟକ ସଂକ୍ରମିତ ଚିକିତ୍ସାଧିନ ଥିବା ସୂଚନା ଦେଇଛନ୍ତି । ରଥଯାତ୍ର ସଂପର୍କରେ ପ୍ରଶ୍ନର ଉତରରେ ଜିଲ୍ଲାପାଳ କହିଥିଲେ ଯେ ସୀମିତ ସେବାୟତଙ୍କୁ ନେଇ ପୁରୀରେ ରଥଯାତ୍ରା ପାଇଁ ସରକାର ଅନୁମତି ପ୍ରଦାନ କରିଥିବା ବେଳେ କେନ୍ଦ୍ରାପଡାରେ ରଥଯାତ୍ରା ପାଇଁ ଅନୁମତି ନଥିବାରୁ ଗତବର୍ଷ ଭଳି ଚଳିତ ବର୍ଷ ଶ୍ରୀ ବଳଦେବଜୀୟୁଙ୍କ ମନ୍ଦିର ବେଢା ଭିତରେ ରଥଯାତ୍ରାର ନୀତିକାନ୍ତି ଅନୁଷ୍ଠିତ ହେବ ।

## ଏୟାରପୋର୍ଟ ଅଥରିଟି ଅଫ୍ ଇଣ୍ଡିଆର ସ୍ୱତନ୍ତ୍ର ଟିମ୍ ପ୍ରସ୍ତାବିତ ଅନ୍ତର୍ଜାତୀୟ ବିମାନ ବନ୍ଦର ପାଇଁ ଜମି ଦେଖିଲେ

ପୁରୀ,୧୮/୬(ନି.ପ୍ର): ପୁରୀରେ ପ୍ରସ୍ତାବିତ ବିମାନବନ୍ଦର ପାଇଁ ଜମି ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହୋଇଛି । ଏୟାରପୋର୍ଟ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଏହି ସର୍ଭେ କାର୍ଯ୍ୟ ଆରମ୍ଭ ହୋଇଛି । ସେଥିପାଇଁ ଆଜି ଏୟାରପୋର୍ଟ ଅଥରିଟି ଅଫ୍ ଇଣ୍ଡିଆର ଏକ ସ୍ୱତନ୍ତ୍ର ଟିମ୍ ପୁରୀ ଆସି ଜିଲ୍ଲା ପ୍ରଶାସନ ସହଯୋଗରେ ଜାଗା ଚିହ୍ନଟ ପ୍ରକ୍ରିୟା ଆରମ୍ଭ କରିଛନ୍ତି । ପୁରୀ-ବ୍ରହ୍ମଗିରି ରାସ୍ତାର ଗିରଳ ଛକ ନିକଟରେ ଜାଗା ପରିଦର୍ଶନ କରିଛନ୍ତି । ଏଥି ସହ ପୁରୀ-କୋଣାର୍କ ମେରାଇନ ଡ୍ରାଇଭ୍ ନିକଟରେ ରହିଥିବା ଏକ ସ୍ଥାନକୁ ମଧ ଚିହ୍ନଟ କରିବା ସହ ସମ୍ପୃକ୍ତ ଅଂଚଳ ପରିଦର୍ଶନ କରିଛନ୍ତି । ଏହି ସର୍ଭେ ସମୟରେ ଜିଲ୍ଲାପାଳ ସମର୍ଥ ବର୍ମା, ଉପଜିଲ୍ଲାପାଳ ଭବତାରଣ ସାହୁଙ୍କ ସମେତ ପ୍ରମୁଖ ଅଧିକାରୀ ମାନେ ଉପସ୍ଥିତ ଥିଲେ । ଏଠାରେ ଉଲ୍ଲେଖଯୋଗ୍ୟ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୁରୀକୁ ବିଶ୍ୱସ୍ତରିୟ ନଗର ଭାବେ ଗଢ଼ି ତୋଳିବା ପାଇଁ ଏଠାରେ ଅନ୍ତର୍ଜାତୀୟ ବିମାନ ବନ୍ଦର ପ୍ରତିଷ୍ଠା ପାଇଁ କେନ୍ଦ୍ର ସରକାରଙ୍କୁ ଚିଠି ଲେଖିଥିଲେ । କେନ୍ଦ୍ର ସରକାରଙ୍କ ପକ୍ଷରୁ ଏୟାରପୋର୍ଟ ଅଥରିଟି ଅଫ୍ ଇଣ୍ଡିଆର କର୍ମକର୍ତ୍ତା ମାନେ ସମ୍ପୃକ୍ତ ଅଂଚଳ ବୁଲି ଦେଖିଛନ୍ତି ।

## ଡକାୟତି ଯୋଜନା ପଣ୍ଡ: ମାରଣାସ୍ତ୍ର ସମେତ ୭ ଗିରଫ

ଖୋର୍ଦ୍ଧା,୧୮/୬ (ନି.ପ୍ର): ଗତକାଲି ବିଳମ୍ବିତ ରାତିରେ କିଛି ଅସାମାଜିକ ଯୁବକ ଡକାୟତି ପାଇଁ ଯୋଜନା କରୁଥିବା ସମୟରେ ଖୋର୍ଦ୍ଧା ଆଦର୍ଶ ଥାନା ପୁଲିସ ୭ଜଣ ଡକାୟତଙ୍କୁ ଗିରଫ କରିଛି । ଏପରିକି ଡକାୟତି ଯୋଜନାରେ ବ୍ୟବହାର କରିବା ପାଇଁ କିଛି ମାରଣାସ୍ତ୍ର ସମେତ ଦୁଇଟି ବାଇକ ଜବତ କରିଛି ।ପୁଲିସ ସୂଚନା ମୁତାବକ ଗତକାଲି ବିଳମ୍ବିତ ରାତିରେ ଖୋର୍ଦ୍ଧା ଶିଳ୍ପାଞ୍ଚଳ ଫାଣ୍ଡି ଅନ୍ତର୍ଗତ ଗୋଶାଳା ପଡ଼ିଆରେ ଥିବା ଏକ ପରିତ୍ୟକ୍ତ ଘରେ ଡକାୟତି କରିବା ପାଇଁ ଯୋଜନା କରୁଥିଲେ । ତେବେ ଏକ ବିଶେଷ ସୂତ୍ରରୁ ଖବର ପାଇ ଏସପି ନିର୍ଦ୍ଦେଶ କ୍ରମେ ଫାଣ୍ଡି ଅଧିକାରୀଙ୍କ ନେତୃତ୍ୱରେ ଉକ୍ତ ପରିତ୍ୟକ୍ତ ଘରେ ଚଢ଼ାଉ କରିଥିଲେ ।ତେବେ ଚଢ଼ାଉ ବେଳେ ଡକାୟତମାନେ ଖସିଯିବାକୁ ଉଦ୍ୟମ କରିଥିଲେ । ହେଲେ ଡକାୟତଙ୍କ ଯୋଜନାକୁ ପଣ୍ଡ କରି ସେମାନଙ୍କୁ ଗିରଫ କରିଥିବା ଏକ ସାମ୍ବାଦିକ ସମ୍ମିଳନୀରେ ଏସପି ରାଜକିଶୋର ଦୋରା ସୂଚନା ଦେଇଛନ୍ତି ।

## କଳାବ୍ୟାଚ୍ ପିନ୍ଧି ଫାର୍ମାସିଷ୍ଟଙ୍କ ଆନ୍ଦୋଳନ

ଜୟପୁର,୧୮/୬ (ନି.ପ୍ର): ଓଡିଶା ଫାର୍ମାସିଷ୍ଟ ସର୍ଭିସ ଆସୋସିଏସନର ଅହ୍ୱାନ କ୍ରମେ ଜୟପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟରତ ଫର୍ମାସିଷ୍ଟ ମାନେ କଳା ବ୍ୟାଚ୍ ପିନ୍ଧି ଅନ୍ଦୋଳନ କରୁଛନ୍ତି । ଏପରି କଳାବ୍ୟାଚ୍ ପିନ୍ଧି ଆସନ୍ତା ୨୦ ତାରିଖ ଯାଏ ଆନ୍ଦୋଳନ କରିବେ । ୨୦ ତାରିଖ ଭିତରେ ଦାବି ପୂରଣ ନହେଲେ ଅସହଯୋଗ ଆନ୍ଦୋଳନ କରିବ ବୋଲି ସଂଘ ଚେତାବନୀ ଦେଇଛି । ବର୍ତ୍ତମାନ ଶାନ୍ତିପୂର୍ଣ୍ଣ ଭାବେ କଳାବ୍ୟାଚ୍ ପିନ୍ଧି ଆନ୍ଦୋଳନ ଜାରି ରହିଛି । କୋଭିଡ ଅକ୍ରାନ୍ତ ହୋଇ ରାଜ୍ୟରେ ବହୁ ଫାର୍ମାସିଷ୍ଟ ମୃତ୍ୟୁବରଣ କରିଥିଲେ ସୁଦ୍ଧା ଦାବି ପୂରଣ ହୋଇ ପାରୁନାହିଁ । କ୍ୟାଡର ପୁର୍ନଗଠନ, ପଦୋନ୍ନତି, ଆରଏଏସପି ପ୍ରଦାନ, ଜାତୀୟ ସ୍ୱାସ୍ଥ୍ୟ ମିଶନରେ ଫର୍ମାସିଷ୍ଟ ମାନଙ୍କୁ ସ୍ଥାୟୀ ନିଯୁକ୍ତି, ଅଧିକ କାର୍ଯ୍ୟଚାପ ପ୍ରଦାନ କରାଯାଉଥିଲେ ସୁଦ୍ଧା ସମସ୍ତ ସରକାରି ସୁବିଧା ପ୍ରଦାନ କରାଯାଉ ନାହିଁ । ଫର୍ମାସିଷ୍ଟ ମାନଙ୍କୁ କୋଭିଡ ଯୋଦ୍ଧା ଭାବେ ଘୋଷଣା କରିବା ଆଦି ଦାବିରେ କଳାବ୍ୟାଚ୍ ପିନ୍ଧି ନିରବ ଆନ୍ଦୋଳନ ଜାରି ରହିଛି । ଏହି ଆନ୍ଦୋଳନରେ ରାମକୃଷ୍ଣ ପାଢୀ, ରାଜେନ୍ଦ୍ର ସାହୁ, ରମେଶ ଚନ୍ଦ୍ର ଦାଶ, ସଞ୍ଜିବ କୁମାର ସୁବୁଦ୍ଧି, ବାଳକୃଷ୍ଣ ଶତପଥି, ହେମନ୍ତ ପାତ୍ର, ରଜନୀ ପାଢୀ ପ୍ରମୁଖ ସାମିଲ୍ ହୋଇଛନ୍ତି ।

## ନୀଳାଚଳ ସେବା ପ୍ରତିଷ୍ଠାନ ବାଳାଶ୍ରମର ଅନ୍ତେବାସୀ ରଜ ପାଳିଲେ

କଣାସ,୧୮/୬ (ନି.ପ୍ର): ପୁରୀ ଜିଲ୍ଲା କଣାସ ବ୍ଲକ ଅନ୍ତର୍ଗତ ଦୟାବିହାର ଠାରେ ପ୍ରତିଷ୍ଠିତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ନୀଚାଳଳ ସେବା ପ୍ରତିଷ୍ଠାନ ଦ୍ୱାରା ପରିଚାଳିତ ଶିଶୁ ଯତ୍ନ ଅନୁଷ୍ଠାନରେ ରହୁଥିବା ପିଲାମାନେ କୋଭିଡ୍ କଟକଣା ନିୟମ ମାନି ୪ ଦିନ ଧରି ଅନୁଷ୍ଠାନ ପରିସରରେ ରଜ ଉତ୍ସବ ପାଳନ କରିଥିଲେ । ଏହି ଅବସରରେ ବିଭିନ୍ନ ମନୋରଞ୍ଜନପୂର୍ଣ୍ଣ କାର୍ଯ୍ୟକ୍ରମ ୪ଦିନ ଧରି ବିଭାଗର କର୍ମଚାରୀଙ୍କ ସହଯୋଗରେ ପାଳନ କରାଯାଇଥିଲା । ପୋଡପିଠା, ଆରିସା ପିଠା, ଏଣ୍ଡୁରି ପିଠା ଓ ଅନ୍ୟାନ୍ୟ ପିଠା ପ୍ରସ୍ତୁତିର ଶୈଳି ଏବଂ ସ୍ୱାଦ ବାବଦରେ ପିଲାମାନଙ୍କୁ ଅବଗତ କରାଯିବା ସହ ପ୍ରତ୍ୟେକ୍ଷ ଭାବରେ ସାମିଲି କରାଯାଇ ଖୁସି ମନାଇଥିଲେ । ଏହା ସହିତ ନୂତନ ପୋଷାକ ଓ ବେଶଭୂଷା ହେବାସହ ଲୁଡୁ, ଫ୍ୟାନସି ଡ୍ରେସେସ୍, ପୁଚି, ଦଉଡି ଡିଆଁ, ଝୋଟି, ଚିତ୍ରାଙ୍କନ ଇତ୍ୟାଦି ପ୍ରତିଯୋଗୀତାମୂଳକ କାର୍ଯ୍ୟକ୍ରମରେ ସାମିଲ୍ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ଗୁଡିକୁ ପୁରୀ ଜିଲ୍ଲା ଶିଶୁ ସୁରକ୍ଷା ଶାଖା ଶିଶୁ ଯତ୍ନ ଅଧିକାରୀ ଶୁଭନାରାୟଣ ଶତପଥୀ ଓ ରୋଜାଲିନୀ ପାତ୍ରଙ୍କ ତତ୍ତ୍ୱାବଧାନରେ କରାଯାଇଥିଲେ । ବିଭାଗର କର୍ମଚାରୀ ମନ୍ଦାକିନୀ ହରିଚନ୍ଦନ, ପୁଷ୍ପାଞ୍ଜଳୀ ସାହୁ ପିଲାମାନଙ୍କୁ ସହଯୋଗ କରିଥିଲେ । ଶିଶୁ ଯତ୍ନ ବିଭାଗର ମ୍ୟାନେଜର ଅଭିମନ୍ୟୁ ସୁନ୍ଦରାୟ, ସନ୍ତୋଷ ପଣ୍ଡା ଓ ଅନ୍ୟାନ୍ୟ କର୍ମଚାରୀମାନେ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

## କୋଭିଡ ନିୟମ ପାଳନ ଓ ସଂକ୍ରମଣ ନିୟନ୍ତ୍ରଣ ପାଇଁ ପ୍ରଶାସନର ସଚେତନତା ବୈଠକ

ଖୋର୍ଦ୍ଧା,୧୮/୬ (ନି.ପ୍ର): ଖୋର୍ଦ୍ଧା ପୌରାଂଚଳରେ କୋଭିତ ସଂକ୍ରମଣ ହାର କମ କରିବା ଏବଂ ଏହି ନିୟମ ପାଳନ କରିବା ସମ୍ପର୍କରେ ଏକ ସଚେତନତା ବୈଠକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ପୌରାଂଚଳ ବ୍ୟବସାୟୀ ସଂଘ କର୍ମକର୍ତ୍ତାଙ୍କୁ ନେଇ ଗୁରୁବାର ଅନୁଷ୍ଠିତ ହୋଇଯାଇଛି ଏଥିରେ ଜିଲ୍ଲପଳ ସନତ କୁମାର ମହାରି ଅଧକ୍ଷତା କରିଥିଲେ କୋଭିତ ନିୟମ କଡାକଡି ପାଳନ କରିବା ପାଇ ଖୋର୍ଦ୍ଧା ବ୍ୟବସାୟୀମାନେ ସହଯୋଗ କରନ୍ତୁ ବୋଲି ଜିଲ୍ଲାପାଳ କହିଥିଲେ । ସଂକ୍ରମଣ ଦୃଷ୍ଟିରୁ ତାଲାବନ୍ଦ ଅବଧୂ କୁ ଜୁଲାଇ ୧ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି ସୋମବାରଠାରୁ ଶୁକ୍ରବାର ପର୍ଯ୍ୟନ୍ତ ସକାଳ ୬ରୁ ଦିନ ୧ଟା ପର୍ଯ୍ୟନ୍ତ ଅତ୍ୟାବଶ୍ୟକୀୟ ସାମଗ୍ରୀ ଦୋକାନ ଖୋଲାରହିବ । ପୂର୍ବଭଳି ଶନିବାର ଓ ରବିବାର ସପ୍ତାହନ ସଟଡାଉନ ଓ ରାତ୍ରିକାଳୀନ କମ୍ପୁ ଜାରୀ ରହିବ ବୋଲି ଜିଲ୍ଲାପାଳ କହିଥିଲେ । ସାମାଜିକ ଦୂରତା ରଖିବା, ମାସ୍କ ପିନ୍ଧିବା, ବଜାରରେ ଅଯଥରେ ଗହଳୀ ନକରିବା ଏବଂ କୋଭିଡ ନଦୀୟମକୁ ଠିକଭାବେ ପାଳନ କରିବା ପାଇଁ ଗୁରୁତ୍ୱ ଦିଆଯାଉଛି ଏଥିରେ ପୌରାଂଚଳର ବ୍ୟବସାୟୀମାନେ ସହଯୋଗ କରିବା ପାଇଁ ବ୍ୟବସାୟୀ ସଂଘର କର୍ମକର୍ତ୍ତାମାନେ ଆଲୋଚନା କରିଥିଲେ । ତେବେ ଦୋକାନରେ ଅଯଥା ଗହଳି ନକରି ଅତ୍ୟାବଶ୍ୟକ ସାମଗ୍ରୀ କୁ ହେମ ଡେଲିଭରି କରିବା ନିମନ୍ତେ ବ୍ୟବସାୟୀମାନେ ବ୍ୟବସ୍ଥା କରିବାକୁ ଜିଲ୍ଲାପାଳ କହିଥିଲେ । ଯେଉଁ ଦୋକାନରେ ଅଧିକ ଗହଳୀ ହେବ ଅଥବା ଯେଉଁମାନେ କୋଭିଡ ନିୟମ ଉଲଙ୍ଘନ କରିବେ ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲାପାଳ କହିଛନ୍ତି ।

## କୁଣ୍ଡପାଟଣା-ସାମନ୍ତରାପୁର ବିଜୁ ସେତୁ ନିର୍ମାଣ କାର୍ଯ୍ୟ ନିମ୍ନମାନର : ତେଜୁଛି ଜନଅସନ୍ତୋଷ

ଧର୍ମଶାଳା,୧୮/୬ (ନି.ପ୍ର): ରାଜ୍ୟ ସରକାର ଗ୍ରାମାଂଚଳର ବିକାଶ ନିମନ୍ତେ ବିଭିନ୍ନ ଯୋଜନା କରି କୋଟି କୋଟି ଟଙ୍କା ବ୍ୟୟ ବରାଦ କରୁଛନ୍ତି । ଏନେଇ ଯାତାୟତକୁ ଦୃଷ୍ଟିରେ ରଖି ନଦୀମାନଙ୍କରେ ବିଜୁ ସେତୁ ନିର୍ମାଣ କରୁଛନ୍ତି । ହେଲେ ସେତୁ ନିର୍ମାଣ ନାଁରେ ଚାଲିଛି ବିନାଶ । ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ମଧୁଚନ୍ଦ୍ରିକାରେ ସେତୁ ନିର୍ମାଣ କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର କରାଯାଉଥିବା ନେଇ ଅଭିଯୋଗ ହୋଇଛି । ଏଭଳି ଅଭିଯୋଗ ହୋଇଛି, ଯାଜପୁର ଜିଲା ବରୀ ନିର୍ବାଚନ ମଣ୍ଡଳୀ ରସୁଲପୁର ବ୍ଲକ ଅନ୍ତର୍ଗତ କୁଣ୍ଡପାଟଣା-ସାମନ୍ତରାପୁର ପଂଚାୟତକୁ ସଂଯୋଗ କରୁଥିବା ବିଜୁ ସେତୁ ନିର୍ମାଣ କାର୍ଯ୍ୟ ସମ୍ପର୍କରେ । ସ୍ଥାନୀୟ ଅଂଚଳର ୨୦ଗୋଟି ପଂଚାୟତକୁ ଦୃଷ୍ଟିରେ ରଖି ୧ ଜାନୁଆରୀ ୨୦୨୦ ମସିହାରେ ଏହାର ଶୁଭ ଶିଳାନ୍ୟାସ କରାଯାଇଥିବା ବେଳେ ଏହାର ଅବଧି ସମୟ ରହିଛି ୩୧ ଡିସେମ୍ବର ୨୦୨୧ ମସିହା ପର୍ଯ୍ୟନ୍ତ । ୨୨ କୋଟି ୫୪ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ବ୍ରାହ୍ମଣୀ ନଦୀ ଉପରେ ନିର୍ମାଣ ଚାଲିଛି ବିଜୁ ସେତୁ । ଏହି ସେତୁର ଲମ୍ବ ୪୬୦ ମିଟର.୧୫ ଫଂଏଟ, ପ୍ରସ୍ଥ ରହିଛି ୮ ମିଟର ୩୫ ଫଂଏଟ ରହିଥିବାବେଳେ ୧୬ ଟି ପିଲାର ପାଇଁ ଚାଲିଛି ସେତୁ କାର୍ଯ୍ୟ । ଏହି କଂକ୍ରିଟ କାର୍ଯ୍ୟ ଅତି ନିମ୍ନମାନର କରାଯାଉଥିବା ନେଇ ଅଂଚଳବାସୀ ଅଭିଯୋଗ କରିଛନ୍ତି । ଯାହାର ସ୍ଥାୟୀତ୍ୱକୁ ନେଇ ଏବେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଅତୀତରେ ଏଭଳି ଅତି ନିମ୍ନମାନର କାର୍ଯ୍ୟ କରାଯାଇଥିବା ବେଳେ ଅନେକ ସ୍ଥାନରେ ସେତୁ ଭୁଷୁଡି ଅନେକ ଧନ ଜୀବନ ହାନି ଘଟିଥିବାର ନଜିର ରହିଛି । ତେବେ ଏହି ସେତୁ ପୁନଃରାବୃତି ହେବ ନାହିଁ ତ । ଏହି ବିଜୁ ସେତୁ ନିର୍ମାଣ ପାଇଁ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି । ନିର୍ମାଣ କାର୍ଯ୍ୟସ୍ଥାନରେ ସୂଚନ ଫଳକ ନାହିଁ । ତେବେ ଠିକାଦାର ନିଜ ମନମୁତାବକ ନିମ୍ନମାନର କାର୍ଯ୍ୟ କରୁଥିବା ବେଳେ ଏହାକୁ ସ୍ଥାନୀୟ ଲୋକେ ବିରୋଧ କଲେ କିଛି ସୁଫଳ ମିଳୁ ନଥିବା ଅଭିଯୋଗ ହୋଇଛି । ନିମ୍ନମାନର ସିମେଂଟ, ବ୍ୟବହୃତ ଲୁହାଛଡ ଓ ମେଂଟାଲ, ଚିପ୍ସ ସହ ବାଲି ପରିବର୍ତ୍ତେ ମାଟି ମିଶା ବାଲିରେ କଂକ୍ରିଟ କାର୍ଯ୍ୟ ଚାଲିଛି । ଏବଂ ସିମେଂଟ ଭାଗ କମ୍ ରେ କାମ କରାଉଛି । କାର୍ଯ୍ୟର ତଦାରଖ ପାଇଁ ବିଭାଗୀୟ ଅଧିକାରୀ ଅନୁପସ୍ଥିତ ରହୁଛନ୍ତି । ଯାହାକି ଏବେ ଏହି ସେତୁର ସ୍ଥାୟୀତ୍ୱ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏ ଦିଗରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେବାକୁ ବିଭିନ୍ନ ମହଲରୁ ଦାବି ହେଉଛି ।

## ୧୨ ଦିନ ପରେ ସୁସ୍ଥ ହୋଇ ଘରକୁ ଫେରିଲେ ବିଧାୟକ ତାରା ପ୍ରସାଦ ବାହିନିପତି

ଜୟପୁର, ୧୭ ଜୁନ୍ (ହି.ସ.)- ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି କରୋନାରୁ ସୁସ୍ଥ ହୋଇଛନ୍ତି । ଦୀର୍ଘ ୧୨ ଦିନ ଚିକିତ୍ସାଳୟରେ ରହିବା ପରେ ସେ ସୁସ୍ଥ ହୋଇ ଘରକୁ ଫେରିଛନ୍ତି । ବିଧାୟକ ତାରା ପ୍ରସାଦ ବାହିନିପତି କରୋନା ଆକ୍ରାନ୍ତ ଜାଣିବା ପରେ ରାଜ୍ୟପାଳ ଗଣେଶି ଲାଲ, ମୁଖ୍ୟମନ୍ତ୍ରୀ ନବିନ ପଟ୍ଟନାୟକ, ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ତାଙ୍କର ଆଶୁ ଆରୋଗ୍ୟ କାମନା କରିଥିଲେ । ଏହା ସହ ବିଭିନ୍ନ ମହଲରେ ତାଙ୍କର ଆଶୁ ଆରୋଗ୍ୟ କାମନା କରିଯାଇଥିଲା । ଏନେଇ ସେ ନିଜ ଫେସବୁକ ପେଜରେ ଉଲ୍ଲେଖ କରି ତାରା ଲେଖିଛନ୍ତି ଯେ, ଜଗନାଥଙ୍କ କୃପାରୁ ମୁଁ ସୁସ୍ଥ ହୋଇ ଘରକୁ ଫେରିଛନ୍ତି । ଏନେଇ ସେ ଜଗନ୍ନାଥଙ୍କ ନିକଟରେ କୋଟି ପ୍ରଣାମ କରିବା ସହ ଏହି ସଂଘର୍ଷର ଦିନ ଗୁଡିକରେ ସମସ୍ତଙ୍କ ସ୍ନେହାଶିଷ, ଆର୍ଶିବାଦ ଓ ପ୍ରାର୍ଥନାରୁ କଷ୍ଟ ବହୁ ମାତ୍ରାରେ ଦୂର ହୋଇଛି । ସମସ୍ତଙ୍କ ପ୍ରାର୍ଥନା ପାଇଁ ପୁରା ପୁରି ସୁସ୍ଥ ହୋଇଥିବାରୁ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି ସେ । କିଛି ଦିନ ପରେ ପୁଣି ନିଜ ନିର୍ବାଚନ ମଣ୍ଡଳି ତଥା ଓଡିଶା ବାସୀଙ୍କ ସେବାରେ ଉପସ୍ଥିତ ରହି ପୂର୍ବବତ ଜନତାଙ୍କ ସେବା କରିବାର ସୁଯୋଗ ଲାଭ କରିବି ବୋଲି ନିଜ ଫେସବୁକ ପେଜରେ ଉଲ୍ଲେଖ କରିଛନ୍ତି । ପ୍ରକାଶ ଥାଉ କି, ଗତ ୫ ତାରିଖରେ ସେ କରୋନାରେ ଆକ୍ରାନ୍ତ ହୋଇ ଭୁବନେଶ୍ୱରର ଏକ ଘରୋଇ ହସପିଟାଲରେ ଚିକିତ୍ସିତ ହୋଇଥିଲେ ।


# ପ୍ରଭାବିତ ହେଉଛି ପର୍ଯ୍ୟଟନ

କିଛି ମାସ ତଳେ ବିଶ୍ୱର ପ୍ରମୁଖ ରାଷ୍ଟ୍ରରେ ପର୍ଯ୍ୟଟକଙ୍କ ଭିଡ଼ ଜମି ରହୁଥିଲା । ବର୍ତ୍ତମାନର ଦୃଶ୍ୟ କିନ୍ତୁ ବଦଳିଯାଇଛି । ପୁନର୍ବାର କେବେ ପର୍ଯ୍ୟଟକଙ୍କ ଭିଡ଼ ବଢ଼ିବ, ତାହା ଅନୁମାନ କରିବା କଷ୍ଟକର । ରାଷ୍ଟ୍ର ସମୂହ ଅନ୍ତର୍ଜାତୀୟ ଉଡ଼ାଣ ନିମନ୍ତେ ଅନୁମତି ଦେବା ସତ୍ତ୍ୱେ ଜନସାଧାରଣ କିନ୍ତୁ ଚିନ୍ତିତ ରହିବେ । ଅଧିକାଂଶ ରାଷ୍ଟ୍ର ପର୍ଯ୍ୟଟନ ଜରିଆରେ ଲାଭବାନ୍ ହୋଇଥାନ୍ତି । ମିଳିଥିବା ତଥ୍ୟ ଅନୁସାରେ, ବିଦେଶୀ ରାଇଜରେ ଅନେକ କଡ଼ାକଡ଼ି ନିୟମମାନ କୋହଳ କରାଗଲାଣି । ପୂର୍ବ ପରି କିନ୍ତୁ ଜନସମାଗମ ଏତେ ମାତ୍ରାରେ ଦେଖିବାକୁ ମିଳୁନି । ବିଶ୍ୱର ୮୧ ପ୍ରତିଶତ ପର୍ଯ୍ୟଟନ କମ୍ପାନୀଗୁଡ଼ିକର ରୋଜଗାର ସମ୍ପୂର୍ଣ୍ଣ ବନ୍ଦ



ହୋଇଯାଇଛି । ଏମାନଙ୍କ ମଧ୍ୟରୁ ଅଧିକାଂଶ କର୍ମଚାରୀ ଛଟେଇ କରିଥିବା ବେଳେ ଗତ ୨ ମାସ ମଧ୍ୟରେ ବେତନ ଦେବାରେ ଅସମର୍ଥ ବୋଲି ଘୋଷଣା କରିଥିଲେ । ଆମ ଦେଶରେ ମଧ୍ୟ ଏଇ ପର୍ଯ୍ୟଟନ କାରଣରୁ ଶତାଧିକ କମ୍ପାନୀ ଲାଭବାନ ହେଉଥିଲେ । ଶିମଲା, ମନାଲି, ନୈନିତାଲ, ଦାର୍ଜିଲିଂ, ଗ୍ୟାଙ୍ଗଟକ୍ ଆଦି ସ୍ଥାନର ଲୋକ ପର୍ଯ୍ୟଟନ କାରଣରୁ ରୋଜଗାର କରୁଥିଲେ । ଏବେ ସେଠା ଲୋକ ହାତ ବାନ୍ଧି ବସିଛନ୍ତି । ରୋଜଗାରର ଅନ୍ୟ କୌଣସି ଉପାୟ ନାହିଁ । ଦାର୍ଜିଲିଂର ଜନୈକ ବ୍ୟବସାୟୀ ରାମ ଲୁବାନ୍ କହିଛନ୍ତି, ପ୍ରତିବର୍ଷ ଅପ୍ରେଲ ମାସରୁ ଏଠାରେ ପର୍ଯ୍ୟଟକଙ୍କ ବିଡ଼ ଆରମ୍ଭ ହୋଇ ଜୁଲାଇ ପ୍ରଥମ ସପ୍ତାହ ପର୍ଯ୍ୟନ୍ତ ରହେ ।





ରାସ୍ତାଘାଟ ଭିଡ଼ ସହ ହୋଟେଲରେ ଖାଲି କକ୍ଷ ମିଳିବା କାଠିକର କାମ ହୋଇପଡ଼େ । ଚଳିତଥର କିନ୍ତୁ ପରିସ୍ଥିତି ଜଟିଳ ହୋଇପଡ଼ିଛି । ଅଧିକାଂଶ ହୋଟେଲ ସେମାନଙ୍କ କର୍ମଚାରୀ ଛଟେଇ କରିଥିବା ବେଳେ ଦାର୍ଜିଲିଂ ଜନଶୂନ୍ୟ ପରି ଅନୁଭବ ହେଉଛି । ୪୦ ପ୍ରତିଶତରୁ ଅଧିକ ପର୍ଯ୍ୟଟନ କମ୍ପାନୀ ଆଗାମୀ ୩-୬ ମାସ ମଧ୍ୟରେ ଖୋଲିବାର କୌଣସି ସମ୍ଭାବନା ନଥିବାର ସ୍ପଷ୍ଟ ହୋଇଛି । ଲୋକେ ଭ୍ରମଣ ଆରମ୍ଭ କରିବା ପରେ ମଧ ସେମାନଙ୍କ ନିମନ୍ତେ ନୂଆ ନିୟମମାନ ପ୍ରଣୟନ କରାଯିବ, ଯାହା ପର୍ଯ୍ୟଟନକୁ ଅଧିକ କ୍ଷତିଗ୍ରସ୍ତ କରିବ ବୋଲି କମ୍ପାନୀ ତରଫରୁ କୁହାଯାଇଛି ।

# କାର୍ଣ୍ଣିଭାଲରେ ପେପର୍‌ରୁ ନିର୍ମିତ ହେଲା କ୍ରିଷ୍ଟିଆନୋ ରୋନାଲ୍‌ଡୋଙ୍କର ପ୍ରତିମା

ଇଟାଲିର ଭିୟାରିଜିୟୋଠାରେ କାର୍ଣ୍ଣିଭାଲ ଅବସରରେ ଫୁଟବଲ୍ ଖେଳାଳି କ୍ରିଷ୍ଟିଆନୋ ରୋନାଲ୍‌ଡୋଙ୍କ ପେପର୍‌ରେ ନିର୍ମିତ ପ୍ରତିମା ପ୍ରସ୍ତୁତ କରାଯାଇଛି । ଏହାର ପରେଡ୍ କରାଯାଇଥିଲା ଏହି ସମୟରେ ହଜାର ସଂଖ୍ୟକ ଲୋକେ ଉପସ୍ଥିତ ହୋଇଥିଲେ । ଏହି ପ୍ରତିମାର ଉଚ୍ଚତା ଚାରି ମହଲା କୋଠା ସହ ସମାନ ଥିଲା । ଏହି କାର୍ଣ୍ଣିଭାଲ ସେଠାରେ ଲୋକପ୍ରିୟ ହୋଇଥିବା



ବେଳେ ଏଥିରେ ପ୍ରସିଦ୍ଧ ଆଇଡଲ୍‌ଙ୍କୁ ପ୍ରଦର୍ଶନ କରାଯାଉଥିବାରୁ ଏହି ଉତ୍ସବ ପ୍ରସିଦ୍ଧ । ରୋନାଲ୍‌ଡୋଙ୍କ ପ୍ରତିମାଙ୍କୁ ସିଲ୍‌ଭର ରଙ୍ଗରେ ରୋବୋଟ୍ ଭଳି ଲୁକ୍ ଦିଆଯାଇଥିଲା । ସୂଚନାଯୋଗ୍ୟ ଯେ, ଜାନୁଆରୀରେ ପର୍ତ୍ତୁଗାଲର ଚକୋଲେଟ୍ ନିର୍ମାତା ଜକ୍ କାରୋଡୋସୋ ଚକୋଲେଟ୍‌ରେ ଫୁଟବଲ୍ ତାରକା କ୍ରିଷ୍ଟିଆନୋ ରୋନାଲଡୋଙ୍କର ଷ୍ଟାଚ୍ୟୁ ନିର୍ମଣ କରିଥିଲେ । ଯାହା ସୋସିଆଲ ମିଡିଆରେ ଖୁବ୍ ଭାଇରାଲ ହୋଇଥିଲା । ସ୍ୱିଜରଲ୍ୟାଣ୍ଡର ଗିଭିସେଜ୍‌ଠାରେ ଏକ ଚକୋଲେଟ୍ ଫ୍ୟାକ୍ଟ୍ରିରେ ପ୍ରସ୍ତୁତ ୧.୮୭ ମିଟର ଲମ୍ବ ଏହି ଷ୍ଟାଚ୍ୟୁକୁ ବନାଇବାରେ ୧୨୦ କିଲୋ ଚକୋଲେଟ୍‌ର ବ୍ୟବହାର କରାଯାଇଥିଲା ।

# ଅଲିମ୍ପିକ୍ ନେସ୍‌ନାଲ୍ ପାର୍କ

ଯୁକ୍ତରାଷ୍ଟ୍ର ଆମେରିକାର ଓ୍ୱାସିଂଟନ୍ ପ୍ରଦେଶ ଅନ୍ତର୍ଗତ ଅଲିମ୍ପିକ୍ ଉପଦ୍ୱୀପରେ ଏହି ନାମରେ ଏକ ଜାତୀୟ ଉଦ୍ୟାନ ଏବଂ ୧୯୮୧ରେ ବିଶ୍ୱ ଐତିହ୍ୟ ଘୋଷିତ ହୋଇଥିଲା ଏହା ମଧ୍ୟରେ ତିନି ପ୍ରକାରର ପର୍ଯ୍ୟାବରଣ- ଉପ-ଆଲପାଇନ୍ ଜଙ୍ଗଲ ଓ ଜଙ୍ଗଲୀ ଫୁଲର ପ୍ରାନ୍ତର, ନାତିଶୀତୋଷ୍ଣ ଜଙ୍ଗଲ ଏବଂ ପ୍ରସ୍ତରମୟ ବେଳାଭୂମି ଦେଖିବାକୁ ମିଳେ । ୩୭୩୪ ବର୍ଗ କିଲୋମିଟର ଅଞ୍ଚଳକୁ ଏହା ବ୍ୟାପ୍ତ । ଏହା ମଧ୍ୟରେ ହୋ ନଦୀ ପ୍ରବାହିତ ଏବଂ ଏହା ହୋ ଆଦିମ ଅଧିବାସୀଙ୍କ ବାସସ୍ଥାନ ।



# ସୁସ୍ଥ ମସ୍ତିଷ୍କ ଓ ଶରୀର ନିମନ୍ତେ ଟିପ୍ସ


ସାମାନ୍ୟ କଥାରେ ବ୍ୟତିବ୍ୟସ୍ତ ହେଲେ ମାନସିକ ଚାପ ବଢ଼ିଥାଏ । ଏହା କାରଣରୁ ମୁଣ୍ଡବିନ୍ଧା, ଚିଡ଼ଚିଡ଼ା ସହ ରକ୍ତଚାପ ବୃଦ୍ଧିର ସମସ୍ୟା ଉପୁଜେ । ମସ୍ତିଷ୍କ ଓ ଶରୀର ଉଭୟକୁ ସୁସ୍ଥ ରଖିବା ନିମନ୍ତେ ବିଶେଷଜ୍ଞ ଦଳ କେତୋଟି ପରାମର୍ଶ ଦେଇଛନ୍ତି ।

♦ ନିଦ ଭାଙ୍ଗିବା ପରେ ଛାତ ଉପରେ କିମ୍ବା ବାଲକୋନିରେ ଖରାରେ କିଛି ସମୟ ଚଲାବୁଲା କରନ୍ତୁ । ଏକ ଅନୁସନ୍ଧାନରୁ ଜଣାପଡ଼ିଛି ସକାଳବେଳାର ସୂର୍ଯ୍ୟକିରଣରେ ଅଳ୍ପ ସମୟ ଚଲାବୁଲା କଲେ, ମନ ପ୍ରଫୁଲ୍ଲ ରହେ ।

♦ ଘର ସମ୍ମୁଖରେ ବଗିଚା ଥିଲେ, ଖାଲି ପାଦରେ ଚଲାବୁଲା କରିବା ଉଚିତ । ପାର୍କକୁ ଭ୍ରମଣ ପାଇଁ ଯାଉଥିଲେ ସେଠାରେ ମଧ ୫-୭ ମିନିଟ୍ ପାଇଁ ଏଇ ଅଭ୍ୟାସ କଲେ ଫରକ୍ ଆପଣ ଜାଣିପାରିବେ । ବ୍ରିଟେନ୍ ଓ ଆମେରିକାରେ ରକ୍ତଚାପ ଗୋଗୀଙ୍କୁ ଡାକ୍ତର 'ଓ୍ୱାକ୍ ଇନ୍ ଗ୍ରାସ୍' ଥେରାପି ପରାମର୍ଶ ଦେଇଥାନ୍ତି ।

♦ ନିଜ ମନପସନ୍ଦର ଖାଦ୍ୟ ରାନ୍ଧି ଖାଆନ୍ତୁ । ସବୁବେଳେ ନ ହେଲେ ମଧ ସପ୍ତାହକୁ ଥରୁଟିଏ ଏହା କରିପାରନ୍ତି । ମାନସିକ ସୁସ୍ଥତା ନିମନ୍ତେ ଏହା ମଧ ସହଜ ଓ ସରଳ ଉପାୟ ।

♦ ସବୁଠୁ ମୁଖ୍ୟ କଥା ହେଲା, ଓଜନକୁ ନିୟନ୍ତ୍ରଣରେ ରଖନ୍ତୁ ।



# ସୁସ୍ଥତାର ରହସ୍ୟ

ନିକଟରେ ଲଣ୍ଡନର ଗବେଷକଦଳ ବିଶ୍ୱର ବିଭିନ୍ନ ପ୍ରାନ୍ତରେ ୧୨୦ ବୟସ୍କ ପିଢ଼ିଙ୍କୁ ଉପରେ ସର୍ବେକ୍ଷଣ କରିଥିଲେ । ଏ ସମସ୍ତଙ୍କ ବୟସ ୭୫ ବର୍ଷରୁ ଅଧିକ ଥିବାବେଳେ ସେମାନେ କରୋନା ଭାଇରସ୍ ସହ ଲଢ଼ି ପୁନଃ ସୁସ୍ଥ ଜୀବନଯାପନ କରୁଛନ୍ତି । ଇଟାଲୀ, ଆମେରିକା, ସ୍ପେନ୍ ଓ ଭାରତର ମଧ ବୟସ୍କ ଲୋକ ଏଥିରେ ସାମିଲ ହୋଇଥିଲେ ।

-ନ୍ୟୁୟର୍କ ବାସିନ୍ଦା ୮୧ ବର୍ଷୀୟା ଜିଡେଉ ହେଇ, ଅବସରପ୍ରାପ୍ତ ଇଂଜିନିୟର । କରୋନା ପଜିଟିଭ୍ ତାଙ୍କର ବାହାରିବା ପରେ ସେ ଆଦୌ ବ୍ୟତିବ୍ୟସ୍ତ ହୋଇନଥିଲେ । ଡାକ୍ତରୀଦଳଙ୍କ ପରାମର୍ଶ ଅନୁସାରେ କିଛିଦିନ ଚିକିତ୍ସାଳୟରେ ରହିଲେ ଓ ପରେ ତାଙ୍କର ନେଗେଟିଭ୍ ରିପୋର୍ଟ ଆସିଥିଲା । ଜିଡେଉଙ୍କ ଶରୀରର ରୋଗପ୍ରତିରୋଧକ ଶକ୍ତି ଖୁବ୍ ଭଲ ଥିବାର ତାଙ୍କୁ ଚିକିତ୍ସା କରୁଥିବା ଡାକ୍ତର କହିଛନ୍ତି । ନିୟମିତ ଅଣ୍ଡା ଖାଇବା ସହ ଫଳମୂଳ ସେ ଅଧିକ ଖାଉଥିବାର ମତ ଦେଇଥିଲେ । ବୋଧହୁଏ ଏହା ହିଁ ତାଙ୍କ ରୋଗପ୍ରତିରୋଧକ ଶକ୍ତି ବୃଦ୍ଧିର କାରଣ ବୋଲି ଡାକ୍ତରୀ ଦଳଙ୍କ ମତ ।

-ଇନ୍ଦୋର ନିବାସୀ ୯୫ ବର୍ଷୀୟା ଚନ୍ଦାବାଇ ପରମାର । ଲଣ୍ଡନ ବିଶେଷଜ୍ଞ ଦଳ ଏହି ଭାରତୀୟ ବୟସ୍କାଙ୍କ ତଥ୍ୟ ମଧ ନେଇଛନ୍ତି । ଏ ବୟସରେ ମଧ ସେ କରୋନାକୁ ହରାଇପାରିବା ସମସ୍ତଙ୍କ ପାଇଁ ଆଶ୍ଚର୍ଯ୍ୟର ବିଷୟ । ୧୧ଦିନ ଚିକିତ୍ସାଳୟରେ ଗମ୍ଭୀର ଅବସ୍ଥାରେ ରହିବା ପରେ ସେ ସୁସ୍ଥ ହୋଇ ଫେରିଛନ୍ତି । ଚନ୍ଦାବାଇ ଏବେ ପର୍ଯ୍ୟନ୍ତ ଦୈନିକ ଯୋଗ କରିବା ସହ ଆମିଷ ଭୋଜନ ଖୁବ୍ ଭଲପାନ୍ତି । ଦୈନିକ ରାତିରେ ଖିରରେ ଶୁଦ୍ଧ ଦେଶୀ ଘିଅ ମିଶାଇ ପିଇବା ତାଙ୍କ ପିଲା ବେଳରୁ ଅଭ୍ୟାସ । ତାଙ୍କ ମତରେ ଉତ୍ତମ ପୋଷକତତ୍ତ୍ୱ ଖାଦ୍ୟ ହିଁ ତାଙ୍କ ସୁସ୍ଥ ଜୀବନଶୈଳୀରେ ରହସ୍ୟ । କରୋନା ଆକ୍ରାନ୍ତ ହେବା ପରେ ସେ ଦୁର୍ବଳ ଅନୁଭବ କରୁଛନ୍ତି । ହେଲେ ଖାଦ୍ୟପାନୀୟ ଓ ଯୋଗ କରିବାରେ ଆଦୌ ହେଳା କରୁନଥିବାର ପ୍ରକାଶ ।

# ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବାର ଉପାୟ

ଯେ କୌଣସି ରୋଗରୁ ବର୍ତ୍ତିବାର ପ୍ରମୁଖ ସମାଧାନ ହେଉଛି ନିଜ ଶରୀରର ରୋଗପ୍ରତତିରୋଧକ ଶକ୍ତି ବୃଦ୍ଧି କରିବା । ଶରୀରର ଶକ୍ତି ବଢ଼ାଇବା ସେଭଳି କଠିନ କାମ ନୁହେଁ । ନିଜ ଖାଦ୍ୟପାନୀୟ ଜଳ କସରତ୍, ଯୋଗ, ପ୍ରାଣାୟମ ଇତ୍ୟାଦି ନିୟମିତ କଲେ ସୁସ୍ଥ ରହିପାରିବେ । ଦିଲ୍ଲୀର ନାମୀ ଖାଦ୍ୟ ବିଶେଷଜ୍ଞ ନିରୁ ସିଂଙ୍କ ମତରେ ହଠାତ୍ କରି ଆମେ ଖାଦ୍ୟ ତାଲିକା ଅନୁସାରେ ଖାଇଲେ କିମ୍ବା ଅନ୍ୟ ସମସ୍ତ ନିୟମ ମାନି ଚଳିଲେ, ଲାଭ ମିଳେନାହିଁ । ଏକ ଲମ୍ବା ସମୟ ପର୍ଯ୍ୟନ୍ତ ସେସବୁ ପାଳନ କଲେ, ପ୍ରତ୍ୟେକ ଶରୀରର ରୋଗପ୍ରତିରୋଧକ ଶକ୍ତି ବଢ଼ିଥାଏ ।

♦ ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ପିଲାଠାରୁ ବୟସ୍କ ସକାଳବେଳା ସୂର୍ଯ୍ୟକିରଣରେ ୨୦-୩୦ ମିନିଟ୍ ବୁଲାବୁଲି କରିବା ଉଚିତ । ଧ୍ୟାନରେ ରଖନ୍ତୁ, ଏବେ ଦ୍ୱିପହର ସମୟରେ ଖରାରେ ବୁଲିଲେ ଆପଣଙ୍କୁ ଅଂଶୁଘାତ ହେବାର ଆଶଙ୍କା ସର୍ବାଧିକ । ଭିଟାମିନ୍ ଡି' ଆବଶ୍ୟକ ପରିମାଣରେ ଶରୀରକୁ ମିଳିବା ଦରକାର । ଆମେରିକା ଭଳି ଥଣ୍ଡା ରାଷ୍ଟ୍ରରେ ଲୋକେ ପର୍ଯ୍ୟାପ୍ତ ପରିମାଣର ସୂର୍ଯ୍ୟକିରଣ ସଂସ୍ପର୍ଶରେ ଆସିପାରିନଥାନ୍ତି । ଏଣୁ ସେମାନେ ଭିଟାମିନ୍ ଡି' କ୍ୟାପସୁଲ୍ ଖାଇଥାନ୍ତି ।

♦ ସତେଜ ସବୁଜ ପନିପରିବା ନିୟମିତ ଭାବେ କିଣି ଖାଆନ୍ତୁ, ନଚେତ୍ ନିଜ ଘର ବଗିଚାରେ ସେସବୁ ଲଗାଇବାର ବନ୍ଦୋବସ୍ତ କରିପାରିବେ । ଫ୍ରିଜ୍‌ରେ ଅଧିକ ଦିନ ପରିବା ରଖି ଖାଇଲେ କୌଣସି ଲାଭ ମିଳେନାହିଁ ।

♦ ପିଲାଠାରୁ ବୟସ୍କ ସମସ୍ତେ ଦୈନିକ ରସୁଣ ଛୁଙ୍କ ବ୍ୟଞ୍ଜନ ଖାଇବା ଜରୁରୀ । ସମୟକ୍ରମେ ଶରୀରର ଶକ୍ତି ବଢ଼ିଥାଏ ।

♦ ଉଷୁମ ପାଣି ପିଇବାର ଅଭ୍ୟାସ ରଖନ୍ତୁ । ଆପଣଙ୍କ ଉତ୍ତମ ଜୀବନଶୈଳୀ ନିମନ୍ତେ ଏହା ଖୁବ୍ ସହାୟକ ହେବ ।

♦ ଅନ୍ୟାନ୍ୟ କସରତ ସହ ଯୋଗ କରିବାକୁ ଅଧିକ ପ୍ରାଧାନ୍ୟ ଦିଅନ୍ତୁ ।



# ମାନସିକ ଚାପର ମୁକାବିଲା

ଆଜିକାଲି ବ୍ୟସ୍ତବହୁଳ ଆଧୁନିକ ଜୀବନରେ ଆମେ ସମସ୍ତେ ପ୍ରତ୍ୟେକ କିଛି ନା କିଛି ମାନସିକ ଚାପ ବା ଷ୍ଟ୍ରେସର ସମ୍ମୁଖୀନ ହେଉଛେ । ସବୁବେଳେ ମାନସିକ ଚାପ ଆମମାନଙ୍କ ପ୍ରତି କ୍ଷତିକାରକ ହୋଇ ନଥାଏ । ବରଂ ବେଳେ ବେଳେ ଏହ ଆମମାନଙ୍କ ପାଇଁ ସହାୟକ ହୋଇଥାଏ । ଏହା ଦ୍ୱାରା ମନୁଷ୍ୟର କାର୍ଯ୍ୟଦକ୍ଷତା ବୃଦ୍ଧି ପାଇଥାଏ । ମାତ୍ର ଯେତେବେଳେ ଆମ ଉପରେ ମାନସିକ ଚାପ ଅତ୍ୟଧିକ ମାତ୍ରରେ ପଡ଼ିଥାଏ ବା ଅଧିକ ଦିନ ପର୍ଯ୍ୟନ୍ତ ଲାଗି ରହିଥାଏ, ସେତେବେଳେ ଏହା ଆମର ମାନସକ ଓ ଶାରୀରିକ ସ୍ୱାସ୍ଥ୍ୟ ପ୍ରତି ହାନିକାରକ ହୋଇଥାଏ । ଆମ ଦେଶରେ ପ୍ରାୟ ୨୦ରୁ ୩୦ ପ୍ରତିଶତ ଲୋକଙ୍କଠାରେ ମାନସିକ ଚାପଜନିତ ସମସ୍ୟା ଦେଖାଯାଇଥାଏ । ଆସନ୍ତୁ ଜାଣିବା ମାନସିକ ଚାପର ବିଭିନ୍ନ କାରଣର, ଲକ୍ଷଣର ଓ ଏହାର ମୁକାବିଲା କରିବାର ଉପାୟଗୁଡ଼ିକ ସମ୍ବନ୍ଧରେ ।

**କେଉଁ କାରଣରୁର ମାନସିକ ଚାପ ଦେଖାଦେଇଥାଏ ?**

ମାନସିକ ଚାପ ବିଭିନ୍ନ କାରଣରୁ ହୋଇପାରେ । ଆଜିକାଲି ସ୍କୁଲ ଓ କଲେଜରେ ପାଠ



ପଢୁଥିବା ଛାତ୍ରଛାତ୍ରୀମାନଙ୍କ ଉପରେ ପାଠପଢ଼ା ଓ ପରୀକ୍ଷାରେ ଅଧିକ ନମ୍ବର ରଖିବା ପାଇଁ ସବୁବେଳେ ମାନସିକ ଚାପ ପଡୁଛି । ବିଭିନ୍ନ ଚାକିରି ଓ ବ୍ୟବସାୟ କରୁଥିବା ବ୍ୟକ୍ତି ଅଧିକାଂଶ ସମୟରେ ଅତ୍ୟଧିକ କାର୍ଯ୍ୟଭାରର ସମ୍ମୁଖୀନ ହେଉଛନ୍ତି । ଏହା ଛଡ଼ା କାର୍ଯ୍ୟକ୍ଷେତ୍ରରେ ଅତ୍ୟଧିକ ପ୍ରତିଦ୍ୱନ୍ଦ୍ୱିତାମୂଳକ ମନୋଭାବ ରଖି କାମ କରୁଥିବା ବ୍ୟକ୍ତିମାନେ ମାନସିକ ଚାପର ବେଶି ଶିାର ହେଉଛନ୍ତି । ଏକ ସାଙ୍ଗରେ ବହୁତ ଗୁଡ଼େ କାମ (ମଲ୍‌ଟିଟାସ୍କିଂ) କରିବା ଦ୍ୱାରା ମଧ ମାନସିକ ଚାପ ବୃଦ୍ଧି ପାଉଛି । ଜୀବନରେ ଘଟୁଥିବା କେତେକ କଠିନ ଓ ଅସୁବିଧାଜନକ ଘଟଣାବଳି ଯଥା ବେରୋଜଗାରି, ଆର୍ଥିକ ସଙ୍କଟ, ପାରିବାରିକ କଳହ, ଆତ୍ମୀୟ ଲୋକର ହଠାତ୍ ମୃତ୍ୟୁ ଆଦି ମାନସିକ ଚାପ ସୃଷ୍ଟି କରିଥାଏ । ସବୁବେଳେ ନକାରାତ୍ମକ ଚିନ୍ତାଧାରା ରଖି କାର୍ଯ୍ୟ କରୁଥିବା ବ୍ୟକ୍ତିମାନେ ଅନ୍ୟମାନଙ୍କ ଅପେକ୍ଷା ଅଧିକ ମାନସିକ ଚାପର ସମ୍ମୁଖୀନ ହୋଇଥାନ୍ତି । ପ୍ରତିଦିନ ଶୋଇବା ଓ ବିଶ୍ରାମ କରିବା ପାଇଁ ଯଥେଷ୍ଟ ସମୟ ନ ମିଳିଲେ ମାନସିକ ଚାପ ସୃଷ୍ଟି ହୋଇଥାଏ । ପୁରୁଷମାନଙ୍କ ଅପେକ୍ଷା ମହିଳାମାନଙ୍କଠାରେ ମାନସିକ ଚାପଜନିତ ସମସ୍ୟା ଅଧିକ ଦେଖାଯାଇଥାଏ । କେତେକ ବ୍ୟକ୍ତି ଜିନ୍‌ଗତ କାରଣ ଯୋଗୁ ମାନସିକ ଚାପ ପ୍ରତି ଅତ୍ୟଧିକ ସମ୍ବେଦନଶୀଳ ହୋଇଥାନ୍ତି । ଆଜିକାଲିର ଆଧୁନିକ ଜୀବନଶୈଳୀ ମଧ କେତେକାଂଶରେ ମାନସିକ ଚାପ ଆରମ୍ଭର କାରଣ ହୋଇପାରେ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ଅକ୍ଟୋବରରେ ପୁଣି ତୃତୀୟ ଲହର...

ଦେଶର ବିଭିନ୍ନ ରାଜ୍ୟରେ ଏବେ ଲକ୍‌ଡାଉନ୍ ହଟାଇ ନିଆଯାଇଛି ଅବା ଏହାକୁ କୋହଳ କରାଯାଇଛି । ଏହାର ଏକମାତ୍ର କାରଣ ଏହା ଯେ, ଦ୍ୱିତୀୟ ଲହର ମାତ୍ରା ଏବେ ପ୍ରଶମିତ ହୋଇଛି ଏବଂ ପ୍ରତିଦିନ ନୂତନ ସଂକ୍ରମିତଙ୍କ ସଂଖ୍ୟା ଦ୍ରୁତ ମାତ୍ରାରେ କମିବାରେ ଲାଗିଛି । ତେଣୁ ଏହାକୁ ଦୃଷ୍ଟିରେ ରଖି ଲକ୍‌ଡାଉନ୍ କଟକଣାକୁ କୋହଳ କରାଯାଇଛି । ତେବେ ବାସ୍ତବତା ହେଲା କରୋନା ମହାମାରୀ ଏବେସୁଦ୍ଧା ଦେଶରୁ ଦୂର ହୋଇନାହିଁ । କେବଳ ଭାରତରୁ ନୁହେଁ, ଅନ୍ୟ ରାଷ୍ଟ୍ରମାନଙ୍କରେ ମଧ୍ୟ ଅନୁରୂପ ଅବସ୍ଥା ଲାଗିରହିଛି । ସ୍ମରଣଯୋଗ୍ୟ ଯେ, ଚଳିତ ବର୍ଷ ପ୍ରାରମ୍ଭରେ ଦେଶର ପରିସ୍ଥିତି ମଧ୍ୟ ଅନୁରୂପ ଥିଲା ଯେତେବେଳେ ପ୍ରଥମ ଲହରରୁ ଦେଶ ପ୍ରାୟତଃ ମୁକ୍ତ ହୋଇ ସାରିଥିଲା । ସେତେବେଳେ କେହି (ସରକାର କିମ୍ବା ଚିକିତ୍ସାବିଜ୍ଞାନ ଅବା ଭୂତାଣୁବିଜ୍ଞାନ ବା ସାଧାରଣ ଜନତା) ଆଶା କରିନଥିଲେ ଯେ ପୁଣି ଥରେ କରୋନାର ଦ୍ୱିତୀୟ ଲହର ଆସିବ ଏବଂ ତାହା ଏଭଳି ଭୟଙ୍କର ରୂପ ଧାରଣ କରିବ । କିନ୍ତୁ ଯାହା ହେଲା ତାହା ଦେଶବାସୀ ଭୋଗିଲେ ଏବଂ ଭୋଗୁଛନ୍ତି । ଏବେ ଏହା ସ୍ପଷ୍ଟ ହୋଇସାରିଛି ଯେ, କରୋନା ମହାମାରୀ ଏତେ ଶୀଘ୍ର ବିଶ୍ୱରୁ ହଟୁନାହିଁ ଏବଂ ଏହାର ଗୋଟିକ ପରେ ଗୋଟିଏ ଲହର ସମୟାନ୍ତରେ ଆସିବ ଏବଂ ତାହାକୁ ସଭିଏଁ ମୁକାବିଲା କରିବାକୁ ପଡ଼ିବ । ମହାମାରୀକୁ ମୁକାବିଲା କରିବା ଯେତିକି କଷ୍ଟସାଧ ନୁହେଁ, ତାହାଠାରୁ ଅଧିକ ସଂକଟ ସୃଷ୍ଟି କରିଛି କରୋନାର ପରିବର୍ତ୍ତିତ କାୟା । ଆରମ୍ଭ ହେବା ଦିନଠାରୁ କରୋନାର ବିଭିନ୍ନ ପରିବର୍ତ୍ତିତ ରୂପକୁ ବିଜ୍ଞାନୀମାନେ ଚିହ୍ନଟ କରିଆସୁଛନ୍ତି । ଦ୍ୱିତୀୟ ଲହର ବେଳେ ଏହି ଭୂତାଣୁର ଯେତେ ଯେତେ ଭେରିଆଣ୍ଟ ମିଳିଥିଲା ସେଥିରୁ ସବୁଠାରୁ ଭୟଙ୍କର ଥିଲା ଡେଲଟା ଭେରିଆଣ୍ଟ । ଏହା ପ୍ରଥମେ ବ୍ରିଟେନ୍‌ରେ ଦେଖା ଦେଇଥିଲା ଏବଂ ଇତିମଧ୍ୟରେ ଭାରତ ସମେତ ଅନ୍ୟ ଦେଶରୁ ଊର୍ଦ୍ଧ୍ୱ ରାଷ୍ଟ୍ରରେ ଏହାର ନମୁନା ଠାବ କରାଯାଇ ସାରିଛି । ସମ୍ଭାବ୍ୟ ତୃତୀୟ ଲହର ଏହି ଭେରିଆଣ୍ଟ ଯୋଗେ ବ୍ୟାପିବ ଏବଂ ତାହା ଅଧିକ ମାରାତ୍ମକ ହେବ ବୋଲି କେତେକ ଭୂତାଣୁବିଜ୍ଞାନୀ ଆଶଙ୍କା ପ୍ରକଟ କରନ୍ତି । ଦ୍ୱିତୀୟ ଲହର ବେଳେ ଚିହ୍ନଟ କରାଯାଇଥିବା ଡେଲଟା ଭେରିଆଣ୍ଟ ଇତିମଧ୍ୟରେ ତା'ର ଏକ ନୂତନ ମ୍ୟୁଟାଣ୍ଟ୍ ଭେରିଆଣ୍ଟ୍‌କୁ ଜନ୍ମ ଦେଇସାରିଛି । ତାହାକୁ 'ଡେଲଟା ପ୍ଲସ୍' ବୋଲି ନାମିତ କରାଯାଇଛି । ଏହା ଏବେ ନିରବରେ ବ୍ୟାପିବାରେ ଲାଗିଛି । ବ୍ରିଟେନ୍‌ରେ ଆରମ୍ଭ ହୋଇସାରିଥିବା ତୃତୀୟ ଲହର ପଛରେ ଏହି ଭେରିଆଣ୍ଟ୍ କାମ କରୁଛି ବୋଲି ସେଠାକାର ଚିକିତ୍ସାବିଜ୍ଞାନୀମାନେ ଚେତାବନୀ ଶୁଣାଇଛନ୍ତି । କେବଳ ଭାରତ ନୁହେଁ, ଅଧିକାଂଶ ରାଷ୍ଟ୍ର ଏବେ ତୃତୀୟ ଲହରକୁ ସାମ୍ନା କରିବାକୁ ପ୍ରସ୍ତୁତ ଚଳାଇଛନ୍ତି । ଭାରତ ମଧ୍ୟ ତା'ର ଉପକ୍ରମ ଜାରି ରଖିଛି । ତେବେ ପ୍ରଥମ ଓ ଦ୍ୱିତୀୟ ଲହରରୁ ଯେଉଁ ଶିକ୍ଷା ମିଳିଛି, ତାହାକୁ ଭୁଲିଗଲେ ତୃତୀୟ ଲହରର ବୋଝକୁ ଅଧିକ ମାତ୍ରାରେ ମୁଣ୍ଡାଇବାକୁ ପଡ଼ିବ ବୋଲି ଭୂତାଣୁ ବିଜ୍ଞାନୀମାନେ ଚେତାବନୀ ଶୁଣାନ୍ତି । ଏହି ଶିକ୍ଷାଟି ହେଉଛି, ଅନ୍‌ଲକ୍ ସତ୍ତ୍ୱେ ଲୋକମାନେ ଯଦି ସତର୍କତା ଅବଲମ୍ବନ ନକରନ୍ତି ଏବଂ ମାସ୍କ ପିନ୍ଧିବା ସମେତ ନିଜ ଚଳପ୍ରଚଳକୁ ସୀମିତ ନକରନ୍ତି, ତେବେ ଏହା ଅଧିକ ମାତ୍ରାରେ ବ୍ୟାପିବା ସୁନିଶ୍ଚିତ । ମହାରାଷ୍ଟ୍ରର କୋଭିଡ ଟାସ୍କଫୋର୍ସ ତ ଚେତାବନୀ ଶୁଣାଇ ସାରିଛି ଯେ ଆଗାମୀ ଦୁଇରୁ ଚାରିସପ୍ତାହ ଭିତରେ ତୃତୀୟ ଲହର ସେ ରାଜ୍ୟରେ ଆରମ୍ଭ ହୋଇଯାଇପାରେ । ତେଣୁ ଅକ୍ଟୋବର ବେଳକୁ ତାହା ଆରମ୍ଭ ହେବାର ଯାହା ଆଶା କରାଯାଉଥିଲା ତା'ର ଯଥେଷ୍ଟ ପୂର୍ବରୁ ତୃତୀୟ ଲହର ଯଦି ଆସେ ତେବେ ତାହାର ସମ୍ମୁଖୀନ ହେବାକୁ ପ୍ରକୃତରେ ଆମମାନଙ୍କ ପାଖରେ ଆଉ ସମୟ ନାହିଁ । ତେଣୁ ଅନେକ ରାଜ୍ୟ ସରକାର ଲକ୍‌ଡାଉନ୍ ଅବଧିକୁ ବଢ଼ାଇଛନ୍ତି ଏବଂ ଯେଉଁମାନେ ତାହା କୋହଳ କରିଛନ୍ତି ସେମାନେ ପୁଣି ଥରେ କଟକଣାକୁ ଦୃଢ଼ କରିବା ସୁନିଶ୍ଚିତ । ଏକଥା ନିଶ୍ଚିତ ଯେ, କୋଭିଡ ମହାମାରୀର ମୁକାବିଲା କରିବା ନିମନ୍ତେ ଏବେ ପୂର୍ବ ତୁଳନାରେ ଆମମାନଙ୍କ ନିକଟରେ ଅଧିକ ସାଧନ ଉପଲବ୍ଧ । କିନ୍ତୁ ତାହା ଯେ ପର୍ଯ୍ୟାପ୍ତ ନୁହେଁ, ଏହା ମଧ୍ୟ ଚରମ ବାସ୍ତବତା । ଚିକିତ୍ସା ଭିତ୍ତିଭୂମିର ଉନ୍ନତିକରଣ ଏବଂ ବ୍ୟାପକ ଟିକାକରଣ ସତ୍ତ୍ୱେ ଯଦି ସତର୍କତା ଅବଲମ୍ବନରେ ସାମାନ୍ୟ ବିଚ୍ୟୁତି ଘଟେ, ତେବେ ଏହି ମହାମାରୀ ଆକ୍ରାନ୍ତ କରିବାର ଆଶଙ୍କା ସର୍ବାଧିକ । ତେଣୁ ଦୁଇଟି ଲହର ଏବଂ ସେଥିରୁ ଉଦ୍ଧାର ପାଇବା କ୍ରମରେ ଯେଉଁ ଅଭିଜ୍ଞତା ଅର୍ଜନ କରାଯାଇଛି ସଭିଏଁ ନିଜର ନିରାପତ୍ତା ଦୃଷ୍ଟିରୁ ତାହାକୁ ହିଁ ଆପଣାଇବା ବିଜ୍ଞତାର ପରିଚୟ ହେବ ।

## କବିତା କୋଣାର୍କ



### ଆସିଛି ମୌସୁମୀ....

ଜୟଶ୍ରୀ ପଟ୍ଟନାୟକ

ବୈଶାଖର ଦାରୁଣ ନିଦାଘକୁ ଶାନ୍ତ କରିବା ପାଇଁ
ଆସିଛି ମୌସୁମୀ ପବନର ପାଲିଙ୍କିରେ
ପହିଲି ମିଳନରେ ମାଟିକୁ ଭେଟିଦେବ
ବିଜୁଳିର ରୋଶଣୀ, ଘଡ଼ ଘଡ଼ି, ପବନର ଶୀତଳ ସମୀରଣ
ବର୍ଷା ବିନ୍ଦୁର କୁନ୍ଦନରେ ଭରା କଳାମେଘୀ ଶାଢ଼ୀ
ଶ୍ୟାମଳ ବନାନୀର ପଣତ, ନାନାଜାତିର ଫୁଲ ସମ୍ଭାର ।

ହୃଦୟରେ ନୂତନ ସୃଷ୍ଟିର ଅଫୁର' ଆନନ୍ଦ
ତା ମିଳନରେ ମାଟି ହେବ ରଜସ୍ୱଳା
ନଦୀହେବ ପୂର୍ଣ୍ଣଗର୍ଭା, ଶ୍ୟାମଳ ଦିଶିବ ବନସ୍ପତି
ସାଗୁଆ ଦିଶିବ ବନ ଉପବନ ଉଦ୍ୟାନର ତରୁଲତା ।
ସେ ଲାଗି ମନଦୋଳି ତାର ଆକାଶ ଛୁଏଁ
ପ୍ରିୟମେଘର ମିଳନରେ ହଜିଯିବ ତାର ନିଦାଘ କଷ୍ଟ
ନୂଆ ଜଳର ସ୍ପର୍ଶରେ ପାଇବ ଅମୃତ ପରଶ
ମେଘ ଲେଖିଦେବ ପ୍ରିୟା ଓଠରେ ସବୁତକ ହସ ।

ମାଟି ହସିଲେ ମେଘ ହସିବ, ମେଘ ବର୍ଷିଲେ ମାଟି ଖୁସିହେବ
କଳା ଜୀମୂତକୁ ଆକାଶରେ ଦେଖି ନାଚି ଉଠିବ ମୟୂର
ମେଂଟିବ ଚାତକର ଶୋଷ, ବେଙ୍ଗ ଖୁସୀରେ ଦେବ ରାବ
ହସିବ ପ୍ରକୃତି, ପରିବେଶ ହସିବ ଏ ସାରା ସଂସାର ।

+ ଗଙ୍ଗନଗର, ଭୁବନେଶ୍ୱର
୭୯୭୮୧୧୦୪୭୪

## ବିରୋଧୀ ସିଦ୍ଧାନ୍ତରେ ପ୍ରଭାବିତ ବିଚାରକ



ଗୋପାଳ ମହାପାତ୍ର

ଭାରତ ଏବଂ ସମଗ୍ର ବିଶ୍ୱ ଶତାବ୍ଦୀରେ ଥରେ ଆସିବାକୁ ଥିବା ମହାମାରୀର ମୁକାବିଲା କରିଥାଏ । ମାନବ ଜାତିର ଇତିହାସରେ ଏହା ସବୁଠାରୁ ଦୁଃଖଦ ଏବଂ ବିନାଶକାରୀ ଘଟଣା ବୋଲି କୁହାଯାଇପାରେ । ଏବେ ସାରା ବିଶ୍ୱରେ କରୋନା ମହାମାରୀର ପ୍ରଭାବ ବିଶେଷ ଭାବେ ଅନୁଭୁତ ହେଉଛି । ଭାତର ସରକାର ତଥା ରାଜ୍ୟ ସରକାର ମାନେ ଏହି ମହାମାରୀ କିଭଳି ଭାବରେ ଅଧିକ ଭାବରେ ଲୋକଙ୍କୁ ସଂକ୍ରମିତ ନକରିବ ସେ ନେଇ ଉଦ୍ୟମ ଚଳାଇଛନ୍ତି । ଭାରତ ଭଳି ବିଶାଳ ଜନସଂଖ୍ୟା ବିଶିଷ୍ଟ ଦେଶରେ ଟିକାକରଣ ଓ ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯିବା ପାଇଁ ଯୋଜନାବଦ୍ଧ କାର୍ଯ୍ୟକ୍ରମ ଚାଲିଛି । ଦେଶର ବିରୋଧୀ ଦଳମାନେ ଏଭଳି ବିପତ୍ତି ସମୟରେ ଜନସାଧାରଣ ତଥା ସରକାରଙ୍କୁ ସହଯୋଗର ହାତ ବଢାଇବା ପରିବର୍ତ୍ତେ ରାଜନୈତିକ ତଥା ସରକାରଙ୍କୁ ସହଯୋଗର ହାତ ବଢାଇବା ପରିବର୍ତ୍ତେ ରାଜନୈତିକ ଶ୍ରେଷ୍ଠତା ଦେଖାଇବା ପାଇଁ ଉଦ୍ୟମରତ । ଦେଶର ଏଭଳି ସମୟରେ ସମସ୍ତେ (ଶାସକ ଓ ବିରୋଧୀ) ଏକଜୁଟ ରହିବା ଉଚିତ୍ ଏପରିକି ବିଭାଜନକାରୀ ବିଚାରକୁ ଗୁରୁତ୍ୱ ଦେବା ଉଚିତ୍ ନୁହେଁ । ୨୦୨୦ରେ ଯେତେବେଳେ କରୋନା ଭାଇରସର ସଂକ୍ରମଣ ଅଧିକରୁ ଅଧିକ ହେବାରେ ଲାଗିଥିଲା ସେତେବେଳେ ଭାରତ ଆମେରିକାକୁ କିଛି ପରିମାଣରେ ଔଷଧ ପଠାଇଥିଲା ଓ ପରେ ଅନ୍ୟଦେଶ ମାନଙ୍କୁ ଟିକା ମଧ୍ୟ ପଠାଇଥିଲା । ଏବେ ଦେଶରେ କରୋନାର ଦ୍ୱିତୀୟ ଲହର ଚାଲିଛି । ଦେଶର ଏକପ୍ରକାର ଜୈବିକ ଯୁଦ୍ଧର ମୁକାବିଲା କରୁଛି ଓ ଏହି କାରଣରୁ ଲୋକଙ୍କ ସ୍ୱାସ୍ଥ୍ୟ, ଆର୍ଥିକ ସ୍ଥିତି ଏବଂ ସାମାଜିକ ସୁରଧା ପ୍ରତି ସଙ୍କଟ ସୃଷ୍ଟି ହୋଇଛି ।

ଇଂଲଣ୍ଡ, ଆମେରିକା ଏବଂ ଅନ୍ୟ ଦେଶମାନେ ପ୍ରାରମ୍ଭରେ ଭାରତର ଉଦାରତାକୁ ଗୁରୁତ୍ୱ ଦେଇ କିଛି ପରିମାଣରେ ସହାୟତା ମଧ୍ୟ କରିଥିଲେ । କରୋନା ମହାମାରୀ କାରଣରୁ ବିଶ୍ୱର ନେତୃବୃନ୍ଦ ମଧ୍ୟ ଏକଜୁଟ ହୋଇଥିଲେ । କାରଣ ହେଉଛି ବିଶ୍ୱର ପ୍ରାୟ ସବୁ ଦେଶ କରୋନା ଯୋଗୁ କ୍ଷତିଗ୍ରସ୍ତ ହୋଇଥିଲେ । ବିଶ୍ୱର ସର୍ବବୃହତ ଅର୍ଥବ୍ୟବସ୍ଥା ଆମେରିକା ମଧ୍ୟ ଅଧିକ ପ୍ରଭାବିତ ହୋଇଥିଲା । ଭାରତ ସରକାର ୨୦୨୦ ମାର୍ଚ୍ଚ ମାସ ଶେଷ ବେଳକୁ ସାରା ଦେଶରେ ଲକଡାଉନ ଜାରି କଲେ ଓ କରୋନାର ମୁକାବିଲା କରିବା ପାଇଁ ରଣନୀତି ପ୍ରସ୍ତୁତ କଲେ । କରୋନା ମହାମାରୀକୁ କିଛି ପରିମାଣରେ ମୁକାବିଲା କରିହେଲା । ମହାମାରୀର ଦ୍ୱିତୀୟ ଲହର ଅତିକୃର ଓ ଭାଇରସ୍ ମଧ୍ୟ ନୂଆ । କରୋନା ପରିବର୍ତ୍ତିତ ଅବତାର ନେଇ ଆସିଲା । ଏହାର ଲକ୍ଷଣମାନ ମଧ୍ୟ ଭିନନ ଦେଖାଗଲା । ଦ୍ୱିତୀୟ ଲହରରେ ମୃତ୍ୟୁହାର ବଢିଲା । କରୋନା ଆକ୍ରାନ୍ତ ସୁସ୍ଥ ହେବା ପରେ ମଧ୍ୟ ସେମାନଙ୍କ ଠାରେ ଅନେକ ବିଷମତା ଦେଖାଦେଲା ।

ଦ୍ୱିତୀୟ ଲହର ବେଳେ ମୃତ୍ୟୁହାର ବଢ଼ିବା କାରଣକୁ ନେଇ ବିରୋଧୀମାନେ ସରକାରଙ୍କୁ ସମାଲୋଚନା କଲେ । କିନ୍ତୁ କେତେକ ନେତା ଦ୍ୱେଷ ମନୋଭାବ ରଖି ସରକାରଙ୍କୁ ନିନ୍ଦା କରିବାରେ ଲାଗିଲେ । ସାମାଜିକ ଗଣମାଧ୍ୟମ ଏବଂ ଟ୍ୱିଟରରେ ଆଲୋଚନା ସମାଲୋଚନା ଚାଲିଲା । ବିଦେଶୀ ଗଣମାଧ୍ୟମମାନେ ସରକାରଙ୍କୁ ସମାଲୋଚନା କରିବା ସହିତ ମୃତକ ଏବଂ ଶ୍ମଶାନର ଚିତ୍ର ମଧ୍ୟ ପ୍ରକାଶିତ କଲେ । ବିଦେଶୀ ଗଣମାଧ୍ୟମ ସହ ତାଳ ମିଳାଇ କେତେକ ଭାରତୀୟ ଗଣମାଧ୍ୟମ ସରକାରଙ୍କୁ ମଧ୍ୟ ଦାୟୀ କଲେ । ସରକାର ଏପରିକି ପ୍ରଧାନମନ୍ତ୍ରୀଙ୍କ ବିରୁଦ୍ଧରେ ଅପଶବ୍ଦ ମଧ୍ୟ ପ୍ରୟୋଗ କଲେ । କିଛି ଗଣମାଧ୍ୟମ ପ୍ରତିନିଧି ଶ୍ମଶାନ ଘାଟକୁ ଯାଇ ସେଠାକାର ଚିତ୍ର ଉତ୍ତୋଳନ କରି ପ୍ରସାରିତ କଲେ । ଦୁଃଖଦ ସମୟରେ ମୃତକଙ୍କୁ ପ୍ରଶ୍ନ ପଚାରିବା ଓ ସେମାନଙ୍କର ଚିତ୍ର ଉତ୍ତୋଳନ କରିବା ବ୍ୟକ୍ତିଗତ ଅଧିକାରର କ୍ଷୁର୍ଣ୍ଣ ନିଶ୍ଚୟ । ଯଦି ମହାମାରୀ ସମୟରେ କାହାକୁ ସାହାଯ୍ୟ କରିନପାରିବା ତେବେ ତାର କ୍ଷତି କରିବା ନିଶ୍ଚିତ ଭାବରେ ଅପରାଧ । କିଛି ବିଦେଶୀ ଗଣମାଧ୍ୟମ ଏଭଳି କର୍ମ କରିଛନ୍ତି । କିଛି ଗଣମାଧ୍ୟମ ଭାରତର ଶାସକ ବର୍ଗଙ୍କୁ କୃର, ଅନିୟନ୍ତ୍ରିତ ଏବଂ ପଥଭ୍ରଷ୍ଟ ବୋଲି କହିବାକୁ ପଛେଇ ନାହାଁ । କେତେକ ମଧ୍ୟ ଭାରତ ଏବେ ବି ମଧ୍ୟ ଯୁଗୀୟ ଅବସ୍ଥାରେ ରହିଛି ବୋଲି ଉଲ୍ଲେଖ କରିଥିଲେ । କରୋନା ବିରୁଦ୍ଧରେ ଲଢେଇ ପାଇଁ ସମସ୍ତଙ୍କୁ ଏକଜୁଟ କରିବା ଓ ଏକଜୁଟ ହେବା ବଦଳରେ ଲଢେଇକୁ ଦୁର୍ବଳ କରିଦେବାର ଏହା ଅପଚେଷ୍ଟା ନୁହେଁ ତ ? ଯଦି କିଛି ରଚନାତ୍ମକ ତଥ୍ୟ ନାହିଁ ବା ସହାୟତା କରିବାର ଉଦ୍ଦେଶ୍ୟ ନାହିଁ ତେବେ ବିଭାଜନକାରୀ ବିଚାରଧାରା ଠାରୁ ଦୂରେଇ ରହିବା ମଧ୍ୟ ଉଚିତ । ଦେଶର ବିପତ୍ତି ସମୟରେ ନକାରାତ୍ମକତା ଅନୁଚିତ୍ । ଦେଶର କ୍ଷତି କରିବା ମଧ୍ୟ ଉଚିତ୍ ନୁହେଁ । ମହାମାରୀ ସମୟରେ ଏହା ହେଉଛି ଅନିର୍ବାର୍ଯ୍ୟତା ।

+ ରାମଚନ୍ଦ୍ରପୁର
ରଣପୁର
୯୪୩୮୪୮୫୦୯୪

## ଜଳ ଅମଳର ଦାୟିତ୍ୱ କାହାର ?



ଡକ୍ଟର ଲକ୍ଷ୍ମଣ ସାହୁ

ରାଜସ୍ଥାନ ଭାଷାରେ ଏକ ପ୍ରବାଦର ଅର୍ଥ ହେଉଛି ଯେ ଆଷାଢ଼ ମାସରେ ଚାଷ ପାଇଁ ପ୍ରସ୍ତୁତି ହରାଇଥିବା ଜଣେ କୃଷକଙ୍କ ଅବସ୍ଥା ଗୋଟିଏ ଗଛର ଡାଳରୁ ଅନ୍ୟ ଗୋଟିଏ ଗଛ ଡାଳକୁ ଡେଇଁବା ସମୟରେ କୌଣସି କାରଣରୁ ଖସିଯାଉଥିବା ମାଙ୍କଡ଼ ପରି । ଉଭୟ ସହଜରେ ସୁସ୍ଥ ହେବାକୁ ସକ୍ଷମ ନୁହଁନ୍ତି । ପ୍ରବାଦର ଗୋଟିଏ ଅର୍ଥ ମଧ୍ୟ ହୋଇପାରେ ଯେ ଯେତେବେଳେ ଏକ ସୁଯୋଗ ଦିଆଯାଏ, ଜଣେ ବ୍ୟକ୍ତି ଏହାକୁ ଯଦି ସଦ୍ ବ୍ୟବହାର କରିବାକୁ ବଞ୍ଚିତ କରେ, ପରବର୍ତ୍ତୀ ସମୟରେ ତାଙ୍କର ଅସାବଧାନତାର ପରିଣାମ ତାଙ୍କୁ ଭୋଗିବାକୁ ପଡେ । ପ୍ରସ୍ତୁତିର ଏହି ପରିଚୟ କେବଳ ଦୈନନ୍ଦିନ ଆବଶ୍ୟକତା ପାଇଁ ନୁହେଁ, ପ୍ରକୃତି ସହିତ ମାନବ ଜୀବନର ସମ୍ପର୍କକୁ ବଜାୟ ରଖିବା ପାଇଁ ମଧ୍ୟ ଆବଶ୍ୟକ । ଏବେ ଆମର ଆଧୁନିକ ଜୀବନ ଶୈଳୀ ସାଧାରଣ ଜୀବନର ଆବଶ୍ୟକତାକୁ ଅସାଧାରଣ ଭାବରେ ବୃଦ୍ଧି କରିଛି । ମଣିଷ କେବେ ଅଳ୍ପରେ ସନ୍ତୁଷ୍ଟ ହୁଏ ନାହିଁ, ବରଂ ଆବଶ୍ୟକତା ଠାରୁ ଅଧିକ ଆଶାକରେ । ଫଳତଃ ତାର ଅସୀମ କ୍ଷୁଧା ରହିଛି । ସାମାନ୍ୟ କ୍ଷୁଧା ଅପେକ୍ଷା ଅଧିକ ଦେଖାଯାଏ କାରଣ ମାନବ ସମାଜ ପ୍ରାକୃତିକ ସମ୍ପଦର ସୁରକ୍ଷା ପ୍ରତି ଅସାବଧାନତା ଅବଲମ୍ବନ କରୁଛି । ଏହି ଆବଶ୍ୟକତା ମଧ୍ୟରେ ଜଳର ଆବଶ୍ୟକତା ଅଧିକ ଅପରିହାର୍ଯ୍ୟ । କଥାରେ ଅଛି ଜଳ ବିହୁନେ ସୃଷ୍ଟି ନାଶ, ଜଳ ବହୁଳେ ସୃଷ୍ଟି ନାଶ । ଜଳହିଁ ଜୀବନ । ପୃଥିବୀର ଦୁଇ ତୃତୀୟାଂଶରୁ ଅଧିକ ଜଳ ଭାଗ ରହିଛି, ତଥାପି କେତେକ ଏହା ଉପରେ ସନ୍ଦେହ କରନ୍ତି । ଜଳକୁ ନେଇ ବିବାଦ ରହିଛି । ସୋନ ନଦୀକୁ ନେଇ (ବିହାର- ଛତିଶଗଡ଼), ସିଲେଇ ନଦୀନେଇ ( ଓଡ଼ିଶା-ଆନ୍ଧ୍ରପ୍ରଦେଶ), ଇନ୍ଦ୍ରାବତୀ-ମହାନଦୀକୁ ନେଇ ( ଓଡ଼ିଶା-ଛତିଶଗଡ଼), ସୁବର୍ଣ୍ଣ ରେଖା ନେଇ ( ଓଡ଼ିଶା-ଝାଡ଼ଖଣ୍ଡ), ମାଣ୍ଡୋଲି ନଦୀ ନେଇ (ଗୋଆ- ମହାରାଷ୍ଟ୍ର), ଭଦାନୀ ନଦୀ ନେଇ ( ମହାରାଷ୍ଟ୍ର-ଆନ୍ଧ୍ରପ୍ରଦେଶ) ଆଦି ବିବାଦ ଘେରରେ ଅଛି ।

କୁହାଯିବ ଯଦି କେବେ ତୃତୀୟ ବିଶ୍ୱଯୁଦ୍ଧ ଘଟେ, ତାହା କେବଳ ଜଳ ସମସ୍ୟାକୁ ନେଇ ହେବାର ସମ୍ଭାବନାକୁ ଅଡିଦେଇ ହେବନାହିଁ । କିଛି ଲୋକ ଆଶ୍ଚର୍ଯ୍ୟ ହୋଇପାରନ୍ତି ଯେ ଭୂପୃଷ୍ଠରେ ପ୍ରଚୁର ଜଳ ଅଛି, ତେବେ ଜଳ ପ୍ରସଙ୍ଗରେ ଯୁଦ୍ଧର ଭୟ କାହିଁକି ? କିନ୍ତୁ ଏହି ଆଶଙ୍କା ସତ୍ୟକୁ ସ୍ପର୍ଶ କରୁଥିବା ପରି ଦେଖାଯାଏ । କାରଣ ପୃଥିବୀ ପୃଷ୍ଠରେ ଥିବା ସମୁଦାୟ ଜଳରୁ ମାତ୍ର ଦୁଇ ପ୍ରତିଶତ ପାନୀୟଜଳ ପାଇଁ ବ୍ୟବହାର କରାଯାଇପାରିବ । ଯାହାକୁ କେବଳ ବିଶ୍ୱର ବହୁ ଜନସଂଖ୍ୟା ବ୍ୟବହାର କରନ୍ତି । ଏହାର ଏକ ବଡ଼ ଅଂଶ ଏପର୍ଯ୍ୟନ୍ତ ଏହି ସୁବିଧାରୁ ବଞ୍ଚିତ ଅଛନ୍ତି । ବିଶୁଦ୍ଧ ପାନୀୟ ଜଳର ଅଭାବ ରହିଛି । ପ୍ରତିବର୍ଷ ଗ୍ରୀଷ୍ମ ଋତୁରେ ଦେଶର ଅନେକ ସହରରେ ଜଳର ଅଭାବ ପରିଲକ୍ଷିତ ହେଉଛି । ଜଳର ଅଭାବ ସଭ୍ୟତା ନାମକ ସମାଜକୁ କେଉଁ ସମସ୍ୟାରେ ପକାଇପାରେ, ତାହା ବୁଝିବା ଆବଶ୍ୟକ ରହିଛି । ଏଭଳି ପରିସ୍ଥିତିରେ ବିଶୁଦ୍ଧ ପାନୀୟ ଜଳର ସଂରକ୍ଷଣ ବୃଦ୍ଧି କରାଯିବା ସହିତ ଉପଲବ୍ଧ ଷ୍ଟୋରେଜ୍ ସଂରକ୍ଷଣ କରାଯିବା ଆବଶ୍ୟକ । ପ୍ରକୃତି ଓ ମଣିଷ ମଧ୍ୟରେ ଥିବା ସମ୍ପର୍କ ବଞ୍ଚାଇବାର ପ୍ରସଙ୍ଗ ଅତି ଯେ ଗୁରୁତ୍ୱପୂର୍ଣ୍ଣ ବୁଝିବା ଦରକାର । କୁହାଯାଏ ଯେ ପ୍ରକୃତିର ଏତେ ଜଳ ଉତ୍ସ ଅଛି ଯେ ଏହା ସମସ୍ତ ମନୁଷ୍ୟର ଆବଶ୍ୟକତା ପୂରଣ କରିପାରିବ । ମୌସୁମୀ ସମୟରେ ଆକାଶରୁ ବର୍ଷା ଜଳ ମନୁଷ୍ୟକୁ ନିଜର ଜଳ ଭଣ୍ଡାରକୁ ସମୃଦ୍ଧି କରିବାର ସୁଯୋଗ ଦେଇଥାଏ । ସେଥିପାଇଁ ମୌସୁମୀ ଜୀବଜଗତ ପାଇଁ ଏକ ସୁବର୍ଣ୍ଣ ସୁଯୋଗ ।

ଭାରତକୁ ପ୍ରତିବର୍ଷ ହାରାହାରି ଶହେ ପଚିଶ ସେଣ୍ଟିମିଟର ବର୍ଷା ହୁଏ । ଏହି ବର୍ଷାର ପଚିଶ ପ୍ରତିଶତ ଦକ୍ଷିଣ-ପଶ୍ଚିମ ମୌସୁମୀ କାରଣରୁ ଜୁନ୍ ରୁ ସେପଟ୍ଟେମ୍ବର ପର୍ଯ୍ୟନ୍ତ ଚାଲିଥାଏ । ଏପରି ପରିସ୍ଥିତିରେ, ଯଦି ଆମେ ମୌସୁମୀ ସମୟରେ ବର୍ଷା ଜଳ ଅମଳ ବିଷୟରେ ସଚେତନ ହେବା, ତେବେ ଆମେ ବର୍ଷର ଆବଶ୍ୟକତା ପାଇଁ ପର୍ଯ୍ୟାପ୍ତ ପରିମାଣର ଜଳ ସଂରକ୍ଷଣ କରିପାରିବା । ବର୍ଷା ଜଳ ଅମଳ ବିଷୟରେ ସଚେତନତା ପଶ୍ଚିମ ଭାରତୀୟ ପରମ୍ପରାରେ ଦେଖିବାକୁ ମିଳେ , ସେଠାରେ ଅପେକ୍ଷାକୃତ କମ୍ ବୃଷ୍ଟିପାତ ଘଟିଥାଏ । କିମ୍ବଦନ୍ତୀରୁ ଜଣାଯାଏ ରାଜସ୍ଥାନର ଜୈସଲମେର ସହରରେ ଏକ ଐତିହାସିକ ପୋଖରୀ ଅଛି । ମୌସୁମୀ ଆସିବା ପୂର୍ବରୁ, ଏହି ପୋଖରୀକୁ ସଫା କରିବାର କାର୍ଯ୍ୟ ସହରବାସୀଙ୍କ ପାଇଁ ଏକ ପର୍ବ ଥିଲା । ସେଠାର ଶାସକମାନେ ନିଜ ପରିବାର ସହିତ ଏହି କାର୍ଯ୍ୟରେ ନିୟୋଜିତ ମଧ୍ୟ କରୁଥିଲେ । ପ୍ରଥମ ବର୍ଷା ପରେ ଏହି ପୋଖରୀରେ ଗାଧୋଇବା ସମ୍ପୂର୍ଣ୍ଣ ନିଷେଧ ଥିଲା । ବର୍ଷା ପରେ ଏହି ପୋଖରୀଟି ପାଣିରେ ପରିପୂର୍ଣ୍ଣ ହୋଇ ବର୍ଷସାରା ଲୋକଙ୍କ ଆବଶ୍ୟକତା ପାଇଁ ଜଳ ଯୋଗାଉଥିଲା । ସେଠାର ପ୍ରାଚୀନ ବାସିନ୍ଦା ବର୍ଷା ଜଳ ସଂଗ୍ରହ ବିଷୟରେ ଏତେ ସଚେତନ ଥିଲେ ଯେ ଯେତେବେଳେ ଏହି ପୋଖରୀଟି ପୂର୍ଣ୍ଣ ହୁଏ, ବଳକା ଜଳ ସଂରକ୍ଷଣ ପାଇଁ ଏକ ସଂକୀର୍ଣ୍ଣ କେନାଲ ଦେଇ ଅନ୍ୟ ପୋଖରୀକୁ ଛାଡ଼ି ଦେବାର ବ୍ୟବସ୍ଥା କରିଥିଲେ । ଏପରିକି ଗଭୀର କୂଅ ଗୁଡ଼ିକରେ ବର୍ଷା ଜଳ ସଂରକ୍ଷଣ କରି ରଖୁଥିଲେ । ତେଣୁ ରାଜସ୍ଥାନର ଏହି ଜଳ ସଂରକ୍ଷଣ ଭାରତର ପ୍ରାଚୀନ କାଳର ପରଂପରା ବୋଲି କୁହାଯାଏ । ପଶ୍ଚିମ ରାଜସ୍ଥାନରେ ବର୍ଷା କମ୍ ହେବା ଫଳରେ ଜଳର ଉପଲବ୍ଧତା ଅନୁଭବ କରିଥିଲେ । ତେଣୁ, ସେହି ଅଞ୍ଚଳରେ ଜଳ ଅମଳର ପରମ୍ପରାରୁ ବୁଝିହେବ ଯେ, କୌଣସି ବସ୍ତୁ କିମ୍ବା ଉତ୍ସର ଅଭାବ ମଣିଷକୁ ସେହି ବସ୍ତୁ କିମ୍ବା ଉତ୍ସ ସଂଗ୍ରହ ପ୍ରତି କେତେ ଯେ ସମ୍ବେଦନଶୀଳ କରିଥାଏ । କିନ୍ତୁ ଦକ୍ଷିଣ-ପୂର୍ବ ରାଜସ୍ଥାନର କୋଟା ସହର ଚାମ୍ବଲ ନଦୀ କୂଳରେ ଅବସ୍ଥିତ, ଯାହାକୁ ସଂସ୍କୃତ ଗ୍ରନ୍ଥରେ ସାଦାସାଲିଲା ବୋଲି କୁହାଯାଏ । ସାଦାସାଲିଲର ଅର୍ଥ ହେଉଛି ଏକ ନଦୀ ଯେଉଁଥିରେ ବର୍ଷସାରା ନିରନ୍ତର ଜଳ ପ୍ରବାହ ହୋଇଥାଏ । ଚତୁର୍ଦ୍ଦଶ ଶତାବ୍ଦୀରେ, ଯେତେବେଳେ କୋଟା ବୁନ୍ଦୀ ରାଜ୍ୟ ଅଧୀନରେ ଏକ ଛୋଟ ସହର ଥିଲା, ବୁଣ୍ଡିର ରାଜକୁମାର ଧୀରଦେହ ଏହି ସହରରେ ତେରଟି ପୋଖରୀ ନିର୍ମାଣ କରିଥିଲେ, ଯାହା ବର୍ଷା ଜଳ ସଂରକ୍ଷଣ କରୁଥିଲା । ଏହି କାରଣରୁ ଭୂତଳ ଜଳ ସ୍ତର ମଧ୍ୟ ବଜାୟ ରହିଲା । ପ୍ରାଚୀନ କାଳରେ କେବଳ ପୋଖରୀ ନୁହେଁ, କୂଅ, ହ୍ରଦ ଏବଂ କୁଣ୍ଡ ଭଳି ମନୁଷ୍ୟକୃତ ଜଳ ଉତ୍ସ ମଧ୍ୟ ଏହି ଭୂମିକା ଗ୍ରହଣ କରୁଥିଲା ।

ଯେତେବେଳେ ପ୍ରକୃତି ବର୍ଷା ଜଳ ଆକାରରେ ପୃଥିବୀକୁ ଏକ ଉପହାର ଦେଉଛି, ସେତେବେଳେ ସେହି ଜଳକୁ ବଞ୍ଚାଇବା ଓ ପ୍ରକୃତିର ଉପହାରକୁ ସମ୍ମାନ ଦେବା ମଣିଷର ଦାୟିତ୍ୱ । ଆମ ପରମ୍ପରାରେ ଜଳ ସଂରକ୍ଷଣ ପାଇଁ ସମୃଦ୍ଧତା ରହିଛି ଓ ଜଳର ଅପଚୟ ବିପର୍ଯ୍ୟୟର କାରଣ ବୋଲି ବିବେଚନା କରାଯାଇଛି । କିନ୍ତୁ ଯେତେବେଳେ ଆବଶ୍ୟକତାକୁ ପୂରଣ କରିବା ପାଇଁ ଜଳ ଅତି ସହଜରେ ଉପଲବ୍ଧ ହେବାକୁ ଲାଗିଲା, ସେତେବେଳେ ଆମେ ଭୁଲିଗଲେ ଜଳର ମହତ୍ତ୍ୱକୁ । ଏବେ ପର୍ଯ୍ୟାପ୍ତ ଯତ୍ନ ଓ ସୁରକ୍ଷା ଅଭାବରୁ ଅଧିକାଂଶ କୂଅ ନଷ୍ଟ ହୋଇ ବର୍ଜ୍ୟବସ୍ତୁ ସଂଗ୍ରହ ପରିତ୍ୟକ୍ତ କୂଅରେ ପରିଣତ ହୋଇଛି । ପରିସ୍ଥିତି ଏପରି ହୋଇଛି ଯେ ବିକାଶ ନାମରେ ପବିତ୍ର ଭାବରେ ପୂଜା କରାଯାଉଥିବା ନଦୀଗୁଡିକୁ ଆମେ ପ୍ରଦୂଷଣକୁ କରିଦେଉଛେ । ବିକାଶର ଅନ୍ଧ ସ୍ୱପ୍ନ ଏହା ଦ୍ୱାରା ପୂରଣ ହୋଇନଥିଲେ ମଧ୍ୟ ଆମେ ଅନିୟନ୍ତ୍ରିତ ଭାବରେ ପୃଥିବୀ ଗର୍ଭରେ ଥିବା ସୁରକ୍ଷିତ ଜଳକୁ ବାହାର କରିବା ଆରମ୍ଭ କରିଦେଇଛେ । ଅଶୀ ଦଶକରେ ଦେଶରେ ଟ୍ୟୁବ୍ କୂଅ ଖୋଳିବା ପାଇଁ ଏକ ଗଣ ଦୌଡ ହୋଇଥିଲା । ଠିକ୍ ଅଛି, ଲୋକଙ୍କୁ ଆବଶ୍ୟକ ଜଳ ଯୋଗାଇବା ପାଇଁ ବ୍ୟବସ୍ଥା କରିବାକୁ ପଡୁଥିଲା, କିନ୍ତୁ ଏହି ପ୍ରବାହ ଏବଂ ଉତ୍ପାଦନ ମଧ୍ୟରେ ସନ୍ତୁଳନ ବଜାୟ ନରଖିବା ଯୋଗୁଁ ଜଳ ଥିବା ଭୂଇଁ ଶୁଷ୍କ ହୋଇଯାଇଛି । ଭୂତଳ ଜଳ ସ୍ତର ତଳକୁ ଖସିବାରେ ଲାଗିଛି । ଜଳସ୍ତର ବଜାୟ ରଖିବା ପାଇଁ ଉପଯୁକ୍ତ ପରିଚାଳନା ମଧ୍ୟ କରାଯିବା ଉଚିତ୍ । କିନ୍ତୁ ଦାୟୀତ୍ୱରେ ଥିବା ବ୍ୟକ୍ତିମାନେ ଆଖି ବୁଜିଦେଲେ । ପରିଣାମ ସ୍ୱରୂପ ଦେଶର ଅନେକ ସ୍ଥାନରେ ନଦୀ କୂଳରେ ଥିବା ବସ୍ତିଗୁଡ଼ିକରେ ମଧ୍ୟ ଭୂତଳ ଜଳ ସ୍ତର ବିପଦପୂର୍ଣ୍ଣ ଭାବେ ହ୍ରାସ ପାଇଛି ।

ଦକ୍ଷିଣ-ପୂର୍ବ ରାଜସ୍ଥାନର ହାଡୋଟି ଅଞ୍ଚଳରେ ଛୋଟ ଏବଂ ବଡ଼ ନଦୀର ଅଛି । ଓଡ଼ିଶାରେ ମଧ୍ୟ ମହାନଦୀ ଠାରୁ ଆରମ୍ଭ କରି ଅନେକ ଛୋଟ ବଡ ନଦୀ ଅଛି । ନଦୀ କୂଳରେ ଥାଇ ମଧ୍ୟ ତାହାର ସଦୁପଯୋଗ କରାଯାଇ ପାରିନାହିଁ । ବିଭିନ୍ନ ଗ୍ରାମାଞ୍ଚଳରେ ବା ପଞ୍ଚାୟତ ସ୍ତରରେ କେନାଲ ମାଧ୍ୟମରେ ଯଦି ଋତୁ କାଳୀନ ବିଭିନ୍ନ ଫସଲ ପାଇଁ ଯୋଗାଇ ଦିଆଯାଇ ପାରନ୍ତା ଖାଦ୍ୟ, ପନିପରିବାର ଉତ୍କଟ ସମସ୍ୟା କେତେକାଂଶରେ ଦୂରୀଭୂତ ହୁଅନ୍ତା । ଯେଉଁଠାରେ ଭୂତଳ ଜଳ ସ୍ତର ଅତ୍ୟଧିକ ହ୍ରାସ ପାଇଛି, ବର୍ଷା ଜଳ ଅମଳର ଅନୁପସ୍ଥିତିରେ, ଆମେ ଭୂତଳ ଜଳର ସ୍ତର ସୃଷ୍ଟି ଏବଂ ବୃଦ୍ଧି କରିବା ପାଇଁ ପ୍ରଯତ୍ନଶୀଳ ହେବାର ଆବଶ୍ୟକତା ଅଛି । ଆଗ କାଳରେ ପୋଖରୀ, କୂଅ କିମ୍ବା ଆଡ଼ିବନ୍ଧ ଦ୍ୱାରା ବର୍ଷା ଜଳକୁ ଅଟକାଇ ଚାଷ କରାଯାଉଥିଲା । ଏପରିକି ଘଞ୍ଚ ଅରଣ୍ୟ ମଧ୍ୟରେ ପୁଷ୍କରିଣୀ ରାଜା ମହାରାଜା, ଜମିଦାର ମାନେ ଖନନ କରି ବନ୍ୟ ଜନ୍ତୁ ମାନଙ୍କ ତଥା ପ୍ରଜାମାନଙ୍କ ନିମନ୍ତେ ଜଳଦାନର ସୁବିଧା କରୁଥିଲେ । ଇତିହାସ ପୃଷ୍ଠାରେ ଖାରବେଳଙ୍କ ଶାସନକୁ ଦୃଷ୍ଟାନ୍ତ ରୂପେ ଗ୍ରହଣ କରାଯାଇପାରେ । ପ୍ରଜାମାନେ ବର୍ଷା ଜଳ ଏହି ଜଳ ଉତ୍ସଗୁଡ଼ିକରୁ ଗ୍ରହଣ କରୁଥିଲେ । କେତେକ ସ୍ଥାନରେ ବର୍ଷା ନହେଲେ ଆଧ୍ୟାତ୍ମିକ ବିଶ୍ୱାସରେ ଗିରି ଗୋବର୍ଦ୍ଧନ ପୂଜା କରିଥାନ୍ତି । ତେଣୁ ମୌସୁମୀର ଆଗମନରେ ଆଗାମୀ ପିଢ଼ିର ଆବଶ୍ୟକତା ପ୍ରତି ସମ୍ବେଦନଶୀଳ ହୋଇ ବର୍ଷା ଜଳ ଅମଳ ବିଷୟରେ ସଚେତନ ହେବାର ଏକ ସୁଯୋଗ ସୃଷ୍ଟି କରିବା ନିହାତି ଜରୁରୀ ମନେହୁଏ..!! 'ବରଷା କାଳ ଅଟେ ମଂଗଳ କାରୀ/ ପାଳଇ ପରଜାକୁ ବରଷା ବାରି ।

+ ଓଡିଆ ଭାଷା ଓ ସାହିତ୍ୟ
ବିଭାଗୀୟ ମୁଖ୍ୟ
ମହାନଦୀବିହାର ମହିଳା ସ୍ନାତକ
ମହାବିଦ୍ୟାଳୟ , କଟକ -୪
ମୋ:୯୦୪୦ ୧୫୧୪ ୭୫

## କବିତା କୋଣାର୍କ

### ମନ...

ସ୍ୱର୍ଣ୍ଣରେଖା ପଣ୍ଡା

ଦୁଇଟି କର୍ମରେ ଲିପ୍ତ ଥାଏ ମନ
ଆଲୋଚନା ସମ୍ଭାଷଣ
ଚଞ୍ଚଳ ମନକୁ ଆୟତ୍ତ କରିବା
ଅଟଇ ବଡ କଠିନ ?
ଅଯଥା ସଂଳାପ ଅଟଇ ଖରାପ
ସ୍ୱାସ୍ଥ୍ୟହାନୀର କାରଣ
ଜପ ଓ ଧ୍ୟାନରେ ପ୍ରବୃତ୍ତ ରହିବା
ଅଟେ ଜ୍ଞାନୀର ଲକ୍ଷଣ ?
ସୁଖ ବୋଲି ଯାହା ଭାବୁଛୁରେ ମନ
ଅଟେ ସେ ଦୁଃଖ କାରଣ
ପରମସତ୍ତାକୁ ଉପଲବ୍ଧି କର
ପାଇବୁରେ ସତ୍ତ୍ୱ ଗୁଣ ?
ଜୀବନର ଲକ୍ଷ୍ୟ ଅଟେ ଆରେ ମନ
ଦିବ୍ୟ ସତ୍ତା ଦରଶନ
ମୋହ ମାୟାର ଏ ଭବସାଗରରୁ
ମୁକ୍ତ ହୁଅ ତତକ୍ଷଣ ?
ମନ ନିୟନ୍ତ୍ରଣ ହୋଇ ପାରିଲେରେ
ପ୍ରାଣ ନିୟନ୍ତ୍ରଣ ହେବ
ଦୁଇଟି ସାଧନା ଏକତ୍ର ହୋଇଲେ
ମନ ଅନ୍ତର୍ମୁଖୀ ହେବ ?
ମନ ଯେତେବେଳେ ହୁଏ ଅନ୍ତର୍ମୁଖୀ
ଦ୍ୱନ୍ଦାନୁଭୂତିରୁ ମୁକ୍ତ
ସୁଖ -ଦୁଃଖ, ରୋଗ-ଭୋଗରୁ ନିବୃତ୍ତ
ହେବ ସେ ସମାଧି ପ୍ରାପ୍ତ ?

+ ନୂଆପଡା

### ମୁଁ ତୁ ଓ ପ୍ରେମ

ତପନ କୁମାର ସାହୁ




ଯେବେ ତା ସାଥେ ଦେଖା ହେଲା
ମୁଁ ତୋତେ ମାଟିରେ ପୋତିଲି
ସେ ତିନି ପଦରେ ପ୍ରେମ ଦେଲା
ତୁ ଦୁଇ ପତ୍ର ରେ ସବୁଜିମା ଦେଲୁ !
ତୋତେ ପାଣି ଦେଲି
ତାକୁ ପ୍ରେମ ଦେଲି
ତୁ ଫୁଲ ଦେଲୁ
ସେ ବି ଫୁଲ ଦେଲା !
ତୁ ମୋ ପାଇଁ ବଞ୍ଚିଲୁ
ମୁଁ ତା ପାଇଁ ବଞ୍ଚିଲି
ତୁ ଛାଇ ଦେଲୁ
ସେ ଭରଷା ଦେଲା !
ତୁ ବାସ୍ନା ଦେଲୁ
ସେ ବି ବସୁଥିଲା
ତୁ ଫଳ ଦେଲୁ
ସେ ହୃଦୟ ଦେଲା !
ତୁ ଯେବେ ପରିଚୟ ଦେଲୁ
ସେ ପରିଚୟ ମଗୁଥିଲା
ତୋ ଦେହରୁ ପତ୍ର ଝଡିଲା
ତା ଦେହରୁ ପ୍ରେମ !
ତୁ ଯେବେ ଅମ୍ଳଜାନ ଦେଲୁ
ସେ ବିଶ୍ୱାସର ଅମ୍ଳଜାନ ସୋଷିନେଲା
ତୁ ଯେବେ ଆକାଶ ଛୁଇଁଲୁ
ସେ ଅନ୍ୟ କାହାକୁ ଛୁଆଁ ଦେଲା
ତୁ ବୃକ୍ଷ ହୋଇ ନିଜର ହେଲୁ
ସେ ମଣିଷ ହୋଇ ଦୂରେଇ ଗଲା !

+ ବେଲଗାଁ, କଳାହାଣ୍ଡି


### ପହିଲି ଦେଖା

ନିରଞ୍ଜନ ସାହୁ



ମନେନାହିଁ ମୋର ସେଦିନ ତାରିଖ
ଯେଦିନ ପହିଲି ଦେଖା
ମନେଅଛି କିନ୍ତୁ ସେଦିନ ଚାହାଣି
ଟାଣିଲା ପ୍ରୀତିର ରେଖା ।
ତୁମରି ଆଖିର ଚାହାଣିକୁ ସଖି
ପାରିନାହିଁ ଜମା ଭୁଲି
ଆଜି ବି କେଉଁଠି ଦେଖିନି ସେପରି
ଯେତେ ଜାଗା ଅଛି ବୁଲି
ସେହି ଚାହାଣିର କାହାଣୀ ଭିତରେ
ତୁମ ଆମ କଥା ଲେଖା ।
ତୁମ ଆଖି ସାଥେ ଆଖି ମୁଁ ମିଳାଇ
ଫେରାଇ ପାରିନି ଆଖି
କାହିଁକି କେଜାଣି କେମିତି ଭାବରେ
ଆଖି ମୋ ରହିଲା ଲାଖି
ସେଦିନ ଚାହାଣି ତୁମ ଭାଗ୍ୟ ସାଥେ
ମୋ ଭାଗ୍ୟକୁ କଲା ଯୋଖା ।

+ ନିହଲପ୍ରସାଦ, ଗନ୍ଧିଆପାଟଣା,
ଢେଙ୍କାନାଳ-୭୫୯୦୧୬
ମୋ: ୯୯୩୮୭୪୧୫୮୩



କାର୍ତ୍ତିକ ସାଇଁ

ରାମାୟଣ ଟୁଙ୍କି (୧)

## ମିନା ଅପାଙ୍କ ରାମାୟଣ କଥା



କରୋନା ମହାମାରୀର ସମୟ। ସାରା ବିଶ୍ୱ ଆତଙ୍କିତ। ବିଶ୍ୱର ବିଭିନ୍ନ ଦେଶ 'ତାଲା ବନ୍ଦ' ବା ଲକ୍ ଡାଉନ ଘୋଷଣା କରିଥାଆନ୍ତି। ଭାରତର ମଧ୍ୟ ଲକ୍ ଡାଉନ ଘୋଷଣା କଲେ ସରକାର। ଲୋକଙ୍କୁ ଘରେ ରହିବାକୁ ସରକାର ଅନୁରୋଧ କଲେ। ଟିଭିରେ ପୁଣି ରାମାୟଣ ଓ ମହାଭାରତ ପ୍ରସାରିତ ହେଲା। ଗାଁ ହେଉ ବା ସହର, ଲୋକମାନେ ଏ ସବୁ ଧାରାବାହିକ ଦେଖି ଖୁସୀ ହେଲେ।

ଯଦିଓ ଗାଁ ମାନଙ୍କରେ କରୋନାର ପ୍ରଭାବ ବେଶି ନଥିଲା, ଗାଁ ଲୋକମାନେ ସତର୍କ ଥିଲେ। ସହରରୁ ଅନେକ ଲେକ ଗାଁକୁ ଆସୁଥିଲେ। ତେଣୁ ସଂକ୍ରମଣର ଭୟ ଥିଲା। ଗାଁ ମାନଙ୍କରେ ସଂଗରୋଧ ବ୍ୟବସ୍ଥା କରାଯାଇଥିଲା।

ସେଇ ସମୟର କଥା। ସ୍କୁଲ କଲେଜ ବନ୍ଦ ହୋଇ ଯାଇଥାଏ। ପିଲାମାନଙ୍କୁ ଘରେ ବନ୍ଦ କରି ରଖିବା ସମ୍ଭବ ନଥିଲା। ବିଶେଷକରି ଛୋଟ ପିଲାମାନଙ୍କୁ। ପିଲାମାନେ ରାମାୟଣ ଓ ମହାଭାରତ ଧାରାବାହିକରୁ ବେଶି ବୁଝି ପାରୁନଥିଲେ କାରଣ ସେ ଧାରାବାହିକ ହିନ୍ଦି ଭାଷାରେ ପ୍ରସାରିତ ହେଉଥିଲା। କେବଳ ଚିତ୍ର ଦେଖିବା ସାର ହେଉଥିଲା।

ଦେବୀନଦୀ କୂଳରେ ଏକ ବଡ଼ ଗାଁ ନରହରିପୁର। ଗାଁଟି ବଡ଼ ସୁନ୍ଦର। ଗାଁର ପଶ୍ଚିମ ଭାଗରେ ଅଛି ବୁଢ଼ୀ ଠାକୁରାଣୀଙ୍କ ମନ୍ଦିର। ପୂର୍ବ ଦିଗରେ ଅଛି ବାସୁଦେବଙ୍କ ମନ୍ଦିର। ଗାଁରେ ଗୋଟେ ଭଲ ପ୍ରାଥମିକ ସ୍କୁଲ ଅଛି।

ବାସୁଦେବଙ୍କ ମନ୍ଦିର ସାମ୍ନାରେ ଏକ ବଡ଼ ମଣ୍ଡପ ଅଛି। ସେ ମଣ୍ଡପକୁ ସବୁଦିନ ସଂଧ୍ୟାପରେ ଗାଁ ଲୋକ ଏକିତ୍ରିତ ହୁଅନ୍ତି। ଭଜନ କୀର୍ତ୍ତନ ହୁଏ। ତା ଆଗରୁ ମନ୍ଦିରର ପୂଜକ ପ୍ରମୋଦ ନନା ଆସି ଭାଗବତ ଅଧ୍ୟାୟେ ପଢ଼ନ୍ତି। ଭଜନ କୀର୍ତ୍ତନନ ପରେର ଲୋକମାନେ ଠାକୁରଙ୍କ ପ୍ରସାଦ ପାଇ ଘରକୁ ଫେରନ୍ତି। ପର୍ବପର୍ବାଣୀରେ ଏଇଠାରେ ଲୋକ ଭିଡ଼ ହୁଏ।

ଏଇ ଗାଁରେ ପ୍ରାୟ ଛୋଟବଡ଼ ପଚାଶରୁ ଅଧିକ ପିଲା ଥାଆନ୍ତି। କରୋନା ସମୟରେ ସେମାନଙ୍କୁ ସମ୍ଭାଳିବା ମୁସ୍କିଲ ହୋଇ ଯାଇଥାଏ। ଗାଁର କେତେଜଣ ମୁଖିଆ ପିଲାଙ୍କୁ ବିଭିନ୍ନ କାମରେ ବ୍ୟସ୍ତ ରଖିବା ଲାଗି ଯୋଜନା କଲେ। ସେଇ ଯୋଜନାରେ ଗୋଟେ କଥା ଥିଲା ପିଲାଙ୍କୁ ରାମାୟଣ କଥା କହିବା।

ପ୍ରମୋଦ ନନା କହିଲେ ଠିକ୍ କଥା। କେହି ଜଣେ ରାମାୟଣ କଥା ପିଲାଙ୍କୁ କୁହନ୍ତୁ। ପିଲାମାନେ ରାମାୟଣ କଥା ଜାଣିବେ। କେବଳ ସେତିକି ନୁହଁ.. ସେମାନେ ରାମାୟଣ କଥା ଦ୍ୱାରା ପ୍ରଭାବିତ ହେବେ। ଆମ ଜାତିର ଜନକ ମହାତ୍ମାଗାନ୍ଧୀ ଓ ରାମଙ୍କୁ ତାଙ୍କର ଆଦର୍ଶ ବୋଲି ମାନୁଥିଲେ।

- ଆପଣଙ୍କର ରାମାୟଣରେ ଜ୍ଞାନ ଯଥେଷ୍ଟ। ଆପଣ ସେ ଦାୟିତ୍ୱ ନିଅନ୍ତୁ। କହିଲେ ଗାଁ ମୁଖିଆ।

-ମୋର କିଛି ଅସୁବିଧା ନାହିଁ ଯେ ସମୟ ଅଭାବ। ସ୍କୁଲରେ କ୍ଲାସ ହେଉ ନ ହେଉ ଯିବାକୁ ପଡୁଛି। ସରକାର ବିଭିନ୍ନ ସମୟରେ ବିଭିନ୍ନ କାମ ଦେଇଛନ୍ତି। ତାପରେ ଗାଁରେ ପୂଜା, ଶ୍ରାଦ୍ଧ ଇତ୍ୟାଦି ଲାଗି ରହୁଛି। ଲୋକମାନେ ଚିନ୍ତାରେ ପଡ଼ିଗଲେ। ଶେଷରେ ପ୍ରମୋଦ ନନା ସମସ୍ୟାର ସମ୍ମୁଖୀନ କଲେ।

- ମୀନାଅପାଙ୍କୁ ଅନୁରୋଧ କରାଯାଉ। ଆମ ଗାଁରେ ସେ ହିଁ ରାମାୟଣ କଥା ଭଲ କରି ଜାଣନ୍ତି। କେବଳ ରାମାୟଣ ନୁହଁ, ବିଭିନ୍ନ ପୁରାଣରେ ତାଙ୍କର ଜ୍ଞାନ ଅମାପ। ମୀନାଅପା ଏବେ ଏବେ ଚାକିରିରୁ ଅବସର ଗ୍ରହଣ କରିଛନ୍ତି। ପିଲାଙ୍କୁ ରାମାୟଣ କାହାଣୀ କହି ବହୁତ ଖୁସି ହେବେ।

ମୀନାଅପା ଚଳଚ୍ଚିତ୍ରର ପ୍ରଖ୍ୟାତ ନାୟିକା ସିନା କୁମାରୀଙ୍କ ପରି ଦେଖିବାକୁ ସୁନ୍ଦର। ଶିକ୍ଷକତା ଓ ଜନସେବାକୁ ନିଜ ଜୀବନର ବ୍ରତ ବୋଲି ଗ୍ରହଣ କରି ଅବିବାହିତା ରହିଛନ୍ତି। ଭାଇ ଭଉଣୀ ସମସ୍ତେ ତାଙ୍କୁ ଭଲ ପାଆନ୍ତି। ସାମନ୍ତରାୟ ପରିବାରର ବଡ଼ ଝିଅ ସେ। ରୂପ ଓ ଗୁଣରେ ଅତୁଳନୀୟା।

ଗାଁ ଲୋକଙ୍କ ଅନୁରୋଧକୁ ଏଡ଼େଇ ନପାରି ମୀନାଅପା ପିଲାମାନଙ୍କୁ ରାମାୟଣର କାହାଣୀ କହିବାକୁ ରାଜି ହେଲେ। କିନ୍ତୁ ସର୍ତ୍ତ ରଖିଲେ ଗୋଟିଏ- ସବୁ ସପ୍ତାହର ରବିବାର ଦିନ ପିଲାଙ୍କର ସେ ପରୀକ୍ଷା ନେବେ। କେବଳ ରାମାୟଣ କଥା ନୁହଁ। ସାଧାରଣ ଜ୍ଞାନର ପରୀକ୍ଷା ମଧ୍ୟ ନେବେ। ଅପାଙ୍କ ଲକ୍ଷ୍ୟ ଥିଲା- ଏ ସମୟରେ ପିଲାମାନେ କିଛି ପଢ଼ାପଢ଼ି କରନ୍ତୁ।

ନରହରିପୁର ଗାଁରେ ଗୋଟେ ଭଲ ପାଠାଗାର ଥିଲା। ସେଠାରେ ଅନେକ ଉପାଦେୟ ପୁସ୍ତକ ଥିଲା। କେବଳ ସେତିକି ନୁହଁ- ସେଠାକୁ ଅନେକ ଭଲ ପତ୍ରିକା ଓ ଖବରକାଗଜ ଆସୁଥିଲା। "ଏଇ ସମୟରେ ପିଲାମାନେ ପାଠାଗାର ଯାଆନ୍ତୁ। ବିଭିନ୍ନ ବହି ପଢ଼ନ୍ତୁ ଓ ଜ୍ଞାନ ବଢ଼ାନ୍ତୁ" ଏହା ଥିଲା ଅପାଙ୍କ ମତ।

ନରହରିପୁର ପାଠାଗାରରେ ସବୁଦିନ ସଂଜବେଳେ ମିନା ଅପା ପିଲାମାନଙ୍କୁ ରାମାୟଣ କଥା କହିବେ - ଏକଥା ଗାଁ ସାରା ପ୍ରଚାରିତ ହୋଇଗଲା। କେବଳ ପିଲାମାନେ ନୁହନ୍ତି। ଅନେକ ବଡ଼ ଲୋକମଧ୍ୟ ମିନା ଅପାଙ୍କଠାରୁ ରାମାୟଣ କଥା ଶୁଣିବାକୁ ଆଗ୍ରହୀ ହେଲେ। ସମସ୍ତେ ଅପେକ୍ଷା କଲେ- ମୀନାଅପା ରାମାୟଣ କଥା କେବେ କହିବେ।

+ମୋ: ୯୯୮୦୩୦୦୭୫୧

କବିତା

ତୁମ ପାଇଁ

### ପରାଜାପତି

**ଧ୍ରୁବ ଚରଣ ବେହେରା**

ଫର ଫର ଉଡେ ପରଜାପତି
ଟିକି ଡେଣା ତା'ର ସୁନ୍ଦର ଅତି ॥
ଫୁଲରୁ ଫୁଲ ସେ ଯାଆଇ ଉଡି
ରଙ୍ଗ ଭରା ଡେଣା ଦିଅଇ ଝାଡି ॥
ନଦୀ ନାଳ ଡେଇଁ ଉପରେ ଉଡେ
ଦେଖଇ ବଗିଚା ପାହଡ କଡେ ॥
ସୁନ୍ଦର ଆକାଶ ନୀଳ ଗଗନ
ଦେଖି ମନ ତା'ର ହୁଏ ଉଛନ ॥
କେବେ ବୁଲୁଥାଇ ଗଗନ କୋଳେ
ପୁଣି ଉଡି ବସେ ଫୁଲର ଡାଳେ ॥
ଫୁଲରୁ ଫୁଲକୁ ସ୍ନେହ ପରଶି
ମଧୁ ତାଙ୍କ ଠାରୁ ନିଅଇ ଶୋଷି ॥
ଦିନ ସାରା ବୁଲି ବାଣ୍ଟଇ ପ୍ରେମ
ଟିକି ଜୀବ ସିନା ରୂପ ଉତ୍ତମ ॥
ପ୍ରକୃତିର ଲାଗି ଭାରି ସୁନ୍ଦର
ଫୁଲ ବଗିଚା ତା' ପ୍ରେମ ନଅର ॥
ପିଲା ବେଳେ ତାକୁ ଧରିବା ପାଇଁ
ତା' ପଛେ କେତେ ମୁଁ ଥିଲି ଗୋଡାଇ
ମୋ ପିଲା ବେଳର ଅଟେ ସେ ସାଥି
ଟିକି ଟିକି ଡେଣା ପରଜାପତି ॥

+ ଭାରତୀୟ ସାମରିକ ସେବା
ଝାଡଖଣ୍ଡ ।
ମୋ-୮୩୨୮୯୩୦୫୫୪

### ଦୂରେ ରହିବ ରୋଗରୁ ସିଏ...

**ମହେନ୍ଦ୍ର କୁମାର ଘଡ଼େଇ**

କଳା କବକ ଅଇଲା ମାଡ଼ି
ଥରାଇ ଦେଲା ଦେହର ନାଡ଼ି।

ପଶିଲା ଦେହେ ନାସା ପଥରେ
ଆଖିରୁ ମୁହଁ ତାଲୁ ମଥାରେ।

ବେହିଲା ନାକରୁ କଳାପାଣି
ଫୁଲା ଆଖିକୁ ଧରିଲା ଟାଣି।

ନାକ ରୋକିଲା ଶ୍ୱାସର କାମ
ମଥା ଘୂରାଇ ବୁଦ୍ଧିର ବାମ।

ପାଟି ଭିତରେ ଯେ କଳାଦାଗ
ଦେହ ନଲାଗେ ଟିକିଏ ବାଗ।

ରୋଗ ନିଦାନ କାମରେ ହେଳା
କରିଲେ ଜାଣ ବୁଡ଼ିବ ଭେଳା।

ବଦଳେ ମୁହଁ ନାକର ରୂପ
ଆଖି ନାଶଇ ତାହାରି କୋପ।

ସଜାଗ ହୋଇ ଚଳିବ ଯିଏ
ଦୂରେ ରହିବ ରୋଗରୁ ସିଏ।

+ କ୍ଷେତ୍ରମୋହନ ବିଦ୍ୟାପୀଠ,
କଟରପଡ଼ା
ପିଠାପଡ଼ା, ନିଶ୍ଚିନ୍ତକୋଇଲି, କଟକ
ମୋ: ୯୪୩୭୭୪୦୪୬୬

### ବନମାଷ୍ଟ୍ରେଙ୍କ ବେତ

**ବିନୟ କୁମାର ଦାସ**

ବନମାଷ୍ଟେ ଥିଲେ ଭାରି କଡା ଲୋକ
ହାତେ ଥିଲା ବେତବାଡି
ପଶି ଆସୁଥିଲେ ଚାହାଳିକୁ ସିଏ
ହାଉଲେ ନିଶକୁ ମୋଡି ।
ରାଗିଲା ଆଖିରେ ଚାହିଁ ଦେଉଥିଲେ
ଚଷମା ଭିତରୁ ଥରେ
କଥାବାର୍ତା ସବୁ ବନ୍ଦ ହେଉଥିଲା
ପିଲେ ବସୁଥିଲେ ଧୀରେ ।
ପାନ ଖିଲେ ଖାଇ ଚଉକୀରେ ବସି
ହଲାଉଥିଲେ ସେ ବେତ
ପିଲାଙ୍କ ପିଳେହି ପାଣି ହେଉଥିଲା
ଥରୁଥିଲା ଗୋଡହାତ ।
ପଢା ନ କରିଲେ ଅବା ଭୁଲ କଲେ
ବେତ କାମ କରେ ବେଶୀ
ବେତମାଡ ଡରେ ପଢା ହୋଇଯାଏ
ହୁଅନ୍ତି ସେ ଭାରି ଖୁସି ।
ଦୁଷ୍ଟାମି କରିଲେ ବେତ ବସେ ସିନା
ଦୁଷ୍ଟାମିଟା ଯାଏ ଛାଡି
ବନମାଷ୍ଟେ ଆଜି ଆରପୁରେ କିନ୍ତୁ
ରହିଛି ସେ ବେତବାଡି ।
କେତେ ଦୁଷ୍ଟ ଛାତ୍ର ହୋଇଛନ୍ତି ଶିଷ୍ଟ
ତାଙ୍କ ବେତ ବାଡି ପାଇଁ
ବନମାଷ୍ଟେ ଆଉ ତାଙ୍କ ବେତକୁ ତ
ଜମା ଭୁଲି ହେବ ନାହିଁ ।

ଅଂଗାରଗଡିଆ, ବାଲେଶ୍ୱର-୧

### ଭଲ କରମ କର

**ଅଶୋକ କୁମାର ପ୍ରଧାନ**

କରମ କରି ଚାଲରେ ପିଲେ
କରମ କରି ଚାଲ
ଭଲ କରମ ତୁମରି ଲାଗି
ସାଜିବ ପିଲେ ଢାଲ।
କରମ ପରା ଆମରି ଗୁରୁ
କରମ ଆମ ଧର୍ମ
କରମ ଗୁଢ ଗହନ କଥା
ବୁଝିବ ପିଲେ ମର୍ମ।
ରାମ ଗୋବିନ୍ଦ କରମ କଥା
ଗୀତାରେ ଛନ୍ତି କହି
ଅବୁଝା ଯିଏ ହୋଇବ ପିଲେ
ଖୋଲି ଦେଖରେ ବହି।
କରମ କର ଆଦର ମନେ
ଫଳର ଆଶା ଛାଡି
କରମ ଏକା ଚଢାଇ ନିଏ
ଭବିଷ ଫଳ ଗାଡି।
ଏ ଜଗତରେ ସଭିଏଁ ପରା
କରମ ବଳେ ଜାତ
କରମ ବଳେ ଫୁଲରୁ ଫଳ
ଫଳରୁ ବୀଜ ସାଥ।
ପ୍ରକୃତିର ଏ ନିୟମ ପଣେ
ସଭିଏଁ ଆମେ ବନ୍ଧା
କରମେ ଆମେ ଆଦର କଲେ
ଜୀବନ ମଧୁ ଗନ୍ଧା।
କରରେ କର ଆଦରେ କାମ
ନମଣି ଛୋଟ ବଡ
ଭଲ କରମ ଯତନେ କରି
ନିଜ ଭବିଷ୍ୟ ଗଢ।

+ ଶିକ୍ଷକ, ରୋହିଗାଁ ଗଞ୍ଜାମ
ମୋ-୮୨୪୯୧୧୯୧୩୦

### ଗାଆଁ ମାଟି...

**ରାମଚନ୍ଦ୍ର ସେଠୀ**

ଗାଆଁ ମାଟି ଗାଆଁ ପାଣି ଖରାତରା ପବନ
ଗଢ଼ିଲା ମୋ ଟିକି ତନୁ ଦେଲା ମତେ ଜୀବନ
ଏଇଠି ମୁଁ ପିଲାଦିନେ ଧୂଳିଘର ତୋଳିଲି

ଗାଆଁ ଦାଣ୍ଡ ମାଟି ବାଲି ଦେହମୁଣ୍ଡ ବୋଳିଲି
ଏଇଠି ମୁଁ ଜନମିଲି ଆଖି ମେଲି ଚାହିଁକି
ଦେଖିଲି ମୋ ବନବିଲ ଗଛଲତା ନଈକି

ବୁଲିଲି ମୁଁ ବଣବୁଦା ନଦୀନାଳ ଏଇଠି
ସାଉଁଟିଲି ସବୁସୁଖ ଯାହା ଥିଲା ଯେଉଁଠି
ମୋ ପାଇଁକି ସୁଲୁସୁଲୁ ବାଆ ଏଠି ବହିଲା

ତୋଟାମାଳେ ଗଛଡାଳେ ପକ୍ଷୀଗୀତ ଗାଇଲା
ମୋ ପାଇଁକି ଫୁଲ ଏଠି ନିତି ଫୁଟି ହସିଲେ
ଚଉଦିଗ ଚହଟେଇ ମହମହ ବାସିଲେ

ଏଇ ମାଟି କୋଳେ ଧରି ଦାନା ଦେଲା ଖୁଆଇ
ଏଇ ଝର ନଈନାଳ ପାଣି ଦେଲା ପିଆଇ
ଏ ପବନ ବାହିନେଲା ମୋ ଜୀବନ ବୋଇତ

ମୋ ଗାଆଁର ଯେତେ ଦାନ ପାରିବିନି କହିତ
କେମିତି ମୁଁ ଦୂରେ ଯିବି ତା ମମତା କାଟିକି
ଯେଣେ ଗଲେ ତେଣେ ଝୁରୁଥିବି ଗାଆଁ ମାଟିକି।

+ହାତୀମୁଣ୍ଡା, ବାଣପୁର, ଖୋର୍ଦ୍ଧା

### ବାଇଡେଇରେ...

**ଆଦ୍ୟାଶା ମହାପାତ୍ର**

ବାଇ ଚଢେଇରେ ବାଇଂ ଚଢେଇ
ପୁଅ ଯାଇଛି ତୋ ବୁଲିବା ପାଇଁ ।

ଝଡ ଆସୁଅଛି ଶୁଣି ଖବର
ବାଆ ବତାସକୁ ନାହିଁ କି ଡର !

ଖୋଜି ଆଣେ ତାକୁ ସଅଳ ଯାଇଁ
ମୁଖା ପିନ୍ଧିବାକୁ ଭୁଲିବୁ ନାହିଁ ।

କହିଛୁ ତ ତୋର ଗେହ୍ଲା ପୁଅକୁ
ଗହଳି ଦେଖିଲେ ଥିବ ଦୂରକୁ !

ପୁଅ ତୋର ଯେବେ ଆସିବ ଫେରି
ସାନିଟାଇଜର ଦେବୁ ହକାରି ।

ଗୋଡ଼ ହାତ ମୁହଁ ଧୁଆଇ ଦେବୁ
ତାପରେ ବସାକୁ ପାଛୋଟି ନେବୁ ।

କହିବୁ ବୁଝାଇ ପୁଅକୁ ତୋର
ଯିବ ନାହିଁ ଏବେ ବୁଲି ବାହାର ।

ସୁନାପୁଅ ହୋଇ ବସାରେ ଥିବ
ଝଡ ବା ରୋଗକୁ ଭୟ ନଥିବ ।

ବିଭୁ ନିଶ୍ଚେ ଏବେ ହୋଇବେ ସାହା
ଅଚିରେ ହଟିବ ବିପଦ କାୟା ।

ଏ ଜୀବ ଜଗତ ତିଷ୍ଠି ରହିବ
ଖୁସିରେ ସଂସାର ପୁଣି ହସିବ ।
+ଶୈଳବାଳା ମହାବିଦ୍ୟାଳୟ,କଟକ

ପିଲାଙ୍କ ଉପନ୍ୟାସ : ଭାଗ-୮

## ପାଗଳାବାବାଙ୍କ ଟାଇମ୍ ମେସିନ୍

**ପୀତାମ୍ବରୀ ଦାଶ**



ମନୀଷୀ ସହ ଏମିତି ଏକ ଘଟଣା ଘଟିଲା । ତା'ର କେତେଜଣ ସହପାଠୀ ତାକୁ ଆଦୌ ସହିପାରୁନଥିଲେ ଯେଉଁମାନେ ପୂର୍ବରୁ ତା'ର ଭଲ ସାଙ୍ଗ ଥିଲେ । ପରିବର୍ତ୍ତିତ ସ୍ୱଭାବ ଓ ଭଲ ବ୍ୟବହାର ମନୀଷକୁ ଜଣେ ଭଲ ଛାତ୍ରରେ ପରିଗଣିତ ହେବାର ସୁଯୋଗ ଦେଇଥିଲା । ଚିତ୍ରାଙ୍କନ ପ୍ରତିଯୋଗିତାରେ ବିଭିନ୍ନ ସ୍ଥାନରେ ପ୍ରଥମ ହୋଇ ସେ ବିଦ୍ୟାଳୟର ଗୌରବ ବୃଦ୍ଧି କରୁଥିଲା । ଶିକ୍ଷକ ଶିକ୍ଷୟତ୍ରୀମାନେ ତାକୁ ଶ୍ରଦ୍ଧା କଲେ ତା' ଭଲ ଗୁଣ ପାଇଁ ବିଦ୍ୟାଳୟରେ ସବୁ ପିଲା ମଧ୍ୟ ତାକୁ ଆଦର କଲେ । ଏହାହିଁ ଥିଲା ତା ଦୁଷ୍ଟ ସହପାଠୀମାନଙ୍କର ଗାତ୍ରଦାହର (ଅସହିଷ୍ଣୁତା) । କାରଣ ପ୍ରତି ମୂହୁର୍ତ୍ତରେ ସେମାନେ ସୁଯୋଗ ଖୋଜୁଥିଲେ ମନୀଷକୁ କେମିତି ଅନ୍ୟମାନଙ୍କ ଆଗରେ ନୀଚ ଦେଖାଇବେ ।

ସେଦିନ ଥିଲା ଶନିବାର । ଡ୍ରିଲ କ୍ଲାସ୍ ସରିଲା ପିଲାମାନେ ଧୋଇଧାଇ ହେଇ ଶ୍ରେଣୀକୁ ଯାଉଥାନ୍ତି । ମନୀଷ ଧୋଇହେବାକୁ ଗଲାବେଳେ ସହପାଠୀ ଅମନ୍ ତାକୁ ଟାଣିନେଇ କହିଲା - 'ଆରେ ଏପଟକୁ ଆ ଦେଖୁନୁ ସେପଟେ କେତେ ଭିଡ' । ପ୍ରକୃତରେ ସେ ଯେଉଁ ଟ୍ୟାବ୍ ପାଖକୁ ଗଲା ସେଠି କେବଳ ଥିଲେ ତା'ଶ୍ରେଣୀର ଅମନ୍ ଓ ବିଶାଳ, ଆଉ କେହି ନଥିଲେ । କ୍ଲାସ୍ ଆରମ୍ଭ ହୋଇ ଯାଇଥିଲା । ସେଥିପାଇଁ ମନୀଷ ତରବର ଥିଲା । ଧୋଇହବା ପାଇଁ ଟ୍ୟାବ୍ ଖୋଲିଲା । ହେଲେ ଏ କଣ... ? ଖୋଲୁଖୋଲୁ ଟ୍ୟାବ୍‌ଟା ଭାଙ୍ଗିଗଲା ସୁଶାନ୍ତ ଚିଲାଇ କହିଲା-ହେଇରେ ତୁ ଟ୍ୟାବ୍‌ଟା ଭାଙ୍ଗିଦେଲୁ । ମନୀଷ କହିଲା ଆରେ ନା ନା ମୁଁ କାହିଁକି ଭାଙ୍ଗିବି । ଟ୍ୟାବ୍‌ଟା ଖୋଲୁଖୋଲୁ ତ ଖସି ପଡିଲା, ହଉ ରହ, ମୁଁ ଦେଖେ ଏଇଟା କଣ ହେଇଛି । ମନୀଷ ଭଲ ଭାବେ ନିରୀକ୍ଷଣ କରି ଜାଣିଲା ସେଇଟା ପୂର୍ବରୁ ଭଙ୍ଗାଥିଲା । କିଛିକ୍ଷଣ ଠେକେଇ ରଖିବାକୁ ସେଲୋଟେପ୍ ଗୁଡା ହୋଇଥିଲା । ଏମିତି ଥିଲା ଯେ ସେ ଟିକେ ଖୋଲିଦେଲାରୁ ଆଉ ଦେଇ ହେଲା ନାହିଁ ତା'ଚାରିପଟ ଫଟା ।

ଅମନ୍ କହିଲା - 'ଆରେ ଆଉ କଣ ଦେଖୁଛୁ । ଟ୍ୟାବ୍‌ଟା ତ ଭାଙ୍ଗିଦେଲୁ । ପାଣିତକ ସବୁ ନଷ୍ଟ ହେବ' । ବିଶାଳ ତାକୁ ଥଟ୍ଟା କରି କହିଲା'ଆରେ ସାଙ୍ଗ ଏ କୁଆଡେ ଜଳ ସଂରକ୍ଷଣ ଚିତ୍ର କରି ଆମ ଜିଲ୍ଲାରେ ଫାଷ୍ଟେ ହେଇଛି ବା...।'

ମନୀଷ କିଛି ବୁଝିବା ପୂର୍ବରୁ ସୁଶାନ୍ତ ପିଟିସାର୍‌ଙ୍କୁ ସାଙ୍ଗରେ ଧରି ସେଠାରେ ଆସି ପହଂଚି ଯାଇଥିଲା । ମନୀଷକୁ କିଛି କହିବାର ସୁଯୋଗ ମିଳିଲାନି । ତିନିଜଣଯାକ ମିଶିଯାଇଥିଲେ । ସୁଶାନ୍ତ କହିଲା ମନୀଷ ଆଗ ଧୋଇହବାକୁ ଚାହୁଁଥିଲା ଅମନ୍ ତାକୁ ଠେଲିଦେଇ ଆଗ ଧୋଇହେବାରୁ ସେ ଟ୍ୟାବ୍‌ଟାକୁ ବାଡେଇ ଭାଙ୍ଗିଦେଲା । ତିନିଜଣ ପ୍ରତ୍ୟକ୍ଷଦର୍ଶୀଙ୍କ ବୟାନ୍ ଏକା ଥିଲା । ସାର୍ ସେମାନଙ୍କ କଥାକୁ ଗୁରୁତ୍ୱ ଦେଲେ ଓ ମନୀଷକୁ ପ୍ରବଳ ଗାଳି କଲେ । ପ୍ରଧାନ ଶିକ୍ଷକଙ୍କ ପାଖରେ ଯାଇ ହାଜିର୍ ହବାକୁ ନିର୍ଦ୍ଦେଶ ଦେଲେ । ମନୀଷ୍ ଶ୍ରେଣୀକୁ ଯିବାରେ ବହୁତ ଡେରି ହେଇଯାଇଥିଲା । ତାକୁ ଖୋଜିଖୋଜି ସୋମୁ ବି ଆସି ସେଠାରେ ପହଂଚି ଯାଇଥିଲା । ସେ ଜାଣିଲା ବିଶାଳ, ଅମନ୍ ଓ ସୁଶାନ୍ତର ଚକ୍ରାନ୍ତରେ ମନୀଷ ଫସିଯାଇଛି । ମନୀଷ ବି ଜାଣି ସାରିଥିଲା ତା' ତିନି ସହପାଠୀଙ୍କର ପ୍ରକୃତ ଉଦ୍ଦେଶ୍ୟ । ସେମାନେ ଜାଣିଜାଣି ଟ୍ୟାପ୍‌ଟା ଭାଙ୍ଗିଦେଇ ତା'ମୁଣ୍ଡରେ ଅଠା ବୋଳିଛନ୍ତି ; ପ୍ରଧାନ ଶିକ୍ଷକଙ୍କ ସାମ୍ନାରେ ତାକୁ ବିଶୃଙ୍ଖଳିତ ଦର୍ଶାଇବାକୁ ତିନି ଜଣଙ୍କ କଥାକୁ ସତ ନ ମଣି ତା କଥା ବା କିଏ ସତ ମଣିବ ।

ପିଟିସାର୍ ତାକୁ ଅଫିସ୍‌ରେ ହେଡ୍ ସାର୍‌ଙ୍କୁ ଦେଖାକରିବାକୁ କହି ଚାଲି ଯାଇଥିଲେ । ବାଇଡଙ୍କ ତ୍ରିମୂର୍ତ୍ତି ମହାଖୁସିରେ ତାକୁ ଥଟ୍ଟା ପରିହାସ କରି ଶ୍ରେଣୀକୁ ଗଲେ । ମନୀଷ ସେଇଠି ଠିଆହୋଇ କାନ୍ଦିଲା । ସୋମୁ ତାକୁ ବହୁତ ବୁଝାଇଲା । ହେଲେ ସେ ବୁଝିଲା ନାହିଁ କି ଅଫିସ୍ କିମ୍ବା ଶ୍ରେଣୀକୁ ଗଲା ନାହିଁ । ଦୌଡିଦୌଡି ବିଦ୍ୟାଳୟର ପଛ ପଟ ଫାଟକ ଆଡକୁ ଗଲା । ସୋମୁ କଣ କରିବ ଭାବି ପାରିଲାନାହିଁ ତା' କ୍ଲାସ୍‌କୁ ଗଲା । କ୍ଲାସ୍‌ରେ ଶିକ୍ଷକ ନଥିଲେ । ସେ ବୋଧେ ଉପସ୍ଥାନ ପକେଇ ଦେଇ ଅଫିସ୍‌କୁ ଯାଇଥିଲେ ଏହି ସୁଯୋଗରେ ସେ ତା'ର ଜଣେ ସାଙ୍ଗକୁ ବାହାରକୁ ଡାକି ଚୁପ୍‌ଚାପ୍ ତା କାନରେ କହିଲା- 'ମନୀଷ ବ୍ୟାଗ୍ ଆଉ ମୋ ବ୍ୟାଗ୍ ନେଇଯିବୁ । ଆମେ ଫେରିଲେ ତୋ'ଠାରୁ ନେବୁ । ଆମ ଘରକୁ ବ୍ୟାଗ୍ ପଠାଇବୁନି ।'


ବିଦ୍ୟାଳୟର ମୁଖ୍ୟ ଫାଟକରେ ତାଲା ପଡିଥିଲା । ସୋମୁ ତରବରରେ ପଛ ଫାଟକ ଦେଇ ଧାଇଁଲା । ସେ ଜାଣେ ମନୀଷର ମନ ଖରାପ ହେଲେ ସେ କୁଆଡେ ଯାଏ । ସେ ବି କେତେଥର ତା'ସହ ସେଠାକୁ ଯାଇଛି । ମନଦୁଃଖରେ ସେ ଧାଇଁଲା ସିଆଡେ ।

(କ୍ରମଶଃ)

+ପୁରୋହିତପୁର,ଜଗତସିଂହପୁର
ମୋ:୯୭୭୮୫୨୦୩୭୦

## ମୃତ୍ୟୁର ଦଣ୍ଡ

**ମନୋଜ କୁମାର ବେହେରା**



ଗୋଟିଏ ସହରର କଥା । ବିଜାପୁର ନାମକ ଦେଶରେ ସୁଲତାନ ଇସମାଇଲ୍ ଆଦିଲଶାହାଙ୍କୁ ଏହି ଡର ଖାଉଥିଲା କି କୃଷ୍ଣଦେବ ରାୟ ତାଙ୍କ ଦେଶ ଉପରେ ଯେକୌଣସି ସମୟରେ ଆକ୍ରମଣ କରିବେ । ଆଉ ମୋତେ ଯୁଦ୍ଧରେ ହରେଇ ଏ ଦେଶର ରାଜା ହେବେ । ସୁଲତାନ ବହୁତ ଯାଗାରୁ ଶୁଣିଥିଲେ ରାଜା କୃଷ୍ଣଦେବ ରାୟ ନିଜର ସାହସ ଆଉ ବୀରତାରେ ବହୁତ ଦେଶକୁ ଜୟ କରି ନିଜ ଦେଶ ସହ ମିଶେଇ ଦେଇଛନ୍ତି । ଏହି ବିଷୟରେ ଭାବି ଭାବି ସୁଲତାନଙ୍କ ମୁଣ୍ଡରେ ଏହି ଭାବନା ଆସିଲା କି ଯେମିତି ହେଉ ସେ ନିଜ ଦେଶକୁ ରକ୍ଷା କରିବେ । ଆଉ ରାଜା କୃଷ୍ଣଦେବ ରାୟଙ୍କୁ ଯେମିତି ହେଲେ ହତ୍ୟା କରିବାକୁ ହେବ । ସୁଲତାନ ଏହି କାମ ତେନାଲୀରାମଙ୍କର ଜଣେ ଘନିଷ୍ଠ ମିତ୍ର କନକରାଜୁଙ୍କୁ ଏହି କାମ ଦେଲେ ଆଉ ତାଙ୍କୁ ବହୁତ ଧନ ଦେବାର ଲାଳସା ଦେଖେଇଲେ । ଏହା ପରେ କନକରାଜୁ ରାଜାଙ୍କ ହତ୍ୟାର ଯୋଜନା କରି ତେନାଲୀରାମଙ୍କୁ ଦେଖା କରିବା ପାଇଁ ବାହାରି ପଡିଲେ ।

ତେନାଲୀରାମ ବହୁତ ସମୟ ପରେ ନିଜର ମିତ୍ରକୁ ଦେଖିକରି ବହୁତ ଖୁସି ହେଲେ । ଆଉ ତାଙ୍କୁ ନିଜ ଘରେ ବହୁତ ଭଲ ଭାବରେ ସ୍ୱାଗତ କଲେ । ତେନାଲୀରାମ ନିଜ ମିତ୍ରର ବହୁତ ଭଲରେ ସେବା କଲେ । କିଛିଦିନ ପରେ ତେନାଲୀରାମ କୌଣସି କାମରେ ରାଜ୍ୟର ବାହାରକୁ ଯିବାକୁ ପଡିଲା, ଆଉ କନକରାଜୁ ରାଜା କୃଷ୍ଣଦେବ ରାୟଙ୍କୁ ସନ୍ଦେଶ ପଠେଇଲେ ଆପଣ ଯଦି ସମୟରେ ମୋ ଘରକୁ ଆସିବେ ମୁଁ ଆପଣଙ୍କୁ ଗୋଟିଏ ଚମତ୍କାର ଜିନିଷ ଦେଖେଇବି । ଏହି ଜିନିଷ ଆପଣ କେବେ ଦେଖି ନଥିବେ । ସନ୍ଦେଶ ପଢି ରାଜା ତେନାଲୀରାମଙ୍କ ଘରକୁ ଆସିଲେ । ଘର ଭିତରକୁ ଯିବା ସମୟରେ କୃଷ୍ଣଦେବ ରାୟ ନିଜ ସାଙ୍ଗରେ କୌଣସି ଅସ୍ତ୍ର ନେଇ ନଥିଲେ ଆଉ ସିପାହୀଙ୍କୁ ବାହାରେ ରହିବାକୁ ଆଦେଶ ଦେଲେ । ରାଜା ଘର ଭିତରକୁ ଯେମିତି ପଶିଛନ୍ତି କନକରାଜୁ ତାଙ୍କ ଉପରକୁ ଆଘାତ କଲେ । କିନ୍ତୁ ରାଜା କୃଷ୍ଣଦେବ ରାୟ ଚତୁରତାର ସହିତ କନକରାଜୁଙ୍କୁ କାବୁ କରିନେଲେ । ଆଉ ନିଜ ସିପାହୀଙ୍କୁ ଡାକିଲେ । ରାଜାଙ୍କ ପାଟି ଶୁଣି ସିପାହୀ ମାନେ ଆସି କନକରାଜୁଙ୍କୁ ଧରିନେଇ ତା'ର ହତ୍ୟା କରିଦେଲେ । ରାଜା କୃଷ୍ଣଦେବ ରାୟଙ୍କ ନିୟମ ଥିଲା କି ଯିଏ ରାଜାଙ୍କ ଉପରକୁ ଆକ୍ରମଣ କରିବ ତାକୁ ମୃତ୍ୟୁ ଦଣ୍ଡ ମିଳିବ । ସେଥିପାଇଁ ତେନାଲୀରାମଙ୍କୁ ମଧ୍ୟ ଫାଶୀର ଦଣ୍ଡ ଦେବା ପାଇଁ ଶୁଣାଗଲା । ମୃତ୍ୟୁ ଦଣ୍ଡ ମିଳିଲା ପରେ ତେନାଲୀରାମ ଆସି କ୍ଷମା ମାଗିଲେ,କିନ୍ତୁ ରାଜା କହିଲେ..ମୁଁ ତୁମ ପାଇଁ ନିଜ ରାଜ୍ୟର ନିୟମ ବଦଳେଇ ପାରିବି ନାହିଁ ।

ତୁମେ ସେ ଲୋକକୁ ନିଜ ଘରେ ରହିବାକୁ ଦେଇଥିଲ, ଯିଏ ମୋତେ ମାରିବାକୁ ପ୍ରୟାସ କରିଥିଲା । ମୁଁ ତୁମକୁ କ୍ଷମା କରି ପାରିବିନି । କିନ୍ତୁ ତୁମକୁ କେଉଁ ପ୍ରକାରର ମୃତ୍ୟୁ ଦରକାର ମୁଁ ଏହି ନିଷ୍ପତ୍ତି ତୁମ ଉପରେ ଛାଡୁଛି । ଏହା ଶୁଣି ତେନାଲୀରାମ କହିଲେ,ମହାରାଜ ! ମୋତେ ବୃଦ୍ଧାବସ୍ଥାର ମୃତ୍ୟୁ ଦରକାର । ଏହି କଥା ଶୁଣି ସଭାରେ ସମସ୍ତେ ଆଶ୍ଚର୍ଯ୍ୟ ହୋଇଗଲେ । ଆଉ ରାଜା କୃଷ୍ଣଦେବ ରାୟ ହସି କରି କହିଲେ, ତେନାଲୀରାମ ତୁମେ ନିଜର ବୁଦ୍ଧି ଖେଳେଇ ପୁଣି ଥରେ ବଂଚିଗଲ ।

+୨୧୭,ୟୁନିଟ-୯(ଫ୍ଲାଟ)
ବାୟାବାବା ମଠ ଲେନ
ଭୁବନେଶ୍ୱର-୨୨
ଫୋନ-୭୯୭୮୮୩୦୬୧୧

### ସ୍ୱାସ୍ଥ୍ୟ ଭିତ୍ତିଭୂମି ପାଇଁ ମୁଖ୍ୟମନ୍ତ୍ରୀଙ୍କ ୮୫୦୦ କୋଟି ଟଙ୍କା ଘୋଷଣା ପ୍ରସଙ୍ଗ

# ଓଡିଶାବାସୀଙ୍କୁ ବିଭ୍ରାନ୍ତ କରୁଛନ୍ତି ରାଜ୍ୟ ସରକାର : ବିଜେପି

ଭୁବନେଶ୍ୱର,୧୮/୬ (ନି.ପ୍ର): ରାଜ୍ୟର ସ୍ୱାସ୍ଥ୍ୟ ଭିତିଭୂମି ପାଇଁ ଗତକାଲି ସଂଧାରେ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ୮୫୦୦ କୋଟି ଟଙ୍କା ଘୋଷଣା କରିଛନ୍ତି । ଏହି ବିପୁଳ ଅର୍ଥ ଅତୀତର ନା ବର୍ତମାନର ନା ଭବିଷ୍ୟତରେ ଖର୍ଚ୍ଚ ହେବ ? ଏତେ ବିପୁଳ ପରିମାଣ ଅର୍ଥର ବ୍ରେକ୍ଅପ୍ ତଥା ସଂପୂର୍ଣ୍ଣ ତଥ୍ୟ ରାଜ୍ୟବାସୀଙ୍କ ସମ୍ମୁଖରେ ଉପସ୍ଥାପିତ ହେବା ନିହାତି ଆବଶ୍ୟକ ବୋଲି ଡ.ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି । ଏକ ସାମ୍ବାଦିକ ସମ୍ମିଳନୀରେ ସେ କହିଛନ୍ତି ଯେ ଓଡିଶାର ସ୍ୱାସ୍ଥ୍ୟ ଭିତିଭୂମି ସଂପୂର୍ଣ୍ଣ ବିପର୍ଯ୍ୟସ୍ତ । ଏଭଳି ଘୋଷଣା କରି ଲୋକଙ୍କୁ ଭୂଆଁ ବୁଲାଉଛନ୍ତି । ଡାକ୍ତର ଅଭାବ, କୋଭିଡ୍ ପରିଚାଳନରେ ବିଫଳତା, କୋଭିଡ୍ ପୀଡିତ ଏବଂ ମୃତ୍ୟୁ ସଂଖ୍ୟା ଲୁଚାଇବା ପାଇଁ ରାଜ୍ୟ ସରକାରଙ୍କ ଏହା ଏକ ଧୂଆଁବାଣ । ଏଭଳି ଘୋଷଣା କରି ରାଜ୍ୟ ସରକାର ନିଜ ବିଫଳତାକୁ ଲୁଚାଇବାକୁ "ଡାଇଭର୍ଟ ଷ୍ଟ୍ରାଟେଜି" ଆପଣାଇଛନ୍ତି ବୋଲି ଡ.ଲେଖାଶ୍ରୀ ଅଭିଯୋଗ କରିଛନ୍ତି । ସହରାଂଚଳ ସମେତ ଗ୍ରାମାଂଚଳରେ ମଧ ଲୋକମାନଙ୍କ ସ୍ୱାସ୍ଥ୍ୟବସ୍ଥା ଓ ସ୍ୱାସ୍ଥ୍ୟ ଭିତିଭୂମି ଅତ୍ୟନ୍ତ ଖରାପ ସ୍ଥିତିରେ ଅଛି । ରାଜ୍ୟରେ କୋଭିଡ୍ ପରିଚାଳନା ସଂପୂର୍ଣ୍ଣ ଭାବେ ବେସରକାରୀ ଡାକ୍ତରଖାନା ଏବଂ ବିଭିନ୍ନ ରାଷ୍ଟ୍ରାୟତ କଂପାନୀମାନଙ୍କ ସହଯୋଗରେ ପରିଚାଳିତ ହେଉଛି । ରାଜ୍ୟ ସରକାରଙ୍କ ଭୂମିକା କଣ ରହିଛି ବୋଲି ଡ.ଲେଖାଶ୍ରୀ ପ୍ରଶ୍ନ କରିଛନ୍ତି । ରାଜ୍ୟ ସରକାରଙ୍କ ଡାକ୍ତରଖାନରେ ଶଯ୍ୟା, ଅକ୍ସିଜେନ, ଭେଂଟିଲେଟର, ଡାକ୍ତର, ନର୍ସ, ଔଷଧ ଆଦିର ବ୍ୟାପକ ଅଭାବ ରହିଛି । ସ୍ୱାସ୍ଥ୍ୟସେବା ଭିତିଭୂମିକୁ ଲୁଚାଇବା ପାଇଁ କୋଭିଡ୍ ମୃତ୍ୟୁ ସଂଖ୍ୟା କମ୍ ଦର୍ଶାଉଛନ୍ତି । ସମଗ୍ର ଦେଶରେ କୋଭିଡ୍ ସଂକ୍ରମଣ ସଂଖ୍ୟା ହ୍ରାସ ପାଉଥିବାବେଳେ ରାଜ୍ୟରେ ଏହା ଅତ୍ୟନ୍ତ ମନ୍ଥର ଗତି ଦେଇ ଗତି କରୁଛି ବୋଲି ଡ.ଲେଖାଶ୍ରୀ କହିଛନ୍ତି । ରାଜ୍ୟରେ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ରାଜ୍ୟ ସରକାରଙ୍କ ସର୍ବମୋଟ ଯୋଗଦାନ ୫୦୦ କୋଟି ଟଙ୍କାରୁ ଅଧିକ ନୁହେଁ । ରାଜ୍ୟରେ ନିର୍ମିତ ସମସ୍ତ ମେଡିକାଲ କଲେଜ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ୫୦–୫୦ ସହଭାଗିତା ଆଧାରରେ ପ୍ରତିଷ୍ଠା ହେଉଛି । ତଥାପି ନିର୍ମାଣ କାର୍ଯ୍ୟ ସମାପ୍ତ କରିବାରେ ବିଫଳ ହୋଇଛନ୍ତି ରାଜ୍ୟ ସରକାର ବୋଲି ଡ.ଲେଖାଶ୍ରୀ ଅଭିଯୋଗ କରିଛନ୍ତି । ରାଜ୍ୟରେ ବ୍ୟାପକ ମାତ୍ରାରେ ନକଲି ଔଷଧ କାରବାର ବେଧଡକରେ ଚାଲିଛି ଏବଂ ଏହି କାରବାରରେ ଶାସକ ବିଜେଡିର ଜଣେ ପ୍ରଭାବଶାଳୀ ମନ୍ତ୍ରୀଙ୍କ ପ୍ରତ୍ୟକ୍ଷ ହାତ ରହିଛି ।ନିଜ ଅପାରଗତା ଏବଂ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବାକୁ ଲୁଚାଇବା ପାଇଁ ରାଜ୍ୟ ସରକାର ଆଇନର ଉର୍ଦ୍ଧ୍ୱକୁ ଯାଇ କ୍ରାଇମବ୍ରାଂଚ ଦ୍ୱାରା ଏହାର ତଦନ୍ତ କରାଉଛନ୍ତି ଡ.ଲେଖାଶ୍ରୀ ଅଭିଯୋଗ କରିଛନ୍ତି । ଲୋକସଂଖ୍ୟା ଆଧାରରେ ଓଡିଶାରେ ପର୍ଯ୍ୟାପ୍ତ ଡାକ୍ତର ନାହାନ୍ତି । ଜାତୀୟ ହାରରୁ ବହୁ କମ୍ ଡାକ୍ତର ଓଡିଶାରେ ଅଛନ୍ତି । କେବଳ ୮୫୦୦ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି ବୋଲି କେବଳ ଘୋଷଣା କରି ମୁଖ୍ୟମନ୍ତ୍ରୀ ଏବଂ ରାଜ୍ୟ ସରକାର ରାଜ୍ୟବାସିଙ୍କୁ ଭୂଆଁ ବୁଲାଉଛନ୍ତି ବୋଲି ଡ.ଲେଖାଶ୍ରୀ ଅଭିଯୋଗ କରିଛନ୍ତି । ହସ୍ପିଟାଲ ନିର୍ମାଣ; ଅକ୍ସିଜେନ ପ୍ଲାଂଟ ସ୍ଥାପନ; ନୂତନ ଭେଂଟିଲେଟର କ୍ରୟ; ଡାକ୍ତର, ନର୍ସ, ଟେକ୍ନିକାଲ ଷ୍ଟାଫ ନିଯୁକ୍ତି ଆଦି କେଉଁ ଭିତିଭୂମି ପାଇଁ କେତେ କେତେ ଟଙ୍କା ଖର୍ଚ୍ଚ କରାଯାଇଛି ? ଏହାର ସ୍ପଷ୍ଟୀକରଣ ମୁଖ୍ୟମନ୍ତ୍ରୀ ରାଜ୍ୟବାସୀଙ୍କୁ ତୁରନ୍ତ ଦେବା ନିହାତି ଆବଶ୍ୟକ ବୋଲି ଡ.ଲେଖାଶ୍ରୀ ଦାବୀ କରିଛନ୍ତି ।

# ଡିଏଲ୍ , ଲର୍ଣ୍ଣିଂ ବୈଧତା ସେପ୍ଟେମ୍ବର ୩୦ ଯାଏଁ ବୃଦ୍ଧି



ଭୁବନେଶ୍ୱର,୧୮/୬ (ନି.ପ୍ର): କରୋନା ପାଇଁ ପୁଣିଥରେ ଗାଡ଼ି ସମ୍ପର୍କିତ କାଗଜପତ୍ରର ବୈଧତା ସେପ୍ଟେମ୍ବର ୩୦ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି ରାଜ୍ୟ ସରକାର । କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରଣାଳୟର ଅନୁରୋଧ ପରେ ଆଜି ରାଜ୍ୟ ପରିବହନ କର୍ତୃପକ୍ଷ (ଏସଟିଏ)ଙ୍କ ଦ୍ୱାରା ଏହି ନିର୍ଦ୍ଦେଶନାମା ଜାରି ହୋଇଛି । ନିର୍ଦ୍ଦେଶନାମା ଅନୁଯାୟୀ ୨୦୨୦ ଫେବୃୟାରୀ ୧ରୁ ଚଳିତବର୍ଷ ସେପ୍ଟେମ୍ବର ୩୦ତାରିଖ ପର୍ଯ୍ୟନ୍ତ ବୈଧତା ଶେଷ ହୋଇଥିବା ସମସ୍ତ ପ୍ରକାର ଗାଡ଼ି ପାଇଁ ଏହା ପ୍ରଯୁଜ୍ୟ ହେବ । ଗାଡ଼ିଗୁଡ଼ିକର ଫିଟନେସ ସାର୍ଟିଫିକେଟ, ଡ୍ରାଇଭିଂ ଲାଇସେନ୍ସ , ଲର୍ଣ୍ଣିଂ ଲାଇସେନ୍ସ,ରେଜିଷ୍ଟ୍ରେସନ ସାର୍ଟିଫିକେଟ, ସମେତ ମାଲ ପରିବହନ କରୁଥିବା ଗାଡ଼ି , ଘରୋଇ ସେବା ଯୋଗାଉଥିବା ଗାଡ଼ି ଓ ଶିକ୍ଷାନୁଷ୍ଠାନର ବସ୍ ର ପରମିଟ୍ ବୈଧତାକୁ ସେପ୍ଟେମ୍ବର ୩୦ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ଅନ୍ୟପକ୍ଷରେ ଗାଡ଼ିର ବୀମା, ପଲ୍ୟୁସନ୍ ଓ ସାମୟିକ ପରମିଟ୍ ପାଇଁ ଏହି ବୈଧତା କୋହଳ ଲାଗୁ ହେବ ନାହିଁ । ତେବେ ଯେଉଁମାନଙ୍କର ଲର୍ଣ୍ଣିଂ ଲାଇସେନ୍ସ ଅବଧିର ବୈଧତା ୨୦୨୦ ମାର୍ଚ୍ଚ ୧୮ରୁ ଶେଷ ହୋଇଛି ଅବା ୨୦୨୧ ସେପ୍ଟେମ୍ବର ୩୦ତାରିଖ ମଧ୍ୟରେ ଶେଷ ହୋଇଯିବ, ସେହି ଦସ୍ତାବିଜଗୁଡ଼ିକ ସେପଟ୍ମେର ୩୦ତାରିଖ ପର୍ଯ୍ୟନ୍ତ ବୈଧ ରହିବ । ଯେହେତୁ ଡ୍ରାଇଭିଂ ଲାଇସେନ୍ସ ଟେଷ୍ଟ ୨୦୨୦ ମାର୍ଚ୍ଚ ୧୮ତାରିଖରୁ ରଦ୍ଦ ହୋଇଛି ।

### ମାଷ୍ଟରକ୍ୟାଂଟିନ ଛକ ଘୋଡାକୁ ସ୍ଥାନାନ୍ତରଣ ପ୍ରସଙ୍ଗ

# ବିଜେପିର ଆନ୍ଦୋଳନ ଚେତାବନୀ



ଭୁବନେଶ୍ୱର,୧୮/୬ (ନି.ପ୍ର): ରାଜଧାନୀର ପ୍ରମୁଖ ସ୍ଥାନ ଓ ଛକମାନଙ୍କରେ ବହୁ ସ୍ଥପତି, ହସ୍ତକଳା ଆଦି ଶୋଭା ପାଇବା ସହ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି । ସୌନ୍ଦର୍ଯ୍ୟୀକରଣ ନାଁରେ ରାଜଧାନୀର ଐତିହ୍ୟ, ସଂସ୍କୃତି ଏବଂ ପରଂପରାକୁ ଆଦୌ କ୍ଷୁର୍ଣ୍ଣ କରିବାକୁ ଦିଆଯିବ ନାହିଁ । ଦୀର୍ଘ ବର୍ଷ ଧରି ରାଜଧାନୀର ମୁଖ୍ୟ ମାଷ୍ଟର କ୍ୟାଂଟିନ ଛକରେ ଶୋଭା ପାଇବା ସହ ସୌନ୍ଦର୍ଯ୍ୟ ସୃଷ୍ଟି କରୁଥିବା ଘୋଡା ଓ ଯୋଦ୍ଧାଙ୍କ ସ୍ଥପତିକୁ ଅନ୍ୟତ୍ର ସ୍ଥାନାନ୍ତର କରିବାର ଅପଚେଷ୍ଟାକୁ ଆଦୌ ଗ୍ରହଣ କରାଯାଇପାରିବ ନାହିଁ । ପ୍ରଶାସନ ଜୋର ଜବରଦସ୍ତ ଏହି ସ୍ଥପତି କଳାକୁ ସ୍ଥାନାନ୍ତରଣ କଲେ, ଏହାକୁ ବିରୋଧ କରାଯିବା ସହ ଆନ୍ଦୋଳନ କରାଯିବ ବୋଲି ଭଚବନେଶ୍ୱର ଜିଲ୍ଲା ବିଜେପି ସଭାପତି ବାବୁ ସିଂ ଚେତାବନୀ ଦେଇଛନ୍ତି । ପ୍ରଖ୍ୟାତ ସ୍ଥପତି ପଦ୍ମବିଭୂଷଣ ସ୍ୱର୍ଗତଃ ରଘୁନାଥ ମହାପାତ୍ରଙ୍କ ଦ୍ୱାରା ଐତିହ୍ୟ କୋଣାର୍କ ମନ୍ଦିରର ଅବିକଳ ଢାଂଚାରେ ନିର୍ମିତ ତଥା ଓଡିଶା ଶାସନର ପ୍ରତୀକ ରାଜଧାନୀର ପରିଚୟ ମାଷ୍ଟରକ୍ୟାଂଟିନ ଛକସ୍ଥିତ ଘୋଡାକୁ ସ୍ଥାନାନ୍ତର କରିବାର ରାଜ୍ୟ ସରକାରଙ୍କ କୁଚକ୍ରାନ୍ତକୁ ଜିଲ୍ଲା ବିଜେପି ତରଫରୁ ଦୃଢ ନିନ୍ଦା କରାଯାଇଛି । ଜିଲ୍ଲା ସଭାପତି ବାବୁ ସିଂଙ୍କ ସମେତ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗନ୍ନାଥ ପ୍ରଧାନ, ଜିଲ୍ଲା ସାଧାରଣ ସଂପାଦକ ଅଭିଷେକ ଆଚାର୍ଯ୍ୟ, ଯୁବମୋର୍ଚ୍ଚା ଜିଲ୍ଲା ସଭାପତି ରଶ୍ମୀରଂଜନ ମହାପାତ୍ର, ବନଦୁର୍ଗା ମଣ୍ଡଳ ସଭାପତି ଫିରୋଜ ଖାନଙ୍କ ସମେତ ପ୍ରମୁଖ କାର୍ଯ୍ୟକର୍ତା ଉପସ୍ଥିତ ଥିଲେ ।

# ଶିକ୍ଷା ବିଭାଗର ଇ-ପାଠଶାଳା ଓ ଇ-ମୂଲ୍ୟାଙ୍କନ ପୋର୍ଟାଲ ଉଦ୍‌ଘାଟିତ

ଭୁବନେଶ୍ୱର,୧୮/୬ (ନି.ପ୍ର): ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଛାତ୍ରଛାତ୍ରୀମାନଙ୍କୁ ଅନ୍‌ଲାଇନ୍ ମାଧ୍ୟମରେ ଶିକ୍ଷାଦାନ ଓ ଶିକ୍ଷଣ ଅଭିବୃଦ୍ଧି ମୂଲ୍ୟାୟନ ପାଇଁ ଓସେପା ଦ୍ୱାରା ପ୍ରସ୍ତୁତ ଇ-ପାଠଶାଳା ଓ ଇମୂଲ୍ୟାଙ୍କନ ନାମକ ଦୁଇଟି ପୋର୍ଟାଲକୁ ଗୁରୁବାର ପୂର୍ବାହ୍ନରେ ଭର୍ଚୁଆଲ୍ ମାଧ୍ୟମରେ ଉଦ୍‌ଘାଟନ କରିଛନ୍ତି । କୋଭିଡ୍ ସମୟରେ ଶିକ୍ଷାଦାନ ଓ ପିଲାମାନେ କେତେ ଶିକ୍ଷାଲାଭ କଲେ ତାହାର ଆକଳନରେ ଏହି ପୋର୍ଟାଲ ବହୁ ସହାୟକ ହେବ ବୋଲି ମନ୍ତ୍ରୀ ଏହି ଅବସରରେ କହିଛନ୍ତି । ଏହି ପୋର୍ଟାଲ ଦ୍ୱାରା ଉଭୟ ଜିଲ୍ଲା ଓ ରାଜ୍ୟସ୍ତରର ଶିକ୍ଷା ପ୍ରଶାସକ ଶିକ୍ଷଣ ଅଗ୍ରଗତିର ସମୀକ୍ଷା କରିପାରିବେ । ଏହି ଅବସରରେ କୋଭିଡ୍ ପରିସ୍ଥିତିରେ ଛାତ୍ରଛାତ୍ରୀଙ୍କ ଶିକ୍ଷାଦାନ ନିମିତ ବିଭାଗର ପ୍ରସ୍ତୁତିକୁ ନେଇ ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ସହିତ ଆଲୋଚନା କରି ମନ୍ତ୍ରୀ ଶ୍ରୀ ଦାଶ ଗତବର୍ଷ ଆମର ବିଭିନ୍ନ ପ୍ରୟାସ ସତ୍ୱେ ରାଜ୍ୟର ସବୁ ପିଲାଙ୍କ ପାଖରେ ଶିକ୍ଷା ପହଂଚାଇବା ସମ୍ଭବ ହୋଇନଥିଲା ବୋଲି ପ୍ରକାଶ କରିଛନ୍ତି । ବର୍ତମାନ ଆମର ମୂଳ ଲକ୍ଷ୍ୟ ଶେଷ ପ୍ରାନ୍ତରରେ ଥିବା ପିଲାଟି ପାଖରେ କିପରି ଶିକ୍ଷା ପହଂଚାଇବା ବୋଲି ମନ୍ତ୍ରୀ ଶ୍ରୀ ଦାଶ କହିଥିଲେ । ବିଭାଗୀୟ ପ୍ରମୁଖ ଶାସନ ସଚିବ ସତ୍ୟବ୍ରତ ସାହୁ ବିଭାଗ ଦ୍ୱାରା ନିଆଯାଉଥିବା ବିଭିନ୍ନ ପଦକ୍ଷେପ ଉପରେ ଆଲୋକପାତ କରିବା ସଙ୍ଗେ ସଙ୍ଗେ କରୋନା ସମୟରେ ବିଦ୍ୟାଳୟ ଛାଡ଼ିଥିବା (ଡ୍ରପ୍‌ଆଉଟ୍) ପିଲା ଏବଂ ପ୍ରବାସୀ(ମାଇଗ୍ରାଂଟ) ପିଲାଙ୍କୁ ସର୍ଭେ ମାଧ୍ୟମରେ ଠାବ କରି ତାଙ୍କୁ ଶିକ୍ଷାଦାନ କରି ମୁଖ୍ୟସ୍ରୋତକୁ ଆଣିବା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ । ସଂପ୍ରତି ଦୂରଦର୍ଶନରେ 'ଶିକ୍ଷାଦର୍ପଣ', ରେଡିଓ ପାଠଶାଳା, ହ୍ୱାଟସ୍‌ଆପ୍ ମାଧ୍ୟମରେ ଓଡ଼ିଶା ଶିକ୍ଷା ସଂଯୋଗ ଓ ବିଭିନ୍ନ ଡିଜିଟାଲ୍ ପ୍ଲାଟ୍‌ଫର୍ମରେ ଅନ୍‌ଲାଇନ୍ ପାଠପଢ଼ା ହେବ । ବିଶେଷ କରି ଜୁନ ୨୧ ତାରିଖଠାରୁ ୟୁଟ୍ୟୁବ୍ ମାଧ୍ୟମରେ ସମସ୍ତ ଶ୍ରେଣୀର ଶିକ୍ଷାଦାନ ପାଇଁ ପଦକ୍ଷେପ ନିଆଯାଉଥିବା କଥା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଭୂପେନ୍ଦ୍ର ସିଂ ପୁନିଆ ପ୍ରକାଶ କରିଥିଲେ । ଏହି ବୈଠକରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପାଇଁ ଜମି ଅଧିଗ୍ରହଣ, ଶିକ୍ଷକ ନିଯୁକ୍ତି, ଆସବାବ କ୍ରୟ, ପାଣ୍ଠି ବିନିଯୋଗ ସାର୍ଟିଫିକେଟ୍ ଓ ଉନ୍ନତ ଶିକ୍ଷାଦାନ ଆଦି ଉପରେ ଆଲୋଚନା ହୋଇଥିଲା । ଛାତ୍ରଛାତ୍ରୀମାନଙ୍କୁ ମଧ୍ୟାହ୍ନ ଭୋଜନ ବାବଦରେ ଚାଉଳ ଓ ଅର୍ଥରାଶି ଠିକ୍ ସମୟରେ ପ୍ରଦାନ ଉପରେ ଗୁରୁତ୍ୱ ଦିଆଯାଇଥିଲା । କେତେକ ବିଦ୍ୟାଳୟରେ ହୋଇଥିବା ପୁଷ୍ଟି ବଗିଚା ଦେଖି ମନ୍ତ୍ରୀ ଉଚ୍ଚ ପ୍ରଶଂସା କରିଥିଲେ । ବିଦ୍ୟାଳୟମାନଙ୍କରେ ବର୍ଷା ଋତୁ ଆରମ୍ଭରୁ ବ୍ୟାପକ ବୃକ୍ଷରୋପଣ ପାଇଁ ପଦକ୍ଷେପ ନେବାକୁ ପ୍ରମୁଖ ସଚିବ ଶ୍ରୀ ସାହୁ ଗୁରୁତ୍ୱାରୋପ କରିଥିଲେ । ଛାତ୍ରଛାତ୍ରୀଙ୍କ ଶିକ୍ଷା କ୍ଷେତ୍ରରେ ମୂଳଦୁଆ ହେଉଛି ମୌଳିକ ଭାଷା ଓ ସାଂଖ୍ୟିକ ଜ୍ଞାନ । ରାଜ୍ୟରେ ଏହି କାର୍ଯ୍ୟକ୍ରମକୁ ସମୃଦ୍ଧ କରିବା ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଓ ସେଂଟର ସ୍କ୍ୱାର ଫାଉଣ୍ଡେସନ୍ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା । କରୋନା ସମୟରେ ଛାତ୍ରଛାତ୍ରୀ ଘରେ ରହୁଥିବାରୁ ପିତାମାତାଙ୍କ ସହଯୋଗ ନିମିତ ଇ-ପିଟିଏମ୍(ଭର୍ଚୁଆଲ୍ ମାଧ୍ୟମ)ରେ ଶିକ୍ଷକ ଓ ଅଭିଭାବକ ବୈଠକ କରିବା ପାଇଁ ପରାମର୍ଶ ଦିଆଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ, ଆଦର୍ଶ ବିଦ୍ୟାଳୟ ଲିଙ୍ଗରାଜ ପଣ୍ଡାଙ୍କ ସମେତ ବିଭାଗୀୟ ବରିଷ୍ଠ ପଦାଧିକାରୀବୃନ୍ଦ ଉପସ୍ଥିତ ଥିଲେ ।

# ୪୫୦ ଦିନରେ ପ୍ରତାପ ସାହୁଙ୍କ କରୋନା ସେବା

## ମାଗଣାରେ ମାପୁଛନ୍ତି ଲୋକଙ୍କ ତାପମାତ୍ରା ଓ ଅମ୍ଳଜାନ



ଭୁବନେଶ୍ୱର, ୧୮.୬ : ମହାମାରୀ କରୋନାର ପ୍ରଥମ ଲହର ପରେ ବର୍ତ୍ତମାନ ଦ୍ୱିତୀୟ ଲହର ସାରା ରାଜ୍ୟ ପାଇଁ ଘାତକ ସାବ୍ୟସ୍ତ ହୋଇଛି । ବିଶେଷକରି କରୋନାର ଦ୍ୱିତୀୟ ଲହରରେ ସଂକ୍ରମିତ ଓ ମୃତକଙ୍କ ସଂଖ୍ୟା ଆଶାତୀତ ଭାବେ ବୃଦ୍ଧି ପାଇବାରେ ଲାଗିଛି । ଫଳରେ ରାଜ୍ୟ ସରକାର ବାଧ ହୋଇ ପର୍ଯ୍ୟାୟକ୍ରମେ ଲକଡ଼ାଉନ ଓ ସଟଡ଼ାଉନ ଘୋଷଣା କରିଚ୍ଛଲିଛନ୍ତି । ଏଥିଯୋଗୁ ଲୋକମାନେ ନିଜର ଜୀବନ ଜୀବିକା ହରାଇ ବସିଛନ୍ତି । ସେମାନଙ୍କର ଆର୍ଥିକ ମେରୁଦଣ୍ଡ ଏକ ପ୍ରକାର ଦୋହଲି ଯାଇଛି । ଅଧିକାଂଶ ଲୋକ ଓଳିଏ ଖାଇଲେ ଓଳିଏ ଉପାସ ରହି ଏକ ପ୍ରକାର ଦୟନୀୟ ଅବସ୍ଥାରେ ଜୀବନ ଯାପନ କରୁଛନ୍ତି । ଲୋକମାନଙ୍କ ଏପରି ଅବସ୍ଥାକୁ ହୃଦୟଙ୍ଗମ କରି ସମାଜସେବୀ ପ୍ରତାପ ସାହୁ ସହଯୋଗର ହାତ ବଢାଇଛନ୍ତି । ଗତ ୨୦୨୦ ମସିହା ଫେବୃୟାରୀ ମାସରେ ଦେଖା ଦେଇଥିବା କରୋନା ପ୍ରଥମ ଲହର ଠାରୁ ଦ୍ୱିତୀୟ ଲହର ପର୍ଯ୍ୟନ୍ତ ଦୀର୍ଘ ୪୫୦ ଦିନ ଧରି କ୍ରମାଗତ ଭାବେ ଶ୍ରୀଯୁକ୍ତ ସାହୁ ଲୋକଙ୍କୁ ସେବା ଯୋଗାଇ ଆସୁଛନ୍ତି । ପ୍ରତିଦିନ ସକାଳ ୮ଟାରୁ ନିଜର ନିତ୍ୟକର୍ମ ସାରି ପ୍ରତାପ ବାହାରି ଯାଇ ବିଭିନ୍ନ ଅଞ୍ଚଳ ବୁଲି ଲୋକମାନଙ୍କୁ ମାଗଣାରେ ମାସ୍କ, ସାନିଟାଇଜର, ସାବୁନ, ବିସ୍କୁଟ, ଶୁଖିଲା ଏବଂ ରନ୍ଧା ଖାଦ୍ୟ ଯୋଗାଇ ଦେବା ସହିତ ବିଭିନ୍ନ ସରକାରୀ, ବେସରକାରୀ ଅଫିସ୍, ବସ୍‌ଷ୍ଟାଣ୍ଡ, ରେଲ୍‌ୱେ ଷ୍ଟେସନ, ଜନଗହଳିପୂର୍ଣ୍ଣ ସ୍ଥାନମାନଙ୍କରେ ସାନିଟାଇଜ କରିଥାନ୍ତି । ଏହା ସହ କରୋନାରୁ ରକ୍ଷା ପାଇବା ପାଇଁ ସବୁଦିନ ସାବୁନରେ ହାତ ଧୋଇବା ଓ ସାନିଟାଇଜର ବ୍ୟବହାର କରିବା ପାଇଁ ଲୋକଙ୍କୁ ସଚେତନ ମଧ କରିଥାଆନ୍ତି । ବର୍ତ୍ତମାନ କରୋନାର ଦ୍ୱିତୀୟ ଲହରରେ ପ୍ରତାପ ଘରକୁ ଘର ବୁଲି ସାନିଟାଇଜ୍ କରିବା, ଲୋକମାନଙ୍କ ଅମ୍ଳଜାନ ଓ ତାପମାତ୍ରା ମାପିବା ସହ ସେମାନଙ୍କୁ ଅମ୍ଳଜାନ ଓ ତାପମାତ୍ରା ବିଷୟରେ ସଚେତନ କରିଥାନ୍ତି । ଲୋକମାନଙ୍କ ବ୍ୟତୀତ ପଶୁପକ୍ଷୀମାନଙ୍କ ସେବା କରିବାକୁ ମଧ ପ୍ରତାପ ଭୁଲିନାହାଁନ୍ତି । କରୋନାର ଏହି ବିପତ୍ତି ସମୟରେ ବୁଲା କୁକୁରମାନଙ୍କୁ ଖାଇବାକୁ ଦେବା, ସେମାନଙ୍କ ରହିବା ପାଇଁ 'ବିଶ୍ୱାସ' ଗୃହ ନିର୍ମାଣ କରିବା, ପକ୍ଷୀମାନଙ୍କ ପିଇବା ପାଇଁ ପାଣିର ବ୍ୟବସ୍ଥା ମଧ କରିଥାନ୍ତି । ବର୍ତ୍ତମାନ ସୁଦ୍ଧା ପ୍ରତାପ କଟକ, ଖୋର୍ଦ୍ଧା, ଭୁବନେଶ୍ୱର, ପୁରୀ ଆଦି ବିଭିନ୍ନ ଜିଲ୍ଲା ବୁଲି ସାନିଟାଇଜ କରିବା, ମାସ୍କ ବାଣ୍ଟିବା, ଲୋକମାନଙ୍କୁ ଶୁଖିଲା ଏବଂ ରନ୍ଧା ଖାଦ୍ୟ ଯୋଗାଇ ଚ୍ଛଲିଛନ୍ତି । ଏ ସମ୍ପର୍କରେ ପ୍ରତାପ କୁହନ୍ତି, ଯେ ପର୍ଯ୍ୟନ୍ତ ଓଡ଼ିଶାରେ କରୋନାର ପ୍ରକୋପ ନ କମିଛି, ସେପର୍ଯ୍ୟନ୍ତ ଲୋକଙ୍କୁ ସେବା ଯୋଗାଇ ଚ୍ଛଲିଥିବି ଏବଂ ଆଗକୁ ଆସୁଥିବା କରୋନାର ତୃତୀୟ ଲହର ପାଇଁ ପ୍ରସ୍ତୁତ ଅଛି ବୋଲି ଶ୍ରୀ ସାହୁ ସୂଚନା ଦେଇଛନ୍ତି ।

# ପୂର୍ବତଟ ରେଳପଥ ଦେଇ ଚଳାଚଳ କରିବ ଦକ୍ଷିଣ ଭାରତକୁ ଯାତ୍ରା କରୁଥିବା ତିନିଟି ବିଶେଷ ଟ୍ରେନ



ଭୁବନେଶ୍ୱର,୧୮/୬ (ନି.ପ୍ର): ତ୍ରିଭେନ୍ଦ୍ରମ ଗୌହାଟୀ ମଧ୍ୟରେ ବିଶେଷ ଟ୍ରେନ - ପୂର୍ବତଟ ରେଳପଥ ମଧ୍ୟଦେଇ ଦକ୍ଷିଣ ଭାରତକୁ ଯାତ୍ରା କରୁଥିବା ତିନିଟି ବିଶେଷ ଟ୍ରେନ ପରବର୍ତୀ ଉପଦେଶ ପର୍ଯ୍ୟନ୍ତ ଚଳାଚଳ କରିବା ପାଇଁ ନିଷ୍ପତି ନିଆଯାଇଅଛି । ଏହି ଟ୍ରେନ୍ ଗୁଡିକ ହେଲା - ୦୨୨୫୩/୦୨୨୫୪ ଯଶୋବନ୍ତପୁର-ଭାଗଲପୁର-ଯଶୋବନ୍ତପୁର ବିଶେଷ ଟ୍ରେନ । ୦୨୨୫୩/୦୨୨୫୪ ଯଶୋବନ୍ତପୁର-ଭାଗଲପୁର-ଯଶୋବନ୍ତପୁର ବିଶେଷ ଟ୍ରେନ ୨୬ ଜୁନ୍ ପର୍ଯ୍ୟନ୍ତ ଯଶୋବନ୍ତପୁରରୁ ପ୍ରତି ଶନିବାର ଦିନ ଏବଂ ଭାଗଲପୁରରୁ ୩୦ ଜୁନ୍, ୨୦୨୧ ପର୍ଯ୍ୟନ୍ତ ପ୍ରତି ବୁଧବାର ଦିନ ଛାଡୁଥିବା ବିଶେଷ ଟ୍ରେନ ପରବର୍ତୀ ଉପଦେଶ ପର୍ଯ୍ୟନ୍ତ ଚଳାଚଳ କରିବ । ୦୬୫୭୭/୦୬୫୭୮ ଯଶୋବନ୍ତପୁର-ଗୌହାଟୀ-ଯଶୋବନ୍ତପୁର ବିଶେଷ ଟ୍ରେନ । ୦୬୫୭୭/୦୬୫୭୮ ଯଶୋବନ୍ତପୁର-ଗୌହାଟୀ-ଯଶୋବନ୍ତପୁର ବିଶେଷ ଟ୍ରେନ ୨୫ ଜୁନ୍ ପର୍ଯ୍ୟନ୍ତ ଯଶୋବନ୍ତପୁରରୁ ପ୍ରତି ଶୁକ୍ରବାର ଦିନ ଏବଂ ଗୌହାଟୀରୁ ୨୮ ଜୁନ୍, ୨୦୨୧ ପର୍ଯ୍ୟନ୍ତ ପ୍ରତି ସୋମବାର ଦିନ ଛାଡୁଥିବା ବିଶେଷ ଟ୍ରେନ ପରବର୍ତୀ ଉପଦେଶ ପର୍ଯ୍ୟନ୍ତ ଚଳାଚଳ କରିବ । ୦୬୫୯୭/୦୬୫୯୮ ଯଶୋବନ୍ତପୁର-ହାଓଡ଼ା-ଯଶୋବନ୍ତପୁର ବିଶେଷ ଟ୍ରେନ । ୦୬୫୯୭/୦୬୫୯୮ ଯଶୋବନ୍ତପୁର-ହାଓଡ଼ା-ଯଶୋବନ୍ତପୁର ବିଶେଷ ଟ୍ରେନ ୨୪ ଜୁନ୍ ପର୍ଯ୍ୟନ୍ତ ଯଶୋବନ୍ତପୁରରୁ ପ୍ରତି ଗୁରୁବାର ଦିନ ଏବଂ ହାଓଡ଼ାରୁ ୨୯ ଜୁନ୍, ୨୦୨୧ ପର୍ଯ୍ୟନ୍ତ ପ୍ରତି ମଙ୍ଗଳବାର ଦିନ ଛାଡୁଥିବା ବିଶେଷ ଟ୍ରେନ ପରବର୍ତୀ ଉପଦେଶ ପର୍ଯ୍ୟନ୍ତ ଚଳାଚଳ କରିବ । ଜୁଲାଇ ମାସ ଦ୍ୱିତୀୟ ସପ୍ତାହ ପର୍ଯ୍ୟନ୍ତ ତ୍ରିଭେନ୍ଦ୍ରମ ଓ ଗୌହାଟୀ ମଧ୍ୟରେ ବିଶେଷ ଟ୍ରେନ - ୦୬୧୮୫/୦୬୧୮୬ ତ୍ରିଭେନ୍ଦ୍ରମ-ଗୌହାଟୀ-ତ୍ରିଭେନ୍ଦ୍ରମ ବିଶେଷ ଟ୍ରେନ ତ୍ରିଭେନ୍ଦ୍ରମରୁ ୧୯ ଜୁନ୍ ରୁ ୧୦ ଜୁଲାଇ, ୨୦୨୧ ମଧ୍ୟରେ ପ୍ରତି ଶନିବାର ଦିନ ସନ୍ଧ୍ୟା ୬ ଘଟିକାରେ ଏବଂ ଗୌହାଟୀରୁ ୨୩ ଜୁନ୍ ରୁ ୧୪ ଜୁଲାଇ ୨୦୨୧ ମଧ୍ୟରେ ପ୍ରତି ବୁଧବାର ଦିନ ସକାଳ ୬ଘ.୪୫ମି.ରେ ଛାଡିବ । ପୂର୍ବତଟ ରେଳପଥ ମଧ୍ୟରେ ଏହି ଟ୍ରେନ ଦୁଭାଡା, ବିଶାଖାପାଟନମ୍, ବିଜୟନଗରମ୍, ଶ୍ରୀକାକୁଲମ୍ ରୋଡ୍, ପଲାସା, ବ୍ରହ୍ମପୁର, ଖୋର୍ଦ୍ଧା ରୋଡ୍, ଭୁବନେଶ୍ୱର, କଟକ ଏବଂ ଭଦ୍ରକ ଷ୍ଟେସନ ମାନଙ୍କରେ ରହଣି କରିବାକୁ ଥିବାବେଳେ ତ୍ରିଭେନ୍ଦ୍ରମ ଓ ଗୌହାଟୀ ମଧ୍ୟରେ ଏହା ଉଭୟ ପାର୍ଶ୍ୱରୁ ଗୁରୁତ୍ୱପୂର୍ଣ୍ଣ ଷ୍ଟେସନ ମାନଙ୍କରେ ରହଣି କରିବ । ଗୋଟିଏ ଦିନ ପାଇଁ ପରିବର୍ତିତ ମାର୍ଗରେ ଭଲସାଡ-ପୁରୀ-ଭଲସାଡ ବିଶେଷ ଟ୍ରେନ - ପଶ୍ଚିମ କେନ୍ଦ୍ରୀୟ ରେଳପଥର ଜବଲପୁର ଡିଭିଜନ୍ ଅନ୍ତର୍ଗତ କାଟାଙ୍ଗି ଖୁରଦ ଏବଂ ନ୍ୟୁ କାଟନୀ ରେଳ ସେକ୍ସନ ମଧ୍ୟରେ ନିରାପତା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟକୁ ଦୃଷ୍ଟିରେ ରଖି ୧୭ ଜୁନ ଦିନ ଭଲସାଡରୁ ଏବଂ ୨୦ ଜୁନ୍, ୨୦୨୧ ଦିନ ପୁରୀରୁ ଛାଡ଼ିବାକୁଥିବା ୦୯୨୦୯/୦୯୨୧୦ ଭଲସାଡ-ପୁରୀ-ଭଲସାଡ ବିଶେଷ ଟ୍ରେନ ଏହାର ନିର୍ଦ୍ଧାରିତ ଚଳାଚଳ ମାର୍ଗ ପରିବର୍ତେ ଇଟାରସି-ନାଗପୁର-ବିଳାସପୁର ମାର୍ଗ ଦେଇ ଚଳାଚଳ କରିବ ।

### ସରକାରଙ୍କ ସଫଳ କୋଭିଡ ପରିଚାଳନାରେ ବିଜେପି ଈର୍ଷାନ୍ୱିତ: ବିଜେଡି

ଭୁବନେଶ୍ୱର,୧୮/୬ (ନି.ପ୍ର): କୋଭିଡ ମହାମାରୀ ସମୟରେ ସମଗ୍ର ଦେଶକୁ ଜୀବନ ରକ୍ଷାକାରୀ ଅକ୍ସିଜେନ ଯୋଗାଣ ସହିତ ସଫଳ କୋଭିଡ ପରିଚାଳନା ପାଇଁ ଦେଶ ବିଦେଶରୁ ଓଡିଶା ସରକାରଙ୍କୁ ପ୍ରଶଂସା କରାଯାଉଥିବାବେଳେ ବିଜେପି ଏଥିରେ ଈର୍ଷାନ୍ୱିତ ହୋଇପଡିଥିବା କହିଛନ୍ତି ବିଜେଡି ପ୍ରବକ୍ତା ଇପ୍ସିତା ସାହୁ । ବିଜେପି ନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାରଙ୍କ ସାମ୍ବାଦିକ ସମ୍ମିଳନୀର ଜବାବ ଦେଇ ସୁଶ୍ରୀ ସାହୁ କହିଛନ୍ତି ଯେ ରାଜ୍ୟ ସ୍ୱାସ୍ଥ୍ୟସେବା ପାଇଁ ସରକାରଙ୍କର ୮୫୦୦ କୋଟି ଟଙ୍କାର ଘୋଷଣାକୁ ସେ ହଜମ କରିନପାରି ସେ ଆଜି ପୁଣିଥରେ ସର୍ବସାଧାରଣରେ ଶସ୍ତା ମନ୍ତବ୍ୟ ରଖିଛନ୍ତି । ନିଜର ରାଜନୈତିକ ଅଭିସନ୍ଧି ପୂରଣ ପାଇଁ ସରକାରଙ୍କ ସଫଳ କାର୍ଯ୍ୟକୁ ବିରୋଧ କରି ବିଜେପିର ଏଭଳି ମନଗଢା ଓ ମିଥ୍ୟା ପ୍ରଚାରକୁ ଓଡିଶାବାସୀ କେବେ ବି ଗ୍ରହଣ କରିବେ ନାହିଁ ବୋଲି ସୁଶ୍ରୀ ସାହୁ ଚେତାଇ ଦେଇଛନ୍ତି ।

# ଘରୋଇ ପରିଚାରିକା ମାନଙ୍କର ସାମାଜିକ ନିରାପତ୍ତାକୁ ସୁଦୃଢ କରାଯାଉ

ଭୁବନେଶ୍ୱର,୧୮/୬ (ନି.ପ୍ର): ଆନ୍ତର୍ଜାତିକ ଘରୋଇ ପରିଚାରିକା ଦିବସ ଅବସରରେ ସି.ସି.ଡବ୍ଲ୍ୟୁ.ଡି ଓ ଆକ୍ସନ୍‌ଏଡ୍‌ଙ୍କ ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ମଣ୍ଡପ ବସ୍ତି ଠାରେ ଏକ ଦସ୍ତଖତ ଅଭିଯାନ ହୋଇଥିଲା । ବିଶେଷ କରି ଘରୋଇ ପରିଚାରିକା ମାନଙ୍କର ସାମାଜିକ ନିରାପତା, ରାଜ୍ୟରେ ଘରୋଇ ପରିଚାରିକା ମାନଙ୍କ ପାଇଁ କର୍ପସ୍ ପାଣ୍ଠି ଗଠନ, ସ୍ୱାସ୍ଥ୍ୟସେବା, ସ୍ୱାସ୍ଥ୍ୟବୀମା, ସୁରକ୍ଷା ଉପରେ ଅଂଶ ଗ୍ରହଣ କରିବା ପ୍ରତିନିଧି ମାନେ ମତାମତ ଦେଇଥିଲେ ।

# ମାଷ୍ଟରକ୍ୟାଣ୍ଟିନ ଘୋଡା ସ୍ଥାନାନ୍ତରଣକୁ ନେଇ ଦ୍ୱିତୀୟ ଦିନ ବିରୋଧ ଜାରି

ଭୁବନେଶ୍ୱର,୧୮/୬ (ନି.ପ୍ର): ଭୁବନେଶ୍ୱରର ଐତିହ୍ୟ ପାଲଟିଥିବା ମାଷ୍ଟରକ୍ୟାଂଟିନ ଛକ ଘୋଡାକୁ ରାଜଭବନ ଆଗକୁ ସ୍ଥାନାନ୍ତର ନେଇ ବଢୁଛି ବିବାଦ । ଆଜି ଲଗାତାର ଦ୍ୱିତୀୟ ଦିନ ଲାଗି କଂଗ୍ରେସ ବିଧାୟକ ନିଜ ସମର୍ଥକଙ୍କ ସହ ଘୋଡାମୂର୍ତି ତଳେ ଧାରଣା ଦେଇଛନ୍ତି । ଗତକାଲି ବି ସେ ମାଷ୍ଟରକ୍ୟାଂଟିନ ଯାଇ ଘୋଡା କୁଆଡେ ଯିବ ନାହିଁ ବୋଲି କହିଥିଲେ । ବିଜେପି ବି ଘୋଡା ସ୍ଥାନାନ୍ତରଣକୁ ବିରୋଧ କରିଥିଲା । କିଛି ସଙ୍ଗଠନ ମଧ ଏଭଳି ସ୍ଥାନାନ୍ତରଣକୁ ପୂର୍ବରୁ ବିରୋଧ କରିସାରିଛନ୍ତି । ୧୯୮୮ରେ ଭୁବନେଶ୍ୱରର ମାଷ୍ଟରକ୍ୟାଂଟିନରେ ଏହି ଘୋଡାକୁ ସ୍ଥାପନ କରାଯାଇଥିଲା । କୋଣାର୍କ ମନ୍ଦିରର ଶୋଭା ବଢାଉଥିବା ଯୁଦ୍ଧ ଘୋଡା ଢାଂଚାରେ ହୋଇଥିଲା ଏହାର ନିର୍ମାଣ । ସ୍ୱର୍ଗତ ରଘୁନାଥ ମହାପାତ୍ର ଏହାକୁ ନିର୍ମାଣ କରିଥିଲେ । ତେବେ ସ୍ମାର୍ଟ ସିଟି ପ୍ରକଳ୍ପ ପାଇଁ ଘୋଡାର ସ୍ଥାନାନ୍ତର ପ୍ରସ୍ତାବକୁ ବିରୋଧ ଏବେ ବଢିବାରେ ଲାଗିଛି । ସୂଚନା ଥାଉ କି ଗତକାଲି ମଧ ଉଭୟ କଂଗ୍ରେସ ଓ ବିଜେପି ଏହାକୁ ବିରୋଧ କରିଥିଲେ । ସରକାର ଘୋଡ଼ା ସ୍ଥାନାନ୍ତର ନିଷ୍ପତ୍ତିରୁ ନ ଓହରିଲେ ଆଗକୁ ଜୋରଦାର୍ ଆନ୍ଦୋଳନ ହେବ ବୋଲି ବିରୋଧୀଦଳଗୁଡ଼ିକ ଚେତାବନୀ ଦେଇଛନ୍ତି । ଏପଟେ ସଂସ୍କୃତି ବିଭାଗ ଘୋଡ଼ା ଓ ଯୋଦ୍ଧା ସମେତ ସମସ୍ତ ପ୍ରସ୍ତର ମୂର୍ତ୍ତିକୁ ସ୍ଥାନାନ୍ତର କରିବା ଜିଦ୍ ?ରେ ଥିବାରୁ ବିବାଦ ଘନେଇଛି । ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ମାଷ୍ଟରକ୍ୟାଣ୍ଟିନ ଛକସ୍ଥିତ ଘୋଡ଼ା ମୂର୍ତ୍ତି ନିକଟରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ କହିଛନ୍ତି ଯେ, ଏହି ଯୋଦ୍ଧା ଘୋଡ଼ା ଓଡ଼ିଶାର ସ୍ୱର୍ଣ୍ଣିମ ଇତିହାସ, ବୀରପୁରୁଷ ଓ ସ୍ୱାଧୀନତା ସଂଗ୍ରାମୀମାନଙ୍କର ବୀରତ୍ୱ ଗାଥାର ଏକ ପ୍ରସ୍ତର ପ୍ରଦର୍ଶନ । ବିଶିଷ୍ଟ ସ୍ଥପତି ରଘୁନାଥ ମହାପାତ୍ର ଏହାକୁ ନିର୍ମାଣ କରିଥିବାବେଳେ ହରେକୃଷ୍ଣ ମହତାବ, ବିଜୁ ପଟ୍ଟନାୟକ, ନନ୍ଦିନୀ ଶତପଥୀ, ସତ୍ୟପ୍ରିୟ ମହାନ୍ତି, ନୀଳମଣି ରାଉତରାୟ, ଚିନ୍ତାମଣି ପାଣିଗ୍ରାହୀଙ୍କ ଉଦ୍ୟମରେ ଏହି ଛକର ଶୋଭାବର୍ଦ୍ଧନ ହୋଇଛି । ତେଣୁ ଏଠାରୁ ପ୍ରତିମୂର୍ତ୍ତିକୁ ନ ହଟାଇ ସ୍ମାର୍ଟ ସିଟି ଯୋଜନା କାର୍ଯ୍ୟକାରୀ ହେଉ । ଯଦି ସରକାର ନିଷ୍ପତ୍ତିର ପୁନଃବିଚାର ନକରନ୍ତି ତେବେ ଜନଆନ୍ଦୋଳନ ହେବ ବୋଲି ଶ୍ରୀ ରାଉତରାୟ ଚେତାବନୀ ଦେଇଛନ୍ତି ।

# ପୁଲିସ ଆଇଜିଙ୍କ ସହ ଓ୍ୟୁଡବ୍ଲ୍ୟୁଜେ କର୍ମକର୍ତ୍ତାଙ୍କ ସାକ୍ଷାତ ଆଲୋଚନା



ବାଲେଶ୍ୱର,୧୮/୦୬ (ନି.ପ୍ର): ପୂର୍ବାଞ୍ଚଳ ପୁଲିସ ଆଇଜି ଭାବେ ନୂଆ କରି ଦାୟିତ୍ୱ ଗ୍ରହଣ କରିଥିବା ହିମାଂଶୁ ଲାଲଙ୍କୁ ଆଜି ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି ଓଡ଼ିଶା କର୍ମଜୀବୀ ସାମ୍ବାଦିକ ସଂଘ (ଓୟୁଡବ୍ଲ୍ୟୁଜେ)ର କର୍ମକର୍ତ୍ତା ସଦସ୍ୟମାନେ। ସଂଗଠନର ଜିଲା ସଭାପତି ବରିଷ୍ଠ ସାମ୍ବାଦିକ ଉଜ୍ଜ୍ୱଳ ଚନ୍ଦ୍ର କରଙ୍କ ତତ୍ତ୍ୱାବଧାନରେ ଏକ ପ୍ରତିନିଧି ଦଳ ଆଇଜିଙ୍କୁ ବାଲେଶ୍ୱର ଅଫିସରେ ସାକ୍ଷାତ ସହ ଜିଲାର ଆଇନଶୃଙ୍ଖଳା ସ୍ଥିତି ଓ ଅନ୍ୟାନ୍ୟ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ବିଶେଷ କରି ପୁଲିସ ପବ୍ଲିକ ସମ୍ପର୍କର ଉନ୍ନତି ସାଙ୍ଗକୁ ଲୋକଙ୍କ ପାଖରେ ସହଜ ପୁଲିସ ସେବା ଉପଲବ୍ଧ ସମ୍ପର୍କରେ ସଂଘର କର୍ମକର୍ତ୍ତାମାନେ ଗୁରୁତ୍ୱାରୋପ କରିଥିଲେ। ଏନେଇ ସେ ଉଚିତ ପଦକ୍ଷେପ ନେଉଥିବା ଆଇଜି ପ୍ରକାଶ କରିଥିଲେ। ମୁଖ୍ୟତଃ ନାରୀସୁରକ୍ଷା, ନିଶାକାରବାର ବନ୍ଦ ସାଙ୍ଗକୁ ଅସାମାଜିକ ତଥା ଅପରାଧୀଙ୍କ କାର୍ଯ୍ୟକଳାପ ଉପରେ ଲଗାମ ଲଗାଇବା ପାଇଁ ସେ ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଯାଉଛନ୍ତି ବୋଲି ଆଇଜି ହିମାଂଶୁ ଲାଲ ସୂଚନା ଦେଇଥିଲେ। ଆଲୋଚନା ବେଳେ ରବିରଂଜନ ଦାସ, ସନ୍ଦୀପ୍ତ ଦାସ, ବାସୁଦେବ ରାଉଳ, ଗୟାଧର କର, ସୁଶାନ୍ତ ଦାସଙ୍କ ସମେତ ବହୁ ସାମ୍ବାଦିକ ଉପସ୍ଥିତ ଥିଲେ।

## ବୀରେନ୍ଦ୍ର ଲାକ୍ରା ଓ ଅମିତ ରୋହିଦାସଙ୍କୁ ଅଲିମ୍ପିକ ହକି ଟିମରେ ମିଳିଲା ସ୍ଥାନ

ଭୁବନେଶ୍ୱର,୧୮/୦୬ (ନି.ପ୍ର): ଟୋକିଓ ଅଲିମ୍ପିକର ପୁରୁଷ ହକିରେ ଓଡ଼ିଶାର ବୀରେନ୍ଦ୍ର ଲାକ୍ରା ଓ ଅମିତ ରୋହିଦାସଙ୍କୁ ଟିକେଟ ମିଳିଛି। ହକି ଇଣ୍ଡିଆ ତରଫରୁ ଭାରତୀୟ ପୁରୁଷ ହକି ଟିମର ସଦସ୍ୟଙ୍କ ନାମ ଘୋଷଣା କରା ଯାଇଥିବା ବେଳେ ଏଥିରେ ଏହି ଦୁଇ ଜଣଙ୍କୁ ସ୍ଥାନ ମିଳିଛି । ଉଲ୍ଲେଖନୀୟ ଟୋକିଓ ଅଲିମ୍ପିକ ପାଇଁ ଗତକାଲି ଦୀପଗ୍ରେସ ଏକ୍କା ମହିଳା ହକି ଦଳରେ ସ୍ଥାନ ପାଇଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ୮ଟି ଜିଲ୍ଲାରେ....

ଏହାସହିତ ଡବଲ ମାସ୍କ ପିନ୍ଧିବା ସହିତ ଟିକା ନିଶ୍ଚିତ ଭାବରେ ନେବା ପାଇଁ ମୁଖ୍ୟମନ୍ତ୍ରୀ ଜନସାଧାରଣଙ୍କୁ ନିବେଦନ କରିଛନ୍ତି। ଏହା ସହିତ ମୁଖ୍ୟମନ୍ତ୍ରୀ ଆହୁରି ମଧ୍ୟ କହିଥିଲେ ଯେ, ଗତ ଏକ ବର୍ଷରୁ ଅଧିକ ସମୟ ଧରି କରୋନା ବିରୁଦ୍ଧରେ ଲଢେଇ ଜାରି ରହିଛି । ଅପ୍ରେଲରୁ ଆରମ୍ଭ ହୋଇଥିବା ଦ୍ୱିତୀୟ ଲହରରେ ରୋଗୀଙ୍କ ଅକ୍ସିଜେନ ସ୍ତର କମିବା ଏକ ବଡ ସମସ୍ୟା ହୋଇ ଦେଖାଦେଇଛି । ତେଣୁ ଆମର ସବୁ ହସ୍ପିଟାଲରେ ଅକ୍ସିଜେନ ଯୋଗାଣ ବ୍ୟବସ୍ଥାକୁ ସୁଦୃଢ କରିବା ପାଇଁ ପଦକ୍ଷେପ ନିଆଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ପ୍ରତ୍ୟେକ ଜୀବନ ମୂଲ୍ୟବାନ – ଏହା ହେଉଛି ଆମର ସବୁ ବିପର୍ଯ୍ୟୟ ପରିଚାଳନାର ଆଧାର । କୋଭିଡ କ୍ଷେତ୍ରରେ ମଧ୍ୟ ଏହି ଆଧାରରେ ସବୁ କୋଭିଡ ରୋଗୀଙ୍କୁ ମାଗଣାରେ ଚିକିତ୍ସା ସେବା ଓ ଔଷଧ ଯୋଗାଇ ଦିଆଯାଉଛି ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ ଆଗଧାଡିରେ ରହି କାମ କରୁଥିବା ସମସ୍ତ ଡାକ୍ତର, ସ୍ୱାସ୍ଥ୍ୟକର୍ମୀ, ଆଶା ଓ ଅଙ୍ଗନବାଡୀ କର୍ମୀଙ୍କୁ ସେମାନଙ୍କର ସେବା ଓ ତ୍ୟାଗ ପାଇଁ ଧନ୍ୟବାଦ ଜଣାଇଛନ୍ତି । ପରିଶେଷରେ ସମସ୍ତଙ୍କ ସହଯୋଗରେ ଓଡିଶା ସହିତ ସାରା ମାନବ ଜାତି କୋଭିଡ ଲଢେଇରେ ବିଜୟ ଲାଭ କରିବ ବୋଲି ମୁଖ୍ୟମନ୍ତ୍ରୀ ଦୃଢ ବିଶ୍ୱାସ ପ୍ରକଟ କରିଥିଲେ । ଏହି ଅବସରରେ ବିଭିନ୍ନ ଜିଲ୍ଲାରୁ ମନ୍ତ୍ରୀ ଏବଂ ବିଧାୟକମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ରହି କୋଭିଡ ଲଢେଇରେ ମୁଖ୍ୟମନ୍ତ୍ରୀଙ୍କ ଦୂରଦର୍ଶୀ ନେତୃତ୍ୱର ଉଚ୍ଚପ୍ରଶଂସା କରିଥିଲେ । ଉନ୍ନୟନ କମିଶନର ପି.କେ. ଜେନା, ଶିଳ୍ପ ବିଭାଗ ପ୍ରମୁଖ ସଚିବ ହେମନ୍ତ ଶର୍ମା, ସ୍ୱାସ୍ଥ୍ୟ ମିଶନର ନିର୍ଦ୍ଦେଶକ ଶାଳିନୀ ପଣ୍ଡିତ ଏବଂ ବିଭିନ୍ନ ଜିଲ୍ଲାର ଜିଲ୍ଲାପାଳମାନେ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ କାର୍ଯ୍ୟକ୍ରମ ସଂଚାଳନ କରିଥିଲେ।

### ୪୦ ବିଶେଷଜ୍ଞ ଡାକ୍ତରଙ୍କୁ ....

ସମ୍ଭାବନା ରହିଛି, ୧୨ ପ୍ରତିଶତ ବିଶେଷଜ୍ଞ କହିଥିଲେ ନଭେମ୍ବରରୁ ଫେବ୍ରୁଆରୀ ମଧ୍ୟରେ ତୃତୀୟ ଲହର ଆସିପାରେ, ୭୦ ପ୍ରତିଶତ ବିଶେଷଜ୍ଞ କହିଥିଲେ ତୃତୀୟ ଲହରକୁ ଅପେକ୍ଷାକୃତ ଭଲଭାବେ ନିୟନ୍ତ୍ରଣ କରାଯାଇପାରିବ, ଟିକାକରଣ କାରଣରୁ ଅପେକ୍ଷାକୃତ ଭଲଭାବେ ନିୟନ୍ତ୍ରଣ କରାଯାଇପାରିବ, ଦୁଇ ତୃତୀୟାଂଶ ଡାକ୍ତର କହିଥିଲେ ଛୋଟ ପିଲାମାନେ ପ୍ରଭାବିତ ହେବାର ଆଶଙ୍କା ରହିଛି, ଛୋଟ ପିଲା ପ୍ରଭାବିତ ହେବାର କାରଣ ସେମାନଙ୍କ ପାଇଁ ଟିକା ଆସିପାରିନାହିଁ, ୪୦ ରୁ ୧୪ ବିଶେଷଜ୍ଞ ଅର୍ଥାତ ପ୍ରାୟ ୩୫ ପ୍ରତିଶତ ବିଶେଷଜ୍ଞ କହିଥିଲେ ଛୋଟ ପିଲାଙ୍କୁ ଆଦୌ ବିପଦ ନାହିଁ, ୬୫ ପ୍ରତିଶତ ବିଶେଷଜ୍ଞ କହିଥିଲେ ଟିକା ନେଇଥିବା ବ୍ୟକ୍ତିଙ୍କୁ ତୃତୀୟ ଲହର ବିପଦ ହେବ ନାହିଁ, ୭୩ ପ୍ରତିଶତ ବିଶେଷଜ୍ଞ କହିଥିଲେ ଆହୁରି ଏକ ବର୍ଷ ଯାଏ କରୋନାର ଭୟ ରହିବ, ଭାରତରେ ଦ୍ୱିତୀୟ ଲହର ମାରାତ୍ମକ ହେବାରୁ ସାରା ବିଶ୍ୱର ବିଶେଷଜ୍ଞମାନେ ଭାରତର ତୃତୀୟ ଲହରକୁ ନେଇ ଅଧ୍ୟୟନ କରୁଛନ୍ତି । ସେମାନଙ୍କ କହିବା ଅନୁସାରେ ଆହୁରି ଏକ ବର୍ଷ ଯାଏ ଆମ ଦେଶରେ କରୋନାର ପ୍ରଭାବ ଜାରି ରହିବ । ତେବେ ଦିଲ୍ଲୀ ଏମ୍ସର ନିର୍ଦ୍ଦେଶକ ଡାକ୍ତର ରଣଦୀପ ଗୁଲେରିଆ କହିଥିଲେ, ଟିକାକରଣ ଆହୁରି ବଢ଼ିବ ଏବଂ ଦ୍ୱିତୀୟ ଲହର କାରଣରୁ ଅନେକଙ୍କ କ୍ଷେତ୍ରରେ ପ୍ରାକୃତିକ ରୋଗ ପ୍ରତିରୋଧ ଶକ୍ତି ବଢ଼ିଥିବ । ତେଣୁ ତୃତୀୟ ଲହରକୁ ଅପେକ୍ଷାକୃତ ଭଲଭାବେ ମୁକାବିଲା କରାଯାଇପାରିବ । ସେହିପରି ନାରାୟଣ ହେଲଥ ଇନଷ୍ଟିଚ୍ୟୁଟର ମୁଖ୍ୟ ଡାକ୍ତର ଦେବୀ ସେଟ୍ଟୀ କହିଥିଲେ, ଯଦି ଛୋଟ ପିଲା ଅନେକ ସଂଖ୍ୟାରେ ଆକ୍ରାନ୍ତ ହୁଅନ୍ତି, ଏବଂ ଆମେ ଏଥିପାଇଁ ପ୍ରସ୍ତୁତ ନଥିବା, ତେବେ ଶେଷ ମୂହୂର୍ତ୍ତରେ କିଛି କରାଯାଇ ପାରିବ ନାହିଁ ।

### ୬ ମାସ ପରେ ଜେଲରୁ ମୁକୁଳିଲେ....

ଏବଂ ଅନେକ ଥାନାରେ ଏକାଧିକ ଠକେଇ ଅଭିଯୋଗ ରହିଥିଲା । ତେବେ ସମସ୍ତ ମାମଲାରେ ବେଲ ମିଳିବା ପରେ ସେ ଜେଲରୁ ମୁକୁଳିଛନ୍ତି । ସୂଚନାଯୋଗ୍ୟ ଯେ, ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ମାମଲାରେ ଅଭୟକାନ୍ତ ପାଠକ ଗିରଫ ହୋଇଥିଲେ । ତାଙ୍କ ପୁଅ ଆକାଶ ପାଠକ ମଧ୍ୟ ଠକେଇ ଅଭିଯୋଗରେ ଗିରଫ ହୋଇଥିଲେ । କ୍ରମେ ଏହି ଠକେଇ ମାମଲାରେ ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀ ମଧ୍ୟ ସମ୍ପୃକ୍ତ ଥିବା କଥା ସାମ୍ନାକୁ ଆସିଥିଲା । ଯେଉଁ କାରଣରୁ ବିଧାୟକ ପ୍ରଦୀପ ପାଣିଗ୍ରାହୀ ମଧ୍ୟ ଗିରଫ ହୋଇ ଜେଲରେ ଥିଲେ । ଗତ କିଛି ଦିନ ତଳେ ସେ ମଧ୍ୟ ଜେଲରୁ ମୁକୁଳିଛନ୍ତି ।

### ପ୍ରାୟ ୨ ବର୍ଷ ହେଲାଣି ବସ୍ତାନୀ ....

କୋରାପୁଟ ଜିଲ୍ଲା ଜୟପୁର ସହରର କିଆବନ୍ଧ ସାହିରେ ରୁହନ୍ତି । ବାସନ୍ତୀର ବାପା ନାହାଁନ୍ତି, ତାଙ୍କ ପଢ଼ା ଦାୟିତ୍ୱ ନେଇଛନ୍ତି ତାଙ୍କ ଜେଜେ-ମା’ । ଏଭଳି ସ୍ଥିତିରେ ମୋବାଇଲ କିଣି ଅନ୍ଲାଇନ୍ କ୍ଲାସ୍ କରିବା ସମ୍ଭବ ହେଉନି । ଯାହା ଫଳରେ ଦୁଇ ବର୍ଷ ହେଲାଣି ଦୁଇ ଭଉଣୀଙ୍କ ପାଠପଢ଼ା ଠପ୍ । ସେହିପରି କଳାହାଣ୍ଡି କୋକସରା ଲଡୁଗାଁ ସ୍କୁଲରେ୧୦ମ କ୍ଲାସ୍ରେ ପଢୁଛନ୍ତି ଅମ୍ବିକା । ଦୁଇ ବର୍ଷ ହେଲା ତାଙ୍କର ବସ୍ତାନୀ ବି ହୋଇନି । କାରଣ, ଅନ୍ଲାଇନ୍ କ୍ଲାସ୍ କରିବା ତାଙ୍କ ପାଖରେ ମୋବାଇଲ କିଣିବାକୁ ଟଙ୍କା ନାହିଁ । ଆଉ ଏସବୁ ଭିତରେ ବିନା ପାଠ ଓ ବିନା ପରୀକ୍ଷାରେ ଫଳାଫଳକୁ ଚାହିଁ ରହିଛନ୍ତି । ଅନ୍ୟପଟେ ନୂଆପଡ଼ାର ସତିଶ ଏବଂ କୁଳଦୀପଙ୍କ କାହାଣୀ ଟିକେ ଭିନ୍ନ । ଘରେ ଗୋଟିଏ ମୋବାଇଲ ଅଛନ୍ତି । ବାପା ନେଇ କାମକୁ ଗଲେ ପାଠ ସରିଲା । ଏହାରି ଭିତରେ ପୁଣି ନେଟଓ୍ୱାର୍କ ସମସ୍ୟା । ଅନ୍ୟପଟେ ଦେବଗଡ଼ରୁ ଆସିଥିବା ଖବର କହୁଛି, ପିଲା ଯେମିତି ଏକ ଲମ୍ବା ଛୁଟିରେ ଅଛନ୍ତି । ଅନଲାଇନ କ୍ଲାସ୍ ହେଉଛି ସତ, ହେଲେ ଏମାନଙ୍କ ପାଖରେ ଅପହଂଚ । ଲକଡାଉନ ଯୋଗୁଁ ଗରିବ ପରିବାରର ଆର୍ଥିକ ଅବସ୍ଥା ଶୋଚନୀୟ ହୋଇପଡିଥିବା ବେଳେ ମୋବାଇଲ କିଣି ପାଠ ପଢ଼ିବା କଷ୍ଟକର ହୋଇପଡ଼ିଛି । ୟୁନେସ୍କୋର ଏକ ତଥ୍ୟ ଅନୁସାରେ ସାରା ବିଶ୍ୱର ଅଧା ଛାତ୍ରଛାତ୍ରୀଙ୍କ ପାଖରେ କମ୍ପ୍ୟୁଟର ନାହିଁ । ବିଶ୍ୱର ପ୍ରାୟ ୭୦ କୋଟି ୬୦ ଲକ୍ଷ ଛାତ୍ରଛାତ୍ରୀଙ୍କ ପାଖରେ ଇଣ୍ଟରନେଟ୍ ନାହିଁ । ୨୦୧୮-୨୦୧୯ ଅର୍ଥନୈତିକ ସର୍ଭେ ରିପୋର୍ଟର ତଥ୍ୟ କହୁଛି, ଓଡ଼ିଶାର ଗ୍ରାମାଂଚଳର ପ୍ରତି ଶହେ ଜଣଙ୍କ ମଧ୍ୟରେ ମାତ୍ର ୧୬ ଜଣଙ୍କ ପାଖରେ ଇଂଟରନେଟ୍ ସବସ୍କ୍ରିପସନ୍ ଅଛି । ଅବଶ୍ୟ ସ୍ମାର୍ଟଫୋନ୍ ଆସିବା ପରେ ଇଣ୍ଟରନେଟ ବ୍ୟବହାରକାରୀଙ୍କ ସଂଖ୍ୟା ବଢ଼ିଛି ।

# ମେଗା ରକ୍ତଦାନ ଶିବିର : ୨୯୫ ୟୁନିଟ୍ ସଂଗୃହୀତ



ଜଳେଶ୍ୱର,୧୮/୦୬ (ନି.ପ୍ର): କରୋନା ସଂକ୍ରମଣ ବେଳେ ଜିଲା ରକ୍ତଭଣ୍ଡାରରେ ରକ୍ତର ଅଭାବ ପରିଲକ୍ଷିତ ହେଉଥିବା ଯୋଗୁଁ ଜୀବନବିନ୍ଦୁ ଓ ମୋ ପରିବାର ଆନୁକୂଲ୍ୟରେ ଆଜି ଶୁକ୍ରବାର ଏକ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ଯାଇଛି। ବାଲେଶ୍ୱର ଜିଲାର ଜଳେଶ୍ୱର ମିଲ କଲୋନୀ ହରିହର ମନ୍ଦିର ନିକଟରେ ଅନୁଷ୍ଠିତ ଏହି ରକ୍ତାଦାନ ଶିବିରକୁ ତହସିଲଦାର ଶଙ୍କର ପଟ୍ଟନାୟକ, ଆଇ.ଆଇ.ସି ପଶୁରାମ ସାହୁ ଓ ସମାଜସେବୀ ରାଧାରାଣୀ ପାତ୍ର ମିଳିତଭାବେ ଉଦ୍‌ଘାଟନ କରିଥିଲେ । ଅତିଥିଭାବେ ବିଧାୟକ ଅଶ୍ୱନୀ ପାତ୍ର ଓ ପୌରପାଳ ଅଜୟ ମହାପାତ୍ର ଯୋଗ ଦେଇ ରକ୍ତଦାନ ଦ୍ୱାରା ଅନ୍ୟର ଜୀବନ ରକ୍ଷା ହୋଇଥାଏ ବୋଲି କହିଥିଲେ । ବିଜୁ ଜନତା ଦଳ, ବିଜୁ ଯୁବଜନତା ଦଳ, ବିଜୁ ଛାତ୍ର ଜନତାଦଳ ଓ ଜଳେଶ୍ୱର ନଗର ପକ୍ଷରୁ ଆୟୋଜିତ ଶିବିରରେ ମୋଟ ୨୯୫ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଯୁବନେତା ପ୍ରତୀପ ପ୍ରଧାନ, ସୁରଜୀତ ଘୋଷ, ଆନନ୍ଦ କର, ସଂଜୀବ ପାଳ, ସୁରଜ ଚୌରାସିଆ, ମଧୁସୂଦନ ସେନାପତି, ବିଜୟ କାମିଲା, ବିଶ୍ୱଭୂଷଣ ଦାସ, ଦୀପୁ ସାମନ୍ତ, ସୁବ୍ରତ ରଣା, ହାସିରଦ୍ଦିନ ବକ୍ସ, ରଣ୍ଟୁ ବ୍ରହ୍ମ, ସତ୍ୟବତୀ ଗିରି, ଲକ୍ଷ୍ମିନାରାୟଣ ଜେନା, ଅମୂଲ୍ୟ ଦତ୍ତ, ଗୋବିନ୍ଦ ସାହୁ, ସୁଶାନ୍ତ ସିଂ, ଉତ୍ତମ ଦାସ, ହରିଶ୍ଚନ୍ଦ୍ର ପ୍ରଧାନ, ସମ୍ଭୁନାଥ ଦାସ, ଅଜୟ ପ୍ରଧାନ, ସୁଶାନ୍ତ ସାହୁ, ବରେନ୍ଦ୍ର ସାମଲ ପ୍ରମୁଖ ସହଯୋଗ କରିଥିଲେ । ଡାକ୍ତର ମହେଶ ବିଶ୍ୱାଳ, ଦେବାଶିଷ ଦତ୍ତ, ବିଜୟ ପଟ୍ଟନାୟକ, ରାଜେଶ ମହାନ୍ତି, ବିନୋଦ ଦାସ ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ ।

## ବିଏସ୍ଏନ୍ଏଲ୍ ପୂର୍ବତନ ଅଧିକାରୀଙ୍କ ବିୟୋଗ



ଭୁବନେଶ୍ୱର,୧୭/୦୬(ନି.ପ୍ର): ବିଏସ୍ଏନ୍ଏଲ୍ର ପୂର୍ବତନ ଅଧିକାରୀ କେଦାରନାଥ ମିଶ୍ରଙ୍କ କରୋନାରେ ପରଲୋକ ହୋଇଯାଇଛି । ସେ ବିଏସ୍ଏନ୍ଏଲ୍ର ଜଣେ ଦକ୍ଷ ଅଧିକାରୀ, ମିଷ୍ଟଭାଷୀ, ପରୋପକାରୀ ବ୍ୟକ୍ତି ଥିଲେ। ଗତ ଜୁନ ୨ ତାରିଖରେ ସେ କରୋନାରେ ଆକ୍ରାନ୍ତ ହୋଇ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ଶ୍ରୀମିଶ୍ରଙ୍କ ମୃତ୍ୟୁରେ ବିଏସ୍ଏନ୍ଏଲ୍ର ସମସ୍ତ ପଦାଧିକାରୀ, ଯନ୍ତ୍ରୀ ତଥା କର୍ମଚାରୀଗଣ ଗଭୀର ଶୋକବ୍ୟକ୍ତ କରିଛନ୍ତି ତଥା ତାଙ୍କର ମୃତ୍ୟୁରେ ସ୍ଥାନୀୟ ବରମୁଣ୍ଡା ଜଗନ୍ନାଥ ବିହାର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ପଶ୍ଚିମବଂଗମାର୍କା ଚୋରାମଦ ସହତ ୬ ଜଣ ଗିରଫ



ଜଳେଶ୍ୱର ୧୮/୬ (ନି.ପ୍ର) : ଅବକାରୀ ଏସ୍‌ପି ସେଖ୍ ଆସିଫ ଅଲ୍ଲିଙ୍କ ନିର୍ଦ୍ଦେଶରେ ଜଳେଶ୍ୱର ଓ ଭୋଗରାଇ ଅବକାରୀ ଥାନା ପକ୍ଷରୁ ବିଭିନ୍ନ ସ୍ଥାନରେ ଚଡାଉ କରି ୩୦ ଲିଟର ପଶ୍ଚିମବଂଗମାର୍କା ଚୋରାମଦ ଜବତ୍ ସହିତ ୬ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି । ରାଇବଣିଆ ଥାନାର ସାଇଁପଦା ଗ୍ରାମର ସାଲବେଗ୍ ମାରାଣ୍ଡି, ରୁହ୍ୟା ମାରାଣ୍ଡି ଏବଂ ଭୋଗରାଇ ଅବକାରୀ ଧାନା ଅଧିନ ନାଚିନ୍ଦାର ଅଶ୍ୱିନୀ ପ୍ରଧାନ, ନହରାର ସୀତାରାମ ବାସ୍କେ, ଜଳଧାର ଜୟକୃଷ୍ଣ ରାଉତ, ରସଲପୁରର ସୁଧିର ବେହେରାଙ୍କୁ ଗିରଫ କରାଯାଇଛି। ଏହି ଚଢାଉରେ ଓଆଇସି ଦେବେନ୍ଦ୍ର ବେହେରା, ଜୟନ୍ତୀ ଆଚାର୍ଯ୍ୟଙ୍କ ସହିତ ରାମଚନ୍ଦ୍ର ମହାନ୍ତି, ଶଶୀଭୂଷଣ ସ୍ୱାଇଁ, ପ୍ରମୁଖ ସାମିଲ ଥିଲେ ।

# ନୂଆପଡ଼ା ଜିଲ୍ଲା ଜିଲ୍ଲା ତରଫରୁ ଓ୍ୱେବନାର ମାଧ୍ୟମରେ ରଜ ଉତ୍ସବର ଚତୁର୍ଥ ଦିବସ ପାଳିତ

ଭୁବନେଶ୍ୱର,୧୮/୦୬ (ନି.ପ୍ର): ଗୁରୁବାର ଦିନ ସଂଧ୍ୟା ୭ ଘଟିକା ସମୟରେ ନିଶିଗନ୍ଧା ଭାଷା ପ୍ରତିଷ୍ଠାନ ଓ ନିଶିଗନ୍ଧା ସାହିତ୍ୟ ସଂସଦ ଖୋର୍ଦ୍ଧା, ଭୁବନେଶ୍ୱର ଆନୁକୂଲ୍ୟରେ ପଶ୍ଚିମ ଓଡ଼ିଶା ନୂଆପଡ଼ା ଜିଲ୍ଲା ତରଫରୁ ଓ୍ୱେବନାର ମାଧ୍ୟମରେ ରଜ ଉତ୍ସବର ୪ର୍ଥ ଦିନ ପବିତ୍ର ବସୁମତୀ ସ୍ନାନ ଉପଲକ୍ଷେ ଆଲୋଚନା ଚକ୍ର ଓ କବିତା କାଠୋତ୍ସବର ଆୟୋଜନ କରାଯାଇଥିଲା । ଏଥିରେ ନିଶିଗନ୍ଧା ଭାଷା ପ୍ରତିଷ୍ଠାନ ଓ ନିଶିଗନ୍ଧା ସାହିତ୍ୟ ସଂସଦର ସଭାପତି ଡଃ ରଜନୀ ରଂଜନଙ୍କ ଅଧ୍ୟକ୍ଷତାରେ ପ୍ରତିଷ୍ଠାତା ସଂପାଦକ ବଳରାମ ତରାଇ, ସଂପାଦିକା ସରସ୍ୱତୀ ନାୟକ, ମେଜର ଡ. ରାମଚନ୍ଦ୍ର ମିଶ୍ର, ଶ୍ରୀ ଇନ୍ଦ୍ରମଣୀ ପାଣିଗ୍ରାହୀ, ନିଶିଗନ୍ଧାର ରାଜ୍ୟ ବିଚାରକ ଶ୍ରୀଯୁକ୍ତ କୈଳାସ ଚନ୍ଦ୍ର ପଟ୍ଟନାୟକ, ରାଜ୍ୟ ସଂଯୋଜକ ଶ୍ରୀ ଯୁଧିଷ୍ଠିର ମୁଦୁଲି, ପର୍ଯ୍ୟବେକ୍ଷକ ଡାକ୍ତର ଦେବୀ ପ୍ରସାଦ ମିଶ୍ର, ଉପଦେଷ୍ଟା ନିରଦ ଜେନା, ଉପଦେଷ୍ଟା କରୁଣାକର ମଲ୍ଲିକ, ପ୍ରମୋଦ ହୋତା, ଅମୀୟ ଦାସ, ବୈଷ୍ଣବ ମେହେର, ଗୌରାଙ୍ଗ କୁମାର ସାହୁ, ସୁନୀଲ କୁମାର ସାହୁ ପ୍ରମୁଖ ରଜର ମହାତ୍ମ୍ୟ ଏବଂ ଗୁରୁତ୍ୱ ସଂପର୍କରେ ଆଲୋଚନା କରିବା ସହ କବିତା ମଧ୍ୟ ପାଠ କରିଥିଲେ । କେବଳ ନୂଆପଡ଼ା ଜିଲ୍ଲା ନୁହେଁ ବରଂ ଓଡିଶାର ବିଭିନ୍ନ କୋଣ ଅନୁକୋଣରୁ କବିମାନେ ଯୋଗଦେଇଥିଲେ । ଉକ୍ତ ଆସରରେ ଚିତ୍ତରଂଜନ ମହାନ୍ତି, କବି ଭୁବନ ମୋହନ ମହାନ୍ତି, ତିଲ ରାଉତ, ଅମୀୟ ଦାସ, ଅଜିତ ପାଢ଼ୀ, ଡ. ରମାକାନ୍ତ ନାୟକ, ଲଳିତ ସୁନାରୀ, ମୀନା ମୁଣ୍ଡି, ମୁରଲୀଧର ଶିଖା, ରଂଜୁ ଅମାତ, ଅନୀଲ ଲେଙ୍କା, ଭରତ ଧରୁଆ, ଭାର୍ଜନ ପ୍ରଧାନ, ଲୋଚନ ମେହେର, ସୁଭାକର ପ୍ରଧାନ, ପ୍ରହାସିନୀ ପାଢ଼ୀ, ସୁଶ୍ରୀ ନିକିତା ମହାଉତି, ଇତ୍ୟାଦି ସ୍ୱରଚିତ କବିତା ପାଠ କରିଥିଲେ । ପ୍ରହାସିନୀ ପାଢ଼ୀଙ୍କ ଓଁକାର ଧ୍ୱନିରୁ ଆରମ୍ଭ ହୋଇଥିଲା ‘ରଜ ମଉଜ’ର ଚତୁର୍ଥ ଦିବସର ମଧୁମୟ ଆସର ପର୍ଯ୍ୟାୟ । ଡ. ଗୀତାଶ୍ରୀ ପ୍ରିୟଂବଦା ଅତିଥି ପରିଚୟ ଏବଂ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମକୁ ଯୁବ କବି ଗାଣ୍ଡିକ ଓ ସାମ୍ବାଦିକ ମାୟାଧର ସରାଫ ପରିଚାଳନା କରିଥିଲେ ।

# ରାଜ୍ୟରେ ଗତ ୨୪ ଘଂଟାରେ କରୋନାରେ ୩୭ ଜଣଙ୍କର ମୃତ୍ୟୁ

ଭୁବନେଶ୍ୱର,୧୮/୦୬ (ନି.ପ୍ର): ରାଜ୍ୟରେ ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ କରୋନାରେ ୩୭ ଜଣ ରୋଗୀଙ୍କର ମୃତ୍ୟୁ ଘଟିଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ଏହା ସହ ରାଜ୍ୟରେ କରୋନା କାରଣରୁ ମୃତ୍ୟୁ ସଂଖ୍ୟା ବଢି ୩୫୦୮ ହୋଇ ଯାଇଛି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ସେହିପରି ଆଜି ଖୋର୍ଦ୍ଧାରୁ ସର୍ବାଧିକ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ଏହି ଜିଲ୍ଲାରୁ ୫ ଜଣ ଆକ୍ରାନ୍ତ ଆଖି ବୁଜିଥିବାବେଳେ କଟକ, ଝାରସୁଗୁଡ଼ା, କଳାହାଣ୍ଡିରୁ ୪ ଲେଖାଏଁ, ବରଗଡ଼, ପୁରୀ, ସୁନ୍ଦରଗଡ଼ରୁ ୩ ଲେଖାଏଁ, ବଲାଙ୍ଗିର, ଦେବଗଡ଼, କେନ୍ଦ୍ରାପଡ଼ା, ରାୟଗଡ଼ାରୁ ୨ ଲେଖାଏଁ ଏବଂ ଗଜପତି, ମୟୂରଭଂଜ, ସମ୍ବଲପୁରରୁ ଜଣେ ଲେଖାଏଁ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଥିବା ନେଇ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।

# ସ୍ୱାସ୍ଥ୍ୟ ବିଭାଗର ବିଭିନ୍ନ ପ୍ରକଳ୍ପ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଭିସି ମାଧ୍ୟମରେ ଭିତ୍ତି ପ୍ରସ୍ତର ସ୍ଥାପନ



ଭଦ୍ରକ,୧୮/୦୬ (ନି.ପ୍ର): ଓଡ଼ିଶାରେ ସ୍ୱାସ୍ଥ୍ୟ ସେବାର ଉନ୍ନତି ନିମନ୍ତେ ବିଭିନ୍ନ ପ୍ରକଳ୍ପର ଭିତ୍ତି ପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ଉପଲକ୍ଷେ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଲିକୁଇଡ ମେଡିକାଲ ଅକ୍ସିଜେନ (୬ କେଏଲ) ସଂରକ୍ଷଣ ଓ ବଣ୍ଟନ ବ୍ୟବସ୍ଥା, ଚାପ ଅବଶୋଷଣ ପ୍ରଣାଳୀରେ ମେଡିକାଲ ଅକ୍ସିଜେନ (୮୩୩ ଏଲପିଏମ)ର ଉତ୍ପାଦନ ଓ ବଣ୍ଟନ ବ୍ୟବସ୍ଥା ସହିତ ଜିଲ୍ଲା ଭଣ୍ଡାରିପୋଖରୀ ସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ନୂତନ ଗୃହ, ଧାମନଗର ବ୍ଲକ ଅନ୍ତର୍ଗତ ସୋହଡା ସ୍ୱାସ୍ଥ୍ୟ ଉପକେନ୍ଦ୍ର, ଚାନ୍ଦବାଲି ବ୍ଲକ ଅନ୍ତର୍ଗତ ଆରଡି ସ୍ଥିତ ଉପକେନ୍ଦ୍ର, ଧୂଷୁରୀ ସ୍ୱାସ୍ଥ୍ୟକେନ୍ଦ୍ରର ପ୍ରସୂତି କକ୍ଷ, ମତୋ ଠାରେ ସ୍ୱାସ୍ଥ୍ୟ ଏବଂ ସୁସ୍ଥତା କେନ୍ଦ୍ର ସଂପ୍ରସାରଣ ଆଦି ୭ଟି ପ୍ରକଳ୍ପର ଭିତ୍ତି ପ୍ରସ୍ତର ସ୍ଥାପନ କରିଛନ୍ତି। ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ଏହି କାର୍ଯ୍ୟକ୍ରମ କରାଯାଇଥିଲା। ଗେଲପୁର ସ୍ଥିତ ନବ ନିର୍ମାଣାଧୀନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପ୍ରାଙ୍ଗଣରେ କୋଭିଡ଼ କଟକଣା ମଧ୍ୟରେ ଅନୁଷ୍ଠିତ ଉତ୍ସବରେ ଏହା ସମ୍ପନ୍ନ ହୋଇଥିଲା। ଏହି ଅବସରରେ ରାଜ୍ୟ ସରକାର ଜିଲ୍ଲା ତଥା ରାଜ୍ୟର ସ୍ୱାସ୍ଥ୍ୟ ସମ୍ପଦକୁ ଅଧିକ ଗୁରୁତ୍ୱ ପ୍ରଦାନ କରିବା ସହିତ ଏଥି ନିମନ୍ତେ ବହୁ ଉନ୍ନୟନ ପଦକ୍ଷେପ ନେଉଥିବା ମୁଖ୍ୟମନ୍ତ୍ରୀ ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ଚାନ୍ଦବାଲି ବିଧାୟକ ଡ. ବ୍ୟୋମକେଶ ରାୟ, ଭଦ୍ରକର ମାନନୀୟା ସାଂସଦ ମଞ୍ଜୁଲତା ମଣ୍ଡଳ, ଭଦ୍ରକର ମାନ୍ୟବର ବିଧାୟକ ସଂଜିବ ମଲ୍ଲିକ, ଧାମନଗରର ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଭଦ୍ରକ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଦ୍ୱିଜବର ରାଉତଙ୍କ ସମେତ ଜିଲ୍ଲାପାଳ ଡ. ଜ୍ଞାନ ଦାସ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ମଧୁସୂଦନ ଦାସ, ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣି ନାୟକ, ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସନ୍ତୋଷ ପାତ୍ର, ଉପଜିଲ୍ଲାପାଳ ପୀତାମ୍ବର ସାମଲଙ୍କ ସମେତ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ଓ କର୍ମଚାରୀ, ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ୧୧ଲକ୍ଷ ଟଙ୍କାର ବ୍ରାଉନ ସୁଗାର ଜବତ

ଭଦ୍ରକ,୧୮/୦୬ (ନି.ପ୍ର): ଭଦ୍ରକ ପୁରୁଣାବଜାର ପୁଲିସ ପାଟ୍ରୋଲିଂ ସମୟରେ ବାଇକ୍ ଯାଂଚବେଳେ ୧୧୦ ଗ୍ରାମ ବ୍ରାଉନ ସୁଗାର ଜବତ କରିବା ସହ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏହି ଥାନା ଅନ୍ତର୍ଗତ ନଙ୍ଗାମହଲା ଗ୍ରାମର ଜାମଲୁଦ୍ଦିନ ଖାଁ ଏବଂ ନିଳକଣ୍ଠପୁର ଗ୍ରାମର ସେକ୍ ରଫିକ ଏକ ବାଇକ୍‌ରେ ଯାଉଥିବା ବେଳେ ପୁଲିସକୁ ଦେଖି ଖସି ପଳାଇବାକୁ ଚେଷ୍ଟା କରୁଥିବା ବେଳେ ପୁଲିସ ଗୋଡାଇ ଗୋଡାଇ ବାଇକ୍‌କୁ କାବୁ କରିଥିଲା। ସେମାନଙ୍କୁ ଯାଂଚ କଲା ପରେ ତାଙ୍କଠାରୁ ୧୧୦ ଗ୍ରାମ ବ୍ରାଉନ ସୁଗାର ମିଳିଥିଲା। ଯାହାର ଆନୁମାନିକ ମୂଲ୍ୟ ୧୧ ଲକ୍ଷ ଟଙ୍କା ହେବ। ଏମାନେ ଚରମ୍ପା ଅଂଚଳର ମୁଖ୍ୟ ବ୍ୟବସାୟୀଠାରୁ ବ୍ରାଉନ ସୁଗାର ଆଣି ଗ୍ରାମା ଳରେ ବିକ୍ରି କରନ୍ତି ବୋଲି ପୁଲିସ ପଚରା ଉଚୁରା କରିବା ସମୟରେ ଜଣା ପଡ଼ିଛି।

# କରୋନା ପ୍ରଭାବିତଙ୍କ ସାମାଜିକ ସୁରକ୍ଷା ଦାବି

## ଅଖିଳ ଭାରତୀୟ ଅଣ ସଂଗଠିତ ଶ୍ରମିକ କଂଗ୍ରେସ ପକ୍ଷରୁ ସ୍ମାରକପତ୍ର




ବାଲେଶ୍ୱର,୧୮/୦୬ (ନି.ପ୍ର): ବିଭିନ୍ନ ଦାବି ନେଇ ଅଖିଳ ଭାରତୀୟ ଅଣସଂଗଠିତ ଶ୍ରମିକ କଂଗ୍ରେସ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଶୁକ୍ରବାର ସ୍ମାରକପତ୍ର ପ୍ରଦାନ କରାଯାଇଛି। ସଂଗଠନର ରାଜ୍ୟ ଉପାଧ୍ୟକ୍ଷା ଜ୍ୟୋତ୍ସ୍ନା ସେନାପତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତଥା ଜିଲା ସଭାପତି ଯୁବନେତା ବିକାଶ ଦାସଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜିଲାପାଳଙ୍କୁ ସାକ୍ଷାତ ସହ ସାମ୍ପ୍ରତିକ କରୋନା କାଳରେ ଅଣ ସଂଗଠିତ ଶ୍ରମିକମାନେ ସାମ୍ନା କରୁଥିବା ବିଭିନ୍ନ ସମସ୍ୟା ଓ ଏହାର ନିରାକରଣ ସମ୍ପର୍କରେ ଆଲୋଚନା କରିଥିଲେ। ବିଶେଷ କରି ଦ୍ୱିତୀୟ ଲହର କରୋନା ଜନିତ ତାଲାବନ୍ଦ ଯୋଗୁଁ ଅଣ ସଂଗଠିତ ଉଠା ଦୋକାନୀ, ବୁଲା ବିକାଳି, ରିକ୍ସାଚାଳକ, ଅଟୋରିକ୍ସା ଚାଳକ, ଘରୋଇ ଶ୍ରମିକ, କୃଷି ଶ୍ରମିକମାନେ ଜୀବିକା ହରାଇ ଦୁର୍ଦ୍ଦିନରେ କାଳ କାଟୁଛନ୍ତି। ଉଠା ଦୋକାନୀ ସମେତ ସମସ୍ତ ଅଣ ସଂଗଠିତ ଶ୍ରମିକଙ୍କୁ ସରକାରୀ ସହାୟତା ପ୍ରଦାନ କରିବା, ସମସ୍ତଙ୍କୁ ପୌରପାଳିକା ଦ୍ୱାରା ପଞ୍ଜୀକରଣ କରିବା, ଅଣ ସଂଗଠିତ ପଥ ବିକ୍ରେତା ଆଇନ -୨୦୧୪ଅନୁସାରେ ଟାଉନ ଭେଣ୍ଡିଂ କମିଟି ଗଠନ କରିବା, ଯୋଗ୍ୟ ହିତାଧିକାରୀଙ୍କୁ ୨୦ ହଜାର ଟଙ୍କାର ଋଣ ଯୋଗାଇ ଦେବା, ଉଠାଦୋକାନୀଙ୍କୁ ଅଣସଂଗଠିତ ଶ୍ରମିକ ପରିଚୟପତ୍ର ପ୍ରଦାନ ସହ ସମସ୍ତ ପ୍ରକାର ସରକାରୀ ସହାୟତା ପ୍ରଦାନ କରିବା, ଗ୍ରାମାଞ୍ଚଳର ହାଟ ବଜାରରେ ଉଠା ଦୋକାନୀ ଓ ବୁଲା ବିକାଳିଙ୍କୁ ଏଥିରେ ସାମିଲ କରିବା ପାଇଁ ସଂଗଠନ ପକ୍ଷରୁ ଦାବି ହୋଇଛି। ଏନେଇ ତୁରନ୍ତ ପଦକ୍ଷେପ ନେବାକୁ ସଂଗଠନର କର୍ମକର୍ତ୍ତାମାନେ ଦାବି ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୬ଦଫା ଦାବି ସମ୍ବଳିତ ଏକ ସ୍ମାରକପତ୍ର ବାଲେଶ୍ୱର ଜିଲାପାଳଙ୍କୁ ପ୍ରଦାନ କରିଥିଲେ। ସ୍ମାରପତ୍ର ପ୍ରଦାନ ବେଳେ ସୁଶାନ୍ତ କୁମାର ସାହୁ, ଘନଶ୍ୟାମ ବେହେରା, ଜୀବନକୃଷ୍ଣ ବାରିକ, ରମେଶ ଚନ୍ଦ୍ର ଦାସ, ମନୋରଂଜନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

ଧ୍ୱନି ପ୍ରତିଧ୍ୱନି



# ରାଜ୍ୟ/କେନ୍ଦ୍ରଶାସିତ ଅଂଚଳଗୁଡିକୁ ଦିଆଯାଇଛି ୨୭.୯୦ କୋଟି ଡୋଜରୁ ଅଧିକ ଟିକା

ନୂଆଦିଲ୍ଲୀ,୧୮/୦୬ (ନି.ପ୍ର): ଦେଶବ୍ୟାପୀ ଟିକାକରଣ ଅଭିଯାନର ଏକ ଅଂଶସ୍ୱରୂପ ଭାରତ ସରକାର ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳଗୁଡିକୁ ସହାୟତା ରୂପେ ମାଗଣାରେ କୋଭିଡ ଟିକା ଯୋଗାଇ ଦେଉଛନ୍ତି । ଏଥିସହ ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳଗୁଡିକ ଯେପରି ସିଧାସଳଖ ଟିକା କ୍ରୟ କରିପାରିବେ ସେନେଇ ମଧ ଭାରତ ସରକାର ସୁବିଧା କରାଇଛନ୍ତି । ଟିକାକରଣ, ପରୀକ୍ଷଣ, ଚିହ୍ନଟ, ଚିକିତ୍ସା ଓ କୋଭିଡ ନିୟମାବଳୀ ପାଳନ ମହାମାରୀ ନିୟନ୍ତ୍ରଣ ଓ ପରିଚାଳନା ପାଇଁ ଭାରତ ସରକାରଙ୍କ ବିସ୍ତୃତ ରଣନୀତିର ଅଂଶବିଶେଷ । କୋଭିଡ-୧୯ ଟିକାକରଣର ଉଦାର ଓ ତ୍ୱରିତ ପର୍ଯ୍ୟାୟ-୩ ମେ ୦୧, ୨୦୨୧ରୁ ଆରମ୍ଭ ହୋଇଛି । ଏହି ରଣନୀତି ଅନୁଯାୟୀ, ଭାରତ ସରକାର ପ୍ରତ୍ୟେକ ମାସରେ କେନ୍ଦ୍ରୀୟ ଔଷଧ ଗବେଷଣାଗାର (ସିଡିଏଲ) ମଞ୍ଜୁରି ପ୍ରାପ୍ତ ଯେକୌଣସି ନିର୍ମାତାଙ୍କ ଦ୍ୱାରା ପ୍ରସ୍ତୁତ ଟିକାର ୫୦% କ୍ରୟ କରିବେ । ଭାରତ ସରକାର ପୂର୍ବଭଳି ଏହି ଟିକାର ଡୋଜ ଗୁଡ଼ିକୁ ବିନା ମୂଲ୍ୟରେ ରାଜ୍ୟ ସରକାରମାନଙ୍କୁ ଯୋଗାଇ ଦେବେ । ବର୍ତ୍ତମାନ ସୁଦ୍ଧା ଭାରତ ସରକାର ରାଜ୍ୟ/କେନ୍ଦ୍ରଶାସିତ ଅଂଚଳଗୁଡିକୁ ଉଭୟ ବିନା ମୂଲ୍ୟରେ ଏବଂ ରାଜ୍ୟମାନଙ୍କ ଦ୍ୱାରା ପ୍ରତ୍ୟକ୍ଷ କ୍ରୟ ପ୍ରକ୍ରିୟାରେ ୨୭.୯୦ କୋଟି ଡୋଜରୁ ଅଧିକ (୨୭,୯୦,୬୬,୨୩୦) ଟିକା ଉପଲବ୍ଧ କରାଇଛନ୍ତି । ଏଥିମଧ୍ୟରୁ ନଷ୍ଟ ହୋଇଥିବା ଡୋଜକୁ ମିଶାଇ ମୋଟ ୨୫,୩୨,୬୫,୮୨୫ ଡୋଜ ଟିକା (ଆଜି ସକାଳ ୮ଟା ସୁଦ୍ଧା ମିଳିଥିବା ତଥ୍ୟ ଅନୁଯାୟୀ) ବିନିଯୋଗ ହୋଇଛି । ଏବେ ରାଜ୍ୟ/କେନ୍ଦ୍ରଶାସିତ ଅଂଚଳମାନଙ୍କ ନିକଟରେ ୨.୫୮ କୋଟି (୨,୫୮,୦୦,୪୦୫) ଡୋଜରୁ ଅଧିକ କୋଭିଡ ଟିକା ବିନିଯୋଗ ହେବା ପାଇଁ ଉପଲବ୍ଧ ରହିଛି । ଏହା ବ୍ୟତୀତ, ବର୍ତମାନ ୧୯,୯୫,୭୭୦ରୁ ଅଧିକ ଡୋଜ ଟିକା ପାଇପଲାଇନରେ ଅଛି ଏବଂ ଆସନ୍ତା ୩ ଦିନ ମଧ୍ୟରେ ରାଜ୍ୟ/କେନ୍ଦ୍ରଶାସିତ ଅଂଚଳଗୁଡିକ ଏହାକୁ ଗ୍ରହଣ କରିବେ ।

# ବାଲେଶ୍ୱର ଜିଲ୍ଲାର ପ୍ରତ୍ୟେକ ବିଦ୍ୟାଳୟରେ ସବୁଜ ବଳୟ ସୃଷ୍ଟି ହେବ






ବାଲେଶ୍ୱର,୧୮/୦୬(ନି.ପ୍ର): ବାଲେଶ୍ୱର ଜିଲ୍ଲାର ସମସ୍ତ ପ୍ରାଥମିକ, ଉଚ୍ଚପ୍ରାଥମିକ ଓ ମାଧ୍ୟମିକ ବିଦ୍ୟାଳୟ ପରିସରରେ ବ୍ୟାପକ ବୃକ୍ଷରୋପଣ କରାଯାଇ ସବୁଜ ବଳୟ ସୃଷ୍ଟି କରାଯିବ । ରାଜ୍ୟ ଗଣଶିକ୍ଷା ବିଭାଗ ପକ୍ଷରୁ ଏଥିପାଇଁ ସ୍ୱତନ୍ତ୍ର ନୀତି ପ୍ରଣୟନ କରାଯିବା ସହିତ ଆର୍ଥିକ ଅନୁଦାନ ମଧ ମଂଜୁର କରାଯାଇଛି ବୋଲି ଜିଲ୍ଲା ଶିକ୍ଷା ଅଧିକାରୀ ରଂଜନ କୁମାର ଗିରି କହିଛନ୍ତି । ଚଳିତ ୨୦୨୧-୨୨ ଶିକ୍ଷା ବର୍ଷ ପ୍ରାରମ୍ଭରେ ଆଜି ରେମୁଣା ବ୍ଲକର ଗଙ୍ଗାଧର ପ୍ରସାଦ ଉଚ୍ଚ ବିଦ୍ୟାଳୟ ପରିସରରେ ଫଳ ଚାରାରୋପଣ କରି ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀ ଗିରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଜୁନ ୨୧ ତାରିଖ ଠାରୁ ଅନଲାଇନ ଶିକ୍ଷାଦାନ ପ୍ରକ୍ରିୟା ଆରମ୍ଭ ହେବ । ସେଥିପାଇଁ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ପରିଚାଳନା କମିଟି ସଦସ୍ୟ, ପୁରାତନ ଛାତ୍ରଛାତ୍ରୀ, ଅଭିଭାବକମାନେ ଏଥିରେ ସହଯୋଗ କରିବାକୁ ସେ ଅନୁରୋଧ କରିଥିଲେ । ମୋ ସ୍କୁଲ ଅଭିଯାନର ଜିଲ୍ଲା ସଂଯୋଜକ ଡଃ. ସନ୍ଦୀପ ଖଟୁଆ ତାଙ୍କ ବକ୍ତବ୍ୟରେ କ୍ରମାଗତ ଭାବରେ ଷଷ୍ଠଥର ପାଇଁ ବାଲେଶ୍ୱର ଜିଲ୍ଲା ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଥିବାରୁ ଜିଲ୍ଲା ପ୍ରଶାସନ, ଜିଲ୍ଲା ଶିକ୍ଷାଧିକାରୀଙ୍କ ସମେତ ପୁରାତନ ଛାତ୍ରଛାତ୍ରୀ ଓ ଜନସାଧାରଣଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ । ଜିଲ୍ଲାର ସମସ୍ତ ବିଦ୍ୟାଳୟ ଏହି କାର୍ଯ୍ୟକ୍ରମରେ ସାମିଲ ହେବା ସହିତ ଧାରାବାହିକତା ବଜାୟ ରଖିବାର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ । କେବଳ ଭିତ୍ତିଭୂମିର ବିକାଶ ନୁହେଁ, ଶିକ୍ଷାଦାନ, ଅଧ୍ୟୟନ, ଖେଳକୁଦ, ସାଂସ୍କୃତିକ କାର୍ଯ୍ୟକ୍ରମ, ବୌଦ୍ଧିକ ବିକାଶ ପ୍ରତି ଶିକ୍ଷକ, ଶିକ୍ଷୟିତ୍ରୀମାନେ ଦୃଷ୍ଟି ଦେବା ପାଇଁ ଉପସ୍ଥିତ ଅତିଥିମାନେ ପରାମର୍ଶ ଦେଇଥିଲେ । ୫ଟି କାର୍ଯ୍ରକ୍ରମରେ ଜିଲ୍ଲାର ପ୍ରତ୍ୟେକ ବ୍ଲକରୁ ୩ଟି ଲେଖାଏଁ ହାଇସ୍କୁଲକୁ ଅନ୍ତର୍ଭୁକ୍ତ କରାଯିବ । ପୂର୍ବରୁ ୨୪ଟି ହାଇସ୍କୁଲକୁ ଏଥିରେ ଅର୍ନ୍ତଭୁକ୍ତ କରାଯାଇ ପ୍ରତ୍ୟେକ ସ୍କୁଲରେ ସ୍ମାର୍ଟ କ୍ଲାସ ରୁମ ନିର୍ମାଣ ପାଇଁ ୪୫ଲକ୍ଷ ଟଙ୍କା ଲେଖାଏଁ ଅନୁଦାନ ମଂଜୁର କରାଯାଇଛି । ଛାତ୍ରଛାତ୍ରୀମାନଙ୍କୁ ସବୁଜ ସୁନ୍ଦର ପରିବେଶ ମନସ୍କ କରିବା ପାଇଁ ଆରମ୍ଭ ହୋଇଥିବା ବୃକ୍ଷରୋପଣ କାର୍ଯ୍ୟକ୍ରମକୁ ବ୍ୟାପକ ପ୍ରଚାର ପ୍ରସାର ପାଇଁ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀ ଗିରି ଆହ୍ୱାନ ଜଣାଇଛନ୍ତି । ରେମୁଣା ବ୍ଲକ ଶିକ୍ଷାଧିକାରୀ କାଳନ୍ଦୀ ସୋରେନଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଧରଣୀଧର ପାତ୍ର, ପବିତ୍ର ମୋହନ ବାରିକ, ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନାରାଣୀ ସାହୁ, ନୂଆଗାଁ ସରପଞ୍ଚ ପ୍ରଭାତ ବାରିକ, ପୁରତାନ ଛାତ୍ର ସଂଘର ସଭାପତି ପ୍ରଶାନ୍ତ କୁମାର ମହାନ୍ତି, ସିଆରସି ମନୋରଂଜନ ଦାସ, ସାମ୍ବାଦିକ ରବି ରାଉତ ପ୍ରମୁଖ ଉଦ୍‌ବୋଧନ ଦେଇ ମୋ ସ୍କୁଲ ଅଭିଯାନ, ବୃକ୍ଷରୋପଣ, ସ୍ମାର୍ଟ କ୍ଲାସ ରୁମ ନିର୍ମାଣ ସହିତ ଶିକ୍ଷାଦାନର ବିକାଶ ପ୍ରତି ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ ସ୍ୱତନ୍ତ୍ର ଦୃଷ୍ଟି ଦେଇଥିବାରୁ ଭୂୟସୀ ପ୍ରଶଂସା କରିଥିଲେ । ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା ଓ ଜିଲ୍ଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ରେମୁଣା ବ୍ଲକର ଭୂଇଁପଡ଼ା ଓ ଗଣେଶ୍ୱରପୁର ପ୍ରାଥମିକ ବିଦ୍ୟାଳୟକୁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟସ୍ତରକୁ ଉନ୍ନୀତ କରାଯାଇ ଷଷ୍ଠ, ସପ୍ତମ, ଅଷ୍ଟମ ଶ୍ରେଣୀ ଖୋଲାଯିବା ପାଇଁ ପଦକ୍ଷେପ ନେଇଥିବାରୁ ଅତିଥିମାନେ ଗଭୀର କୃତଜ୍ଞତା ଜ୍ଞାପନ କରିଥିଲେ । ଚଳିତ ୨୦୨୧-୨୨ ଶିକ୍ଷାବର୍ଷରୁ ଉଭୟ ବିଦ୍ୟାଳୟରେ ଷଷ୍ଠ ଶ୍ରେଣୀରେ ନାମ ଲେଖା ଯିବା ପାଇଁ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀ ଗିରି ନିର୍ଦ୍ଦେଶ ଦେଇଛନ୍ତି । ଗଙ୍ଗାଧର ପ୍ରସାଦ ଉଚ୍ଚ ବିଦ୍ୟାଳୟ ସହିତ ଭୂଇଁପଡ଼ା ପ୍ରାଥମିକ ବିଦ୍ୟାଳୟର ମିଶ୍ରଣ ପାଇଁ ପଦକ୍ଷେପ ନିଆଯିବ ବୋଲି ସେ ପ୍ରତିଶୃତି ଦେଇଥିଲେ । ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର ବରିଷ୍ଠ କର୍ମଚାରୀ ପ୍ରଦୀପ ଦାଶ, ରଂଜନ ପତିଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ରେମୁଣା ବ୍ଲକର ବିଭିନ୍ନ କ୍ଲଷ୍ଟରର ୧୭ଜଣ ସି.ଆର.ସି. , ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ, ଶିକ୍ଷାକର୍ମୀ, ପରିଚାଳନା କମିଟିର ସଦସ୍ୟ, ଅଭିଭାବକ ସମେତ ସମାଜସେବୀ ବଂଶୀଧର ଦାସ ମହାରାଜ, ଲକ୍ଷ୍ମୀଧର ମଲିକ, କାର୍ତ୍ତିକ ମହାନ୍ତି, ରାମଚନ୍ଦ୍ର ଦାସ, ପୂର୍ବତନ ସମିତି ସଭ୍ୟ ଦୟାନିଧି ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ । ବିଦ୍ୟାଳୟର ଚତୁର୍ଥ ଶ୍ରେଣୀ କର୍ମଚାରୀ ଚିତ୍ତରଂଜନ ମହାନ୍ତିଙ୍କର ନିଷ୍ଠାପର ଉଦ୍ୟମ ଓ ନିରବଚ୍ଛିନ୍ନ ପ୍ରୟାସ ପାଇଁ ଏହି ବିଦ୍ୟାଳୟର କଳେବର ଓ ପରିବେଶର ନୂତନ ରୂପରେଖ ସମ୍ଭବପର ହୋଇଥିବାରୁ କାର୍ଯ୍ୟକ୍ରମ ଅବସରରେ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# ଜିଲ୍ଲାପାଳଙ୍କୁ ସାକ୍ଷାତ କଲେ ଜମି ହରାଉଥିବା ପରିବାର

ବାଲେଶ୍ୱର,୧୮/୦୬ (ନି.ପ୍ର): ସୁବର୍ଣ୍ଣରେଖା ବନ୍ଦର ପାଇଁ ଜମି ହରାଉଥିବା ପରିବାରଙ୍କୁ ଉଚିତ କ୍ଷତିପୂରଣ ସହିତ ଅନ୍ୟାନ୍ୟ ସହାୟତା ପ୍ରଦାନ ଦାବିରେ ହଦମୌଦ ଗ୍ରାମର ଚାଷୀମାନେ ଜିଲାପାଳଙ୍କଠାର ଶୁକ୍ରବାର ଆପତ୍ତି ଜଣାଇଛନ୍ତି । ସେମାନଙ୍କ ଅଭିଯୋଗ ଅନୁସାରେ ଅମର୍ଦ୍ଦାରୋଡ଼ଠାରୁ ସୁବର୍ଣ୍ଣରେଖା ବନ୍ଦର ପର୍ଯ୍ୟନ୍ତ ରେଳ ସଂଯୋଗ ପାଇଁ ଏବେ ଜମି ଅଧିଗ୍ରହଣ ହେଉଛି । ତେବେ କେତେକ ଚାଷୀଙ୍କର ଗୋଟିଏ ଗୋଟିଏ ପ୍ଲଟର ୯୦ ପ୍ରତିଶତ ଜମି ନେଇ ମାତ୍ର ୧୦ ପ୍ରତିଶତ ଜମିକୁ ବାଦ ଦେବା ଫଳରେ ତାହା କୌଣସି କାର୍ଯ୍ୟରେ ଆସିବ ନାହିଁ । ଅତଏବେ ସେହି ବାକିଆ ଜମିକୁ ବି ଅଧିଗ୍ରହଣ କରିବା ସାଙ୍ଗକୁ ସ୍ଥାନୀୟ ବଜାର ଦର ଅନୁସାରେ ଜମି ମୂଲ୍ୟ ବୃଦ୍ଧି କରିବା, ଜମି ହରାଉଥିବା ପ୍ରତ୍ୟେକ ପରିବାରର ଜଣକୁ ଚାକିରି ପ୍ରଦାନ କରିବା ପାଇଁ ଗ୍ରାମବାସୀମାନେ ଦାବି କରିଛନ୍ତି । ଆସନ୍ତା ୭ ଦିନ ମଧ୍ୟରେ ଏହି ଦାବି ସମ୍ପର୍କରେ ଉଚିତ ପଦକ୍ଷେପ ଗ୍ରହଣ କରାନଗଲେ ସେମାନେ ଆଗାମୀ ଦିନରେ ବସ୍ତା ତହସିଲ ସମ୍ମୁଖରେ ଅନଶନ କରିବେ ବୋଲି ଗ୍ରାମବାସୀମାନେ ଚେତାବନୀ ଦେଇଛନ୍ତି । ଏହି ଅବସରରେ ସେମାନେ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରିଥିଲେ । ଦାବିପତ୍ର ପ୍ରଦାନ ବେଳେ କୃତ୍ତିବାସ ଭଦ୍ର, ପୁରୁଷୋତ୍ତମ ଦତ୍ତ, ବିଶ୍ୱନାଥ ସାହୁ, ନିମାଇ ଚରଣ ସାହୁ, ରଘୁନାଥ ଦତ୍ତ ପ୍ରମୁଖ ଉପସ୍ଥିତ ଥିଲେ ।

# ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା କୋଭିଡ ଯୋଦ୍ଧାଙ୍କ ପ୍ରଶିକ୍ଷଣ ଶିବିର ଉଦଘାଟିତ



ବାଲିଆପାଳ,୧୮/୦୬ (ନି.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ଏକ ଭର୍ଚୁଆଲ ମିଟିଂ ଜରିଆରେ କୋଭିଡ ଯୋଦ୍ଧାଙ୍କ ପ୍ରଶିକ୍ଷଣ ଶିବିର ଉଦଘାଟନ କରିଛନ୍ତି । ବାଲିଆପାଳ ବ୍ଲକ ଜାମକୁଣ୍ଡା ଛକ ନିକଟରେ କୌଶଳ ବିକାଶ ଯୋଜନା ଏବଂ ଇନଫେଂଷ୍ଟ ଲାର୍ଣ୍ଣ ଏଣ୍ଡ ଉଆର୍କ୍ସ ଇଣ୍ଡିଆ ସହାୟତାରେ ଆଗ ଧାଡିର କରୋନା ଯୋଦ୍ଧାଙ୍କ ପାଇଁ ଏକ ପ୍ରଶିକ୍ଷଣ ଓ ତାଲିମ ଶିବିର ଉଦଘାଟନ କରିଛନ୍ତି । ସାରା ଦେଶରେ ମୋଟ ୧୧୧ଟି ତାଲିମ ଶିବିର ତଥା ଓଡିଶାରେ ୨ଟି ତାଲିମ ଶିବିର ମଧ୍ୟରୁ ବାଲିଆପାଳ ଅନ୍ୟତମ । ଏଠାରେ ଚିକିତ୍ସା ସମ୍ବନ୍ଧୀୟ ପ୍ରାଥମିକ ତାଲିମ ଓ ସାମାୟିକ ଧାରଣା ନେଇ ଆଗ ଧାଡିର କରୋନା ଯୋଦ୍ଧା ଭାବେ ବେସରକାରୀ ଭାବେ କାର୍ଯ୍ୟ କରିପାରିବେ । ଏହି କାର୍ଯ୍ୟକ୍ରମରେ ଅତିଥିଭାବେ ବାଲିଆପାଳ ତହସିଲଦାର ଦୀପକ କୁମାର ଦାଶ ,ଜିଲା ନିଯୁକ୍ତି ଅଧିକାରୀ ନିମାଇଁ ମହାନ୍ତି,ଜିଲା ଶିଳ୍ପ ତାଲିମ କେନ୍ଦ୍ରର ତାଲିମ ଅଧିକାରୀ ଅଦ୍ୱୈତ କୁମାର ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ । ଏହି ତାଲିମ ପ୍ରଶିକ୍ଷଣ ଶିବିରରେ ୧୮ରୁ ୩୫ ବର୍ଷ ଇଚ୍ଛୁକ ମହିଳା ଓ ପୁରୁଷ ନାମ ପଞ୍ଜୀକରଣ କରାଇ ଏହାର ସୁଯୋଗ ନେବାକୁ ମାନ୍ୟବର ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଥିଲେ । ଶେଷରେ ଶଶାଙ୍କ ଶେଖର ଦାସ ଧନ୍ୟବାଦ ଦେଇଥିଲେ ।

# ତପୁ ମିଶ୍ରଙ୍କ ପାଇଁ ୧ ଲକ୍ଷ ଟଙ୍କାର ସହାୟତା ଘୋଷଣା କଲା ସଂସ୍କୃତି ବିଭାଗ

ଭୁବନେଶ୍ୱର,୧୮/୦୬ (ନି.ପ୍ର): ଲୋକପ୍ରିୟ କଣ୍ଠଶିଳ୍ପୀ ତପୁ ମିଶ୍ରଙ୍କୁ ରାଜ୍ୟ ସଂସ୍କୃତି ବିଭାଗ ପକ୍ଷରୁ ୧ ଲକ୍ଷ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ତପୁଙ୍କ ଚିକିତ୍ସା ନେଇ ରାଜ୍ୟ କଳାକାର ୱେଲଫେୟାର ଫଣ୍ଡ ପକ୍ଷରୁ ଏହି ସହାୟତା ଯୋଗାଇ ଦିଆଯାଇଛି । ଉଲ୍ଲେଖନୀୟ କରୋନାରୁ ସୁସ୍ଥ ପରେ ଏବେ ଫୁସଫୁସ ସଂକ୍ରମିତ ହୋଇ ତପୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି । ମାତ୍ର ତାଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ରହିଛି । ତପୁଙ୍କ ଚିକିତ୍ସା ପାଇଁ ଆର୍ଥିକ ସହାୟତା ଦେବାକୁ ପରିବାର ଲୋକ ଅନୁରୋଧ କରିଛନ୍ତି । ଅସୁସ୍ଥତା ଖବର ଶୁଣି ଶୁଭେଚ୍ଛୁ ମାନେ ତପୁ ମିଶ୍ରଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି ।

# ସହରାଞ୍ଚଳରେ ଉଠାଦୋକାନୀଙ୍କୁ ସହାୟତାଲାଗି ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର



ଜଳେଶ୍ୱର ୧୮/୬ (ନି.ପ୍ର) : ସହରାଞ୍ଚଳର ସମସ୍ତ ଉଠାଦୋକାନୀ, ବୁଲାବିକାଳୀଙ୍କୁ ପୌରସଂସ୍ଥା ପକ୍ଷରୁ ପଂଜିକରଣ କରିବା, ୨୦୧୪ ଅଣସଂଗଠିତ ଆଇନ୍‌କୁ ପୌରସଂସ୍ଥା ଦ୍ୱାରା କାର୍ଯ୍ୟକାରୀ କରି ଟିଭିସି ଗଠନ କରାଯିବା, ଭେଣ୍ଡି ଜୋନ୍ ସ୍ଥାପନ ଦୋକାନୀ ମାନଙ୍କୁ କରାଯାଇ ଥଇଥାନ କରାଯିବା, ଉଠାଦୋକାନୀ ମାନଙ୍କୁ ୨୦ହଜାର ଋଣ ପ୍ରଦାନ କରାଯିବା, ଅଣସଂଗଠିତ ଶ୍ରମିକ କାର୍ଡ ପ୍ରଦାନ କରାଯିବା ସହିତ ଶିକ୍ଷା, ସ୍ୱାସ୍ଥ୍ୟ, ବିବାହ ସହାୟତା ପ୍ରଦାନ କରାଯିବା ଏବଂ ଗ୍ରାମାଞ୍ଚଳରେ ବିଭିନ୍ନ ହାଟ, ବଜାରରେ ଥିବା ଉଠାଦୋକାନୀଙ୍କୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯିବାକୁ ଅଣସଂଗଠିତ ଶ୍ରମିକ କଂଗ୍ରେସ ପକ୍ଷରୁ ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଆଜି ସଂଗଠନର ଚେୟାରମେନ୍ ବିକାଶ କୁମାର ଦାସ ବିଡିଓ ଦିପ୍ତିରଂଜନ ସେଠୀଙ୍କୁ ଏହି ଦାବିପତ୍ର ପ୍ରଦାନ କରିଛନ୍ତି ।

# ଆର୍ନ୍ତଜାତୀୟ ଯୋଗ ଦିବସରେ ଶିବାନନ୍ଦ ଯୋଗ ବେଦାନ୍ତ ଏକାଡ଼େମୀର ପ୍ରସ୍ତୁତି

ଭୁବନେଶ୍ୱର,୧୮/୦୬ (ନି.ପ୍ର): ଜୁନ୍ ୨୧ ତାରିଖରେ ଆର୍ନ୍ତଜାତୀୟ ଯୋଗ ଦିବସ ଅବସରରେ ଭୁବନେଶ୍ୱରସ୍ଥିତ ଶିବାନନ୍ଦ ଯୋଗ ବେଦାନ୍ତ ଏକାଡ଼େମୀ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି । ଚଳିତବର୍ଷର ଥିମ୍ ରହିଛି ବି ଉଇଥ୍ ଯୋଗ, ବି ଆଟ ହୋମ୍ । ଏକାଡ଼େମୀ ତରଫରୁ ନିଃଶୁଳ୍କ ଯୋଗ ଶିକ୍ଷା କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି । ଅଭିଜ୍ଞ ଯୋଗ ପ୍ରଶିକ୍ଷକମାନଙ୍କ ଦ୍ୱାରା ଏହି ପ୍ରଶିକ୍ଷଣ ଅନ୍‌ଲାଇନ୍ ମାଧମରେ ଦିଆଯିବ । ୨୧ ତାରିଖ ସକାଳ ୭.୩୦ ମିନିଟ୍‌ରୁ ୮.୩୦ ମିନିଟ୍ ପର୍ଯ୍ୟନ୍ତ ପ୍ରଶିକ୍ଷଣ କାର୍ଯ୍ୟ ଚାଲୁରହିବ । ଏତଦ୍‌ସହ ଅପରାହ୍ନ ୪ଟାରୁ ଅପରାହ୍ନ ୫.୩୦ ମିନିଟ୍ ପର୍ଯ୍ୟନ୍ତ ଯୋଗ ବିଜ୍ଞାନୀ ମାନଙ୍କୁ ନେଇ ଏକ ୱେବିନାରର ମଧ ଆୟୋଜନ କରାଯାଇଛି ।

# ନାବାଳିକା ଅପହରଣ ଅଭିଯୋଗ

ବାଲିଆପାଳ,୧୮/୦୬ (ନି.ପ୍ର): ବାଲିଆପାଳ ଥାନା ଅନ୍ତି ଗ୍ରାମର ଜନୈକ ନାବାଳିକାକୁ ଅପହରଣ କରିନେଇଥିବା ନେଇ ନାବାଳିକାର ବାପା ବାଲିଆପାଳ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ବଡ଼ାପାଳ ଗ୍ରାମର ଗଗନ କୁମାର ଜେନାଙ୍କ ପୁଅ ଅଶୋକ ଜେନା ଏହି ନାବାଳିକାକୁ ଅପହରଣ କରିନେଇଥିବା ନେଇ ନାବାଳିକାର ବାପା ସନ୍ଦେହ ପ୍ରକଟ କରି ଅଶୋକଙ୍କ ଘରକୁ ଯାଇ ପଚାରୁଉଚୁରା କରିଥିଲେ ମଧ ଅଶୋକ ପରିବାର ଲୋକେ ତାଙ୍କୁ ଅଶୀଳ ଭାଷାରେ ଗାଳିଗୁଲଜ କରିବା ସହ ଠେଙ୍ଗା ଦାଉଲି ଧରି ମାରିବାକୁ ଗୁଡାଇଥିଲେ । କିଛି ଉପାୟ ନ ପାଇ ନିଜ ଝିଅକୁ ଉଦ୍ଧାର କରି ଦୋଷୀ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ପୋଲିସ ଘଟଣାର ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି କହିଛି ।

# ମେ ଆଇ ହେଲ୍ପ ୟୁ, ମୋ ପରିବାର ପକ୍ଷରୁ ଗୋଟିଏ ବୃକ୍ଷ, ଗୋଟିଏ ଜୀବନ କାର୍ଯ୍ୟକ୍ରମ ଶୁଭାରମ୍ଭ



ଜଳେଶ୍ୱର ୧୮/୬ (ନି.ପ୍ର) : କରୋନା ସଂକ୍ରମଣ ସମୟରେ ଅକ୍ସିଜେନ୍‌ର ଅଭାବ ତଥା ପରିବେଶକୁ ନିର୍ମଳ ରଖିବାଲାଗି ହେଲ୍ପ ଫର ଫାଉଣ୍ଡେସନ, ମୋ ପରିବାର ପକ୍ଷରୁ ବାର୍ଷିକ ଉତ୍ସବ ଉପଲକ୍ଷେ ଆଜି ଶୁକ୍ରବାର ଲୋକମାନଙ୍କୁ ଚାରାବୃକ୍ଷ ବଣ୍ଟନ କରାଯାଇଛି । ଠିକ୍ ବର୍ଷକ ତଳେ ଲୋକମାନଙ୍କୁ ବିଭିନ୍ନ ସମୟରେ ସାହାଯ୍ୟର ହାତ ବଢାଇଥିବା ବାଲେଶ୍ୱର ଜିଲାର ଜଳେଶ୍ୱରର ସାମାଜିକ ସଂଗଠନ ମେ ଆଇ ହେଲ୍ପ ୟୁ, ମୋ ପରିବାର ପକ୍ଷରୁ ୩୬୫ ଚାରାବୃକ୍ଷ ଲୋକମାନଙ୍କୁ ବଣ୍ଟନ କରି ନିଆରା ଢଙ୍ଗରେ ବାର୍ଷିକ ଉତ୍ସବ ପାଳନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଜଳେଶ୍ୱର ଆଇଆଇସି ପର୍ଶୁରାମ ସାହୁ ଶୁଭାରମ୍ଭ କରିଥିବା ବେଳେ ମନୋରଂଜନ ପ୍ରଧାନ, ନରହରୀ ବେହେରା, ସାନ୍ତନୁ ସେନାପତି, ଚନ୍ଦନ ଦାସ, କମଳ ଚକ୍ରବର୍ତ୍ତୀ, ମଧୁସୂଦନ ଦତ୍ତଙ୍କ ସହିତ ସଂଗଠନର ମୁଖ୍ୟ ଜଗନ୍ନାଥ ପରିଡା, ଦେବବ୍ରତ ପଣ୍ଡା, ଆଶୁତୋଷ ଘୋଷ, କିଶୋର ସାହୁ, ଶ୍ରୀମାରାଣୀ ହୁଇ, ବରୁଣ ଜେନା, ଶୁଚିସ୍ମିତା ପ୍ରଧାନ, ଅଲ୍ଲେନ ଘୋଷ, ସତ୍ୟବ୍ରତ ପ୍ରମାଣିକ, ରଶେ ଜେନା, ବିଜୟ କୁମାର ଶାସମଲ, ରମେଶ ଜେନା, ବିଜୟ ଶାସମଲ, ସତ୍ୟରଂଜନ ପ୍ରଧାନ, ସଂଜୀବ ପାତ୍ର, ରଂଜନ ପାତ୍ର, ତରଣୀ କର, ଏମ୍‌ଡି ରାଜୁ, ଜ୍ୟୋସ୍ନାରାଣୀ ମହାନ୍ତି ପ୍ରମୁଖ ଚାରାବୃକ୍ଷ ବଣ୍ଟନରେ ସହାୟତା କରିଥିଲେ ।


## ଏକାଦଶାହ ଉପଲକ୍ଷେ



ଂ ଚତୁର୍ଭୁଜ ମହାପାତ୍ର (ବାପି)

ଭଗବାନପୁର, ରୂପସା, ମୟୂରଭଞ୍ଜ

ବାପିଭାଇ ! ବଡ ଆରପାରିକି ଯିବାର ଠିକ୍ ୧୩ ଦିନ ପିଠା ପ୍ରସ୍ତୁତି ସମୟରେ ତୁମେ ଆମ୍ଭ ଛଅ ଜଣ ଭାଇ-ଭଉଣୀମାନଙ୍କୁ ନିଷ୍ଠୁର ଭାବେ ଛାଡ଼ିଦେଇ ବୋଉ ସହିତ ରହିବା ପାଇଁ ଆରପାରିକି ଚାଲିଯିବା ଦ୍ୱାରା ଆମ୍ଭ ଛଅ ଜଣଙ୍କ ଡାହାଣ ହାତ ଅକ୍ଷମ ହୋଇଗଲା ଭଳି ବୋଧ ହେଉଛି । ତାହାସତ୍ତ୍ୱେ ଆମ୍ଭେ ପ୍ରଭୁ ଜଗନ୍ନାଥଙ୍କ ଠାରେ ପ୍ରାର୍ଥନା କରୁଅଛୁ କି ତୁମ ଅମର ଆତ୍ମାର ସଦ୍‌ଗତି ହେଉ ।

ନିବେଦକ: ଆମ୍ଭେ ଛଅ ଜଣ ହତଭାଗ୍ୟ ଭାଇ-ଭଉଣୀ ଓ ହତଭାଗ୍ୟ ବାପା ଭଗବାନ ମହାପାତ୍ର


# ଚିହ୍ନଟ ହେଲେ ୧୫୮ ଓ ସୁସ୍ଥ ହେଲେ ୩୬୬ ଆକ୍ରାନ୍ତ

ଭଦ୍ରକ,୧୮/୦୬ (ନି.ପ୍ର): ଭଦ୍ରକ ଜିଲ୍ଲାରୁ ଆଉ ୧୫୮ ଜଣ ନୂତନ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ଏହି ସମୟ ମଧ୍ୟରେ ୩୬୬ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ଏ ପର୍ଯ୍ୟନ୍ତ ଜିଲ୍ଲାରୁ ୪ଲକ୍ଷ ୪୦ ହଜାର ୪୪୫ ଜଣଙ୍କ ନମୁନା ପରୀକ୍ଷା କରାଯାଇଥିବା ବେଳେ ମୋଟ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ୨୦ହଜାର ୬୧୩ ଜଣ ଏବଂ ସୁସ୍ଥ ହୋଇଛନ୍ତି ୧୮ ହଜାର ୪୮୮ ଜଣ । ଏବେ ସକ୍ରିୟଙ୍କ ସଂଖ୍ୟା ରହିଛି ୨୦୮୪ । ଚିହ୍ନଟ ହୋଇଥିବା ଆକ୍ରାନ୍ତମାନେ ବାସୁଦେବପୁର ପୌରପାଳିକାର ୧୦ ନଂ ୱାର୍ଡ, ୧୧ନଂ ୱାର୍ଡ, ୧୭ ନଂ ଓ ୨୦ ନଂ ୱାର୍ଡରୁ ମୋଟ ୫ଜଣ, ଭଦ୍ରକ ପୌରାପାଳିକାର ବନ୍ତଛକ, ଅପର୍ତ୍ତବିନ୍ଧା, ସନ୍ଥିଆ, ଉତ୍ତରବାହିନୀ, ଗବସାହିରୁ ମୋଟ ୯ଜଣ, ବନ୍ତ ବ୍ଲକର ବସନ୍ତିଆ, ବି.ଟି.ପୁର, ଗଣିଜାଙ୍ଗ, ରଇତରା, ତୋଡଙ୍ଗା ଗ୍ରାମରୁ ୮ଜଣ, ଧାମନଗର ବ୍ଲକର ବମକୁରା, ଚୁଡାକୁଟି, କଲ୍ୟାଣୀ, ପଚ୍ଛାଲୋ, କୋଠାର ଗ୍ରାମରୁ ମୋଟ ୧୦ଜଣ, ଚାନ୍ଦବାଲି ବ୍ଲକର ସାରଦିଆ, ଧାମରା, ଯଶିପୁର, କରଞ୍ଜମାଳ, କରଣପଲ୍ଲୀ, ମହୁଲିଆ, ନଳଗୋହିରା, ନୂଆଗାଁ ଗ୍ରାମରୁ ୧୦ଜଣ, ତିହିଡ଼ି ବ୍ଲକର ବାରୋ, ବାରସର, ଜିତାନଗା, ଗୁଆମାଳ, କାଁପଡା, କୋହ୍ଲ, ସୟା, ଶ୍ୟାମସୁନ୍ଦରପୁର, ତାଳପଦା ଗ୍ରାମରୁ ମୋଟ ୧୩ଜଣ, ଭଣ୍ଡାରିପୋଖରୀ ବ୍ଲକର ନାମକଣା, ବୟାଁବନାପୁର, ଦକ୍ଷିଣବାଡ, କଣ୍ଟି, ଅରେଇକଣା, ରାମଚନ୍ଦ୍ରପୁର, ରଞ୍ଜିତ, ପିରିପୁର, ତେସିଂଗା ଗ୍ରାମରୁ ୩୫ଜଣ, ବାସୁଦେବପୁର ବ୍ଲକର ଅଡୁଆଁ, ଆନ୍ଦୋଳା, ଆର୍ଡୁଂ, ବରଣ୍ଡୁଆ, ବିରସ, ବ୍ରାହ୍ମଣୀଗାଁ, ଚୁଡମଣି, କିସ୍ମତକୃଷ୍ଣପୁର, ନରସିଂହପୁର, ସୁଗୋ, ସୁଦର୍ଶନପୁର, ଲୁଙ୍ଗା, ଗୁଆଗଡିଆ, ଇରମ, ଏରତାଳ ଗ୍ରାମରୁ ମୋଟ ୨୭ଜଣ, ଭଦ୍ରକ ବ୍ଲକର ବେତରା, ଚଣ୍ଡିଗାଁ, ଚରମ୍ପା, ଆରଡିଛକ, ଗୋରାମାଟି, କଲେଇ, କେଦାରପୁର, କୋଡବରୁଆଁ, କରେଇପୁର, ରାନ୍ଦିଆ, ସାବରଙ୍ଗ ଗ୍ରାମରୁ ୨୨ଜଣ, ଚାନ୍ଦବାଲି ଏନ୍‌ଏସିରୁ ୬ଜଣ, ଧାମନଗର ଏନ୍‌ଏସିରୁ ୨ଜଣ ଚିହ୍ନଟ ହୋଇଥିବା ବେଳେ ଜିଲ୍ଲାର ୧୧ଜଣ ଜିଲ୍ଲା ବାହାରେ ଚିହ୍ନଟ ହୋଇଛନ୍ତି ।

# ଅକ୍ସିଜେନ ପ୍ଲାଣ୍ଟର ଶିଳାନ୍ୟାସ




ବାରିପଦା,୧୮/୦୬ (ନି.ପ୍ର): ଓଡ଼ିଶାର ସ୍ୱାସ୍ଥ୍ୟ ସେବାର ଉନ୍ନତି ନିମନ୍ତେ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଆଜି ମୟୂରଭଞ୍ଜ ଜିଲ୍ଲାର ବାରିପଦା ସ୍ଥିତ ପିଆରଏମ୍ ହସ୍ପିଟାଲରେ ଅକ୍ସିଜେନ ପ୍ଲାଣ୍ଟର ଶୁଭ ଉଦ୍ଘାଟନ ଏବଂ ଶିଳାନ୍ୟାସ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ପଞ୍ଚାୟତରାଜ, ଜଳ ଯୋଗାଣ, ଆଇନ, ଗୃହ ଓ ନଗର ମନ୍ତ୍ରୀ ପ୍ରତାପ ଜେନା ଉଦ୍ଘାଟନ ଉତ୍ସବରେ ଯୋଗ ଦେବା ସହ ଜିଲ୍ଲାପାଳ ବିନୀତ ଭରଦ୍ୱାଜ, ଆରକ୍ଷୀ ଅଧିକ୍ଷକ ସ୍ମିତ ପି ପରମାର, ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ରୂପଭାନୁ ମିଶ୍ର, ସାଂସଦ ମମତା ମହାନ୍ତ, ବିଧାୟକ ରାଜକିଶୋର ଦାସ, ପୂର୍ବତନ ଜିଲ୍ଲା ସଭାପତି ତଥା ରାଜ୍ୟ କୃଷି ନିଗମ ଅଧକ୍ଷ ଦେବାଶିଷ ମହାନ୍ତି ପ୍ରମୁଖ ଉପସ୍ଥିତ ରହିବା ସହିତ ଉଚ୍ଚପଦସ୍ଥ ସରକାରୀ ଅଧିକାରୀ ଓ ବିଜେଡିର ମହିଳା, ଯୁବ ଓ ଛାତ୍ରର ଶତାଧିକ କର୍ମକର୍ତ୍ତା କୋଭିଡ କଟକଣା ନିୟମ ମାନି ଉପସ୍ଥିତ ରହିଥିଲେ । ଜିଲ୍ଲାର ବିଭିନ୍ନ ହସ୍ପିଟାଲରେ ଚିକିତ୍ସିତ ହେଉଥିବା କୋଭିଡ ରୋଗୀଙ୍କ ସହିତ ସାଧାରଣ ବର୍ଗର ରୋଗୀମାନେ ଆବଶ୍ୟକତା ଅନୁସାରେ ନିରବଚ୍ଛିନ୍ନ ଭାବରେ ଅକ୍ସିଜେନର ସୁବିଧା ପାଇପାରିବେ । ଏଠାରେ ଦୁଇ ପ୍ରକାର ଅକ୍ସିଜେନ ସୁବିଧା ଉପଲବ୍ଧ ହେବାର ବ୍ୟବସ୍ଥା ରହିଛି । ବାୟୁମଣ୍ଡଳରୁ ଅକ୍ସିଜେନ ସଂଗୃହୀତ (ଚାପ ଅଶୋଷଣ ବ୍ୟବସ୍ଥାରେ ମେଡିକାଲ ଅକ୍ସିଜେନ ଉତ୍ପାଦନ ଓ ବଣ୍ଟନ) ବ୍ୟବସ୍ଥା ଏବଂ ଲିକ୍ୟୁଡ ଅକ୍ସିଜେନ ସିଲିଣ୍ଡର (ତରଳ ମେଡିକାଲ ଅକ୍ସିଜେନ ସଂରକ୍ଷଣ ଓ ବଣ୍ଟନ) ଉଭୟ ସେବା ଏଠାରେ ଉପଲବ୍ଧ ହେବ । ଆଜି ଅପରାହ୍ନ ୫-୫୦ ମିନିଟ ସମୟରେ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସ ମାଧମରେ ଏହାର ଶିଳାନ୍ୟାସ କରିଛନ୍ତି । ଏନେଇ ମୟୂରଭଞ୍ଜ ଜିଲ୍ଲାବାସୀ ଅନେକ ଆନନ୍ଦିତ ଥିବା ବେଳେ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି ।


❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001,
Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida

❒ Editor: Sairindhree Sahoo